RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 42 •ISSUE-314 •BHUBANESWAR •TUESDAY •13 MAY 2025 •PAGE-12 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୧୪ •ଭୁବନେଶ୍ୱର •ମଙ୍ଗଳବାର •୧୩ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




# ଟେଷ୍ଟକୁ ବାଏ ବାଏ

| ଟେଷ୍ଟ କ୍ୟାରିୟର | | |
|---|---|---|
| | ମ୍ୟାଚ୍ - ୧୨୩ | ଶତକ - ୩୦ |
| | ରନ - ୯,୨୩୦ | ଦ୍ୱିଶତକ - ୦୭ |
| | ହାରାହାରି - ୪୬.୮୫ | ଅର୍ଦ୍ଧଶତକ - ୩୧ |

ବିସ୍ତୃତ ବିବରଣୀ ଖେଳ ପୃଷ୍ଠାରେ

## ସୁନା କମିଲା, ଷ୍ଟକ୍ ଉଠିଲା | ବଜାର @୩୦୦୦

■ **ମୁମ୍ବଇ,୧୨।୫(ଏଜେନ୍ସି):** ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ଭାରତୀୟ ବଜାରରେ ଉତ୍ସାହ ଫେରିଛି। ଏକସଙ୍ଗେ ସୁନା ଆଉ ଷ୍ଟକ୍ ବଜାର ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏଥିରେ ଘରୋଇ ପୁଞ୍ଜି ବଜାର ଉପରମୁହାଁ ହୋଇଥିବାବେଳେ ସୁନା ବଜାର ହଠାତ୍ ରେକର୍ଡ ସ୍ତରରୁ ତଳକୁ ଖସିଛି। ଗୋଟିଏ କାରବାର ଦିବସରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍ସେକ୍ସରେ ୩୦୦୦ ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିବାବେଳେ ସୁନା ମୂଲ୍ୟରେ ଦିନକରେ ୩୦୦୦ ▶ପୃଷ୍ଠା-୭



- ସେନ୍ସେକ୍ସରେ ୩୦୦୦ ପଏଣ୍ଟ ବୃଦ୍ଧି
- ଗତ ୪ ବର୍ଷରେ ପୁଞ୍ଜି ବଜାରରେ ଦିନକରେ ସବୁଠୁ ବଡ଼ ବୃଦ୍ଧି
- ନିବେଶକ କମାଇଲେ ୧୬ ଲକ୍ଷ କୋଟି

## 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ ଚରମବାଣୀ

# ରକ୍ତ ଓ ପାଣି ଏକ ସମୟରେ ବହିପାରିବନି

- 'ଟେରର୍ ଓ ଟ୍ରେଡ୍' ଏକ ସମୟରେ ଚାଲିପାରିବନି
- ପରମାଣୁ 'ବ୍ଲାକ୍‌ମେଲିଂ'କୁ ସହ୍ୟ କରିପାରିବୁ ନାହିଁ
- ସୀମାପାର୍ ଆତଙ୍କବାଦର କଡ଼ା ଜବାବ ଦିଆଯିବ
- କେବଳ ପିଓକେ ଓ ଆତଙ୍କବାଦ ଉପରେ ଆଲୋଚନା
- ପହଲ୍‌ଗାମ୍ ଆକ୍ରମଣ ପାକ୍ ପ୍ରାୟୋଜିତ ପ୍ରମାଣିତ



■ **ନୂଆଦିଲ୍ଲୀ, ୧୨।୫(ଏଜେନ୍ସି):** ରକ୍ତ ଓ ପାଣି ଏକ ସମୟରେ ବୋହିପାରିବ ନାହିଁ। ଆତଙ୍କବାଦ ଓ କଥାବାର୍ତ୍ତା ଏକ ସମୟରେ ଚାଲିପାରିବ ନାହିଁ। ଆତଙ୍କବାଦର କଡ଼ା ଜବାବ ଦିଆଯିବ। କୌଣସି ପ୍ରକାର ପରମାଣୁ ବ୍ଲାକମେଲିଂ ଆମକୁ ଏଭଳି କାର୍ଯ୍ୟାନୁଷ୍ଠାନରୁ ଅଟକାଇପାରିବ ନାହିଁ। ଆତଙ୍କବାଦର ଗଡ଼ ପାଲଟିଥିବା ପାକିସ୍ତାନକୁ ଆଜି ଏଭଳି ଚରମବାଣୀ ଶୁଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।


'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ଲାଗି ଆଜି ସନ୍ଧ୍ୟା ବେଳେ ଟିଭି ଜରିଆରେ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଭାରତୀୟ ସେନାର ପ୍ରଶଂସା କରି କହିଥିଲେ ଯେ ସେମାନେ ପାକିସ୍ତାନରେ ଆତଙ୍କବାଦୀ, ସେମାନଙ୍କର ଆଡ୍ଡା, ତାଲିମ କେନ୍ଦ୍ର ଏବଂ ଆତଙ୍କବାଦୀଙ୍କୁ ପ୍ରୋତ୍ସାହିତ କରୁଥିବା ଶକ୍ତି ଉପରେ କଡ଼ା ପ୍ରହାର କରିଛନ୍ତି। ଆତଙ୍କବାଦୀଙ୍କର କେବଳ ଆଡ୍ଡା ଧ୍ୱଂସ ହୋଇନାହିଁ, ସେମାନଙ୍କର ମନୋବଳ ମଧ୍ୟ ଦୋହଲିଯାଇଛି। ସେମାନେ କେବେହେଲେ କଳ୍ପନା କରିନଥିଲେ ଯେ ▶ପୃଷ୍ଠା-୭

## ସାମ୍ବାରେ ପୁଣି ଡ୍ରୋନ୍ !

**ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି):** ସୋମବାର ସନ୍ଧ୍ୟାରେ ଡିଜିଏମ୍‌ଓ ସ୍ତରୀୟ ଆଲୋଚନାର କିଛି ଘଣ୍ଟା ପରେ ପାକିସ୍ତାନ ପୁଣି ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ରାତି ୯ଟା ୩୦ରେ ଜମ୍ମୁ-କଶ୍ମୀରର ସାମ୍ବା କ୍ଷେତ୍ରରେ ଡ୍ରୋନ୍ ଦେଖିବାକୁ ମିଳିଛି। ଡ୍ରୋନ ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇଥିବାବେଳେ ଏହାକୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଧ୍ୱଂସ କରିଦେଇଛି। ଏଥିରେ ଭାରତର କୌଣସି କ୍ଷୟକ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ପଞ୍ଜାବ ହୋଶିୟାରପୁରରେ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି। ଏହାକୁ ଦେଖି ସମଗ୍ର ଜିଲ୍ଲାକୁ ବ୍ଲାକଆଉଟ କରିଦିଆଯାଇଛି।

**ହୋଶିୟାରପୁରରେ ପ୍ରଚଣ୍ଡ ବିସ୍ଫୋରଣ**


## ଭାରତ-ପାକ୍ ଡିଜିଏମ୍‌ଓ ସ୍ତରୀୟ ଆଲୋଚନା | ସୀମାରେ ଶାନ୍ତି ପାଇଁ ସହମତି



■ **ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି):** ଅସ୍ତ୍ରବିରତିର ଦୁଇ ଦିନ ପରେ ସୋମବାର ସନ୍ଧ୍ୟାରେ ଭାରତ-ପାକିସ୍ତାନ ମଧ୍ୟରେ ଡିଜିଏମ୍‌ଓ ସ୍ତରୀୟ ବୈଠକ ହୋଇଛି। ହଟ୍‌ଲାଇନ ମାଧ୍ୟମରେ ଭାରତର ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏବଂ ପାକିସ୍ତାନ ଡିଜିଏମ୍‌ଓ ମେଜର ଜେନେରାଲ କାଶିମ ଅବଦୁଲ୍ଲାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ବୈଠକରେ ଅସ୍ତ୍ରବିରତି, ସୀମାରୁ ସୈନ୍ୟ ହ୍ରାସ ଏବଂ ଆଞ୍ଚଳିକ ସୁରକ୍ଷା ଚିନ୍ତା ଉପରେ ଆଲୋଚନା କରାଯାଇଥିଲା। ଏଲ୍‌ଓସିରେ ଶାନ୍ତି ପାଇଁ ଅସ୍ତ୍ରବିରତି ବଜାୟ ରଖିବାକୁ ଦୁଇ ଦେଶ ରାଜି ହୋଇଛନ୍ତି। ସୀମାରେ ଆଉ ଗୁଳିଗୋଳା ମାଡ଼ କରିବୁ ନାହିଁ, ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେବୁନାହିଁ ବୋଲି ପାକିସ୍ତାନ କହିଛି। ସୀମାରୁ ସୈନ୍ୟ ହ୍ରାସ କରିବାକୁ ମଧ୍ୟ ଉଭୟ ରାଷ୍ଟ୍ର ସହମତି ପ୍ରକାଶ କରିଛନ୍ତି। ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଯେ ସୀମାରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ ନ କରିବା ପାଇଁ ଦୁଇ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସୀମାର ଫରୱାର୍ଡ ପୋଷ୍ଟରୁ ସୈନ୍ୟ ହ୍ରାସ କରିବାକୁ ମଧ୍ୟ ରାଜି ହୋଇଛନ୍ତି।

## ଆଇସିଆରଏ ରିପୋର୍ଟ ୨୦୧୫-୨୦୨୫ / ଶିଳ୍ପ ଯୁଗର ସୁବର୍ଣ୍ଣ ଦଶନ୍ଧି

### ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ସାରା ଦେଶରେ ଶ୍ରେଷ୍ଠ




■ **ଭୁବନେଶ୍ୱର, ୧୨।୫ (ସମିସ):** ୨୦୧୫ରୁ ୨୦୧୫। ଓଡ଼ିଶା ଶିଳ୍ପ ଯୁଗରେ ଆଣିଥିଲା ସୁବର୍ଣ୍ଣ ଦଶନ୍ଧି। ରାଜ୍ୟରେ ନିବେଶ, ଶିଳ୍ପାୟନ ଆଦି କ୍ଷେତ୍ରରେ ଓଡ଼ିଶା ଏହି ଦଶନ୍ଧିରେ ଅପୂର୍ବ ସଫଳତା ହାସଲ କରିବା ସହ ସାରା ଦେଶରେ ଶୀର୍ଷସ୍ଥାନ ଅଧିକାର କରିଛି। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସଫଳତାକୁ ସ୍ୱୀକୃତି ଦେଇଛି ଜାତୀୟସ୍ତରର ସଂସ୍ଥା। ଇନଭେଷ୍ଟମେଣ୍ଟ ଇନଫରମେସନ ଆଣ୍ଡ କ୍ରେଡିଟ ରେଟିଂ(ଆଇସିଆରଏ) ରିପୋର୍ଟ ଅନୁଯାୟୀ ଗତ ଏକ ଦଶକ ଅର୍ଥାତ୍ ୨୦୧୫ରୁ ୨୦୨୪ ମସିହା ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଚମକପ୍ରଦ, ଶ୍ରେଷ୍ଠ ଉପଲବ୍ଧି ହାସଲ କରିପାରିଛି। ଏହି ଦଶନ୍ଧ ମଧ୍ୟରେ ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ ଗ୍ରସ ଷ୍ଟେଟ ଭ୍ୟାଲୁ ଆଡେଡ (ଜିଏସଭିଏ)/ସକଳ ରାଜ୍ୟ ମୂଲ୍ୟଯୁକ୍ତ ଅଭିବୃଦ୍ଧି ବାର୍ଷିକ ୧୦ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଯାହା ସାରା ଦେଶରେ ସର୍ବାଧିକ। ଆଇସିଏଆର ପ୍ରକାଶିତ ରିପୋର୍ଟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି ଓ ଓଡ଼ିଶାର ରୂପାନ୍ତରଣ ଯାତ୍ରାରେ ସହଭାଗୀ ▶ପୃଷ୍ଠା-୭

## ରାଜଧାନୀରେ ପୁଣି ଆତଙ୍କ ଖେଳାଇଲେ ଅପରାଧୀ

# ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ

■ **ଭୁବନେଶ୍ୱର,୧୨।୫(ସମିସ):** ରାଜଧାନୀରେ ବିଗିଡ଼ି ଗଲାଣି ଆଇନଶୃଙ୍ଖଳା। ଆତଙ୍କ ଖେଳାଇଲେଣି ଅପରାଧୀ। କମିସନରେଟ୍ ପୁଲିସ ଏକରକମ ଅସହାୟ ହୋଇପଡ଼ିଛି। ଦୁଇ ଦିନ ତଳେ ବାରରେ ଗୁଳିମାଡ଼ କରି ନିଜର ସ୍ଥିତି ଜାହିର କରିଥିବା ଅପରାଧୀମାନେ ଆଜି ଖଣ୍ଡା ଧରି ଆକ୍ରମଣ କରିଛନ୍ତି।

ଆଜି ସଂଧ୍ୟାରେ ଏଭଳି ଆକ୍ରମଣ ହୋଇଛି ଏୟାରପୋର୍ଟ ଥାନା ନୂଆ ଫରେଷ୍ଟ ପାର୍କ ଅଞ୍ଚଳରେ। ଜଣେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ▶ପୃଷ୍ଠା-୭

**କାର୍‌ରେ ଆସିଥିଲେ ୭ରୁ ୮ ଦୁର୍ବୃତ୍ତ**

**ପାଇପ୍‌ରେ ପିଟିଲେ, ଖଣ୍ଡାରେ ହାଣିଲେ**








## ପିପିଲିରେ ପୁଣି ଲଜ୍ଜା

# ନାବାଳିକାକୁ ଦୁଷ୍କର୍ମ

■ **ପିପିଲି, ୧୨।୫ (ସମିସ):** ପିପିଲିରେ ଲଜ୍ଜା। ଏନ୍‌ଏସି ଅଞ୍ଚଳରେ ରହୁଥିବା ୭ ବର୍ଷୀୟ ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଜଣେ ବୃଦ୍ଧଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ, ଏହି ଘଟଣା ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଗତକାଲି ଦିନବେଳା ନାବାଳିକାଜଣଙ୍କ ନିଜ ଘର ପାଖରେ ଖେଳୁଥିଲା। ନାବାଳିକାକୁ ଏକୁଟିଆ ଦେଖି ପଡ଼ୋଶୀରେ ଭଡ଼ା ଘରେ ରହୁଥିବା ମେଦିନୀପୁର ଅଞ୍ଚଳର ଫେରିବାଲା ସେଖ ବରେଲି (୬୭) ତାକୁ ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇଥିଲା ଏବଂ ସେଠାରେ ଦୁଷ୍କର୍ମ କରିଥିଲା। ଏହାସହ ଏ ସମ୍ପର୍କରେ କାହାରିକୁ ଜଣାଇଲେ, ହତ୍ୟା କରିଦେବ ବୋଲି ଧମକାଇଥିଲା। ନାବାଳିକାଜଣଙ୍କ ଭୟରେ କାହାକୁ କିଛି କହିନଥିଲା। କିନ୍ତୁ ରାତିରେ ଅସହ୍ୟ କଷ୍ଟ ହେବାରୁ ସେ ତା' ମା'କୁ ସବୁ ଜଣାଇଥିଲା। ଆଜି ସକାଳେ ପରିବାରଲୋକେ ତାକୁ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଏ ସମ୍ପର୍କରେ ପିପିଲି ଥାନାରେ ଅଭିଯୋଗ କରାଯାଇଥିଲା। ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ପିପିଲି ପୁଲିସ୍ ନମ୍ବର ୨୯୩/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

**ମାମଲା ରୁଜୁ**
**ବୃଦ୍ଧ ଅଟକ**




# କ୍ଷତିଗ୍ରସ୍ତ ହୋଇଛି କି ପାକ୍ ପରମାଣୁ ଅସ୍ତ୍ର ଭଣ୍ଡାର ?



ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ପାକିସ୍ତାନର କିରାନା ହିଲ୍ସ ଆଣବିକ ସଂରକ୍ଷଣ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି । ଏହି କାରଣରୁ ବିକରଣ ହୋଇଛି ଏବଂ ଗତ ଦୁଇ ଦିନ ମଧ୍ୟରେ ତିନି ଥର ଭୂକଂପ ମଧ୍ୟ ହୋଇଛି । ଆଣବିକ ବିକରଣକୁ ନିଷ୍କ୍ରିୟ କରିବା ଲାଗି ଇଜିପ୍ଟରୁ ଏକ ସ୍ୱତନ୍ତ୍ର ସାମରିକ ବିମାନ ଚୀନ ଦେଇ ପାକିସ୍ତାନ ଆସିଛି । ପାକିସ୍ତାନ ଗଣମାଧ୍ୟମରେ ଏଭଳି ଚର୍ଚ୍ଚା ଜୋର ଧରିଛି । ଭାରତ କ୍ଷେପଣାସ୍ତ୍ର ମାଡ଼ରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି ।

ଗତ ଗୁରୁବାର ରାତିରେ ପାକିସ୍ତାନ ସେନା ଦିଲ୍ଲୀକୁ ଟାର୍ଗେଟ୍ କରି ଦୀର୍ଘଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଫତେହ-୨) ମାଡ଼ କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ଭାରତୀୟ ସେନା ଏହାକୁ ନିଷ୍କ୍ରିୟ କରି ହରିଆଣାର ହିସାର୍ ଅଞ୍ଚଳରେ ଖସାଇ ଦେଇଥିଲା । ପାକିସ୍ତାନର ଏହି ଆକ୍ରମଣରୁ ଭାରତ ଏକ ଭୟଙ୍କର ସ୍ଥିତିରୁ ବର୍ତ୍ତି ଯାଇଥିଲା ବେଳେ ଭାରତୀୟ ସେନା ପରବର୍ତ୍ତୀ ମୁହୂର୍ତ୍ତରେ ପାକିସ୍ତାନ ଉପରେ ଭୟଙ୍କର ଆକ୍ରମଣ କରିଥିଲା । ଯାହାକି ତିନି ଦିନର ଅପରେସନ୍ ସିନ୍ଦୂରରେ ସବୁଠୁ ଭୟାନକ ଥିଲା । ଭାରତୀୟ ସେନା ପାକିସ୍ତାନର ୮ଟି ପ୍ରମୁଖ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା । ଶକ୍ତିଶାଳୀ କ୍ରୁଜ୍ କ୍ଷେପଣାସ୍ତ୍ର ବ୍ରହ୍ମୋସ୍ ଦ୍ୱାରା ଭାରତୀୟ ସେନା ରାୱଲପିଣ୍ଡି ସମେତ ପଞ୍ଜାବ ପ୍ରଦେଶ ସ୍ଥିତ ସରଗୋଦା ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଆକ୍ରମଣ ବେଳେ ଭାରତ ପାକିସ୍ତାନ ସେନାର ଗୁରୁତ୍ୱପୂର୍ଣ୍ଣ କିରାନା ହିଲ୍ସକୁ ଟାର୍ଗେଟ୍ କରିଥିବା ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

ଆଜି ସାମ୍ବାଦିକମାନେ ଏସଂପର୍କରେ ପ୍ରଶ୍ନ କରିବାରୁ ଏୟାର୍ ମାର୍ଶାଲ୍ ଭାରତୀ ସାମାନ୍ୟ ହସି ବ୍ୟଙ୍ଗାତ୍ମକ ଭାବେ ଧନ୍ୟବାଦ ଜଣାଇ କହିଥିଲେ, ଆମେ ଯେଉଁ ବିଷୟରେ ଜାଣିନଥିଲୁ, ସେ ସମ୍ପର୍କରେ ଆପଣମାନେ ଜଣାଇଛନ୍ତି । କିନ୍ତୁ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଉପରେ କୌଣସି ଆକ୍ରମଣ କରାଯାଇନାହିଁ ବୋଲି କହିଥିଲେ । ପାକିସ୍ତାନର ପଞ୍ଜାବ ପ୍ରଦେଶ ସ୍ଥିତ ସରବୋଦା ଜିଲ୍ଲାରେ ରହିଥିବା କିରାନା ହିଲ୍ସ ପାକିସ୍ତାନ ପ୍ରତିରକ୍ଷା ବିଭାଗର ପ୍ରମୁଖ ଅସ୍ତ୍ର ଭଣ୍ଡାର ଭାବେ ପରିଚିତ । ବିଶେଷକରି ଏଠାରେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ସଂରକ୍ଷିତ କରାଯାଇଥିବା ବେଳେ ଏହା ପାକିସ୍ତାନ ସେନା ପାଇଁ ସଞ୍ଜିବନୀ ଭାବେ ଜଣାଶୁଣା । କୁହାଯାଏ ଯେ କିରାନା ହିଲ୍ସ ମଧ୍ୟରେ ରହିଥିବା ସୁଦୃଢ଼ ଗୁମ୍ଫାଗୁଡ଼ିକ ମଧ୍ୟରେ ପାକିସ୍ତାନୀ ସେନା ଏହାର ପରମାଣୁ

**■ ପରମାଣୁ ବିକରଣ ନେଇ ଚର୍ଚ୍ଚା**

**■ ସଜାଡ଼ିବାକୁ ଇଜିପ୍ଟରୁ ଆସିଲା ବିମାନ**

**■ ଭୂକଂପରେ ଥରୁଛି ପାକିସ୍ତାନ**

ଯୁଦ୍ଧାସ୍ତ୍ର ସଂରକ୍ଷଣ କରି ରଖିଛି । ସରଗୋଦା ବାୟୁସେନା ଘାଟିରୁ ଏହି ଅଞ୍ଚଳ ମାତ୍ର ୨୦ କିଲୋମିଟର ଦୂରରେ ରହିଥିବା ବେଳେ ପାକିସ୍ତାନର କୁସାବ ପରମାଣୁ କେନ୍ଦ୍ରଠାରୁ ଏହା ୭୫ କିଲୋମିଟର ଦୂରରେ ରହିଛି ।

ତେବେ ଏହି ବିଷୟକୁ ନେଇ କିଛି ରହସ୍ୟ ଅଛି ବୋଲି ଆକଳନ କରାଯାଉଛି । ଯଦି ଅସ୍ତ୍ରବିରତିର ପୂର୍ବ କିଛି ଘଣ୍ଟାର ସ୍ଥିତି ସମ୍ପର୍କରେ ବିଚାର କରାଯାଏ ତେବେ ଭାରତୀୟ ସେନାର ଆକ୍ରମଣରେ କିରାନା ହିଲ୍ସରେ ଗଚ୍ଛିତ ପରମାଣୁ ଅସ୍ତ୍ର କ୍ଷତିଗ୍ରସ୍ତ ହୋଇଛି ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି । ଆକ୍ରମଣରେ ଛାନିଆ ହୋଇ ପାକିସ୍ତାନୀ ସେନା ତୁରନ୍ତ ଆମେରିକା ଶରଣ ପଶିଥିଲା । ଏହା ପରେ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ତୁରନ୍ତ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ସହ କଥା ହୋଇ ତୁରନ୍ତ ଉଭୟ ପକ୍ଷ ଉତ୍ତେଜନା ହ୍ରାସ କରିବା ପାଇଁ କହିଥିଲେ । ଏହାର କିଛି ଘଣ୍ଟା ପରେ ଭାରତ ଏବଂ ପାକିସ୍ତାନ ଅସ୍ତ୍ରବିରତି ସମ୍ପର୍କରେ ଘୋଷଣା କରିଥିଲେ ।

ପୁଣି ଗତ ଦୁଇ ଦିନରେ ତିନି ଥର ଭୂକଂପ ହୋଇଥିବା ଜଣାପଡ଼ିଛି । ପରମାଣୁ ପରୀକ୍ଷା କିମ୍ବା ପରମାଣୁ ଅସ୍ତ୍ର ଭଣ୍ଡାର ଉପରେ ଆକ୍ରମଣ ହେଲେ ଏପରି ଭୂମିକଂପ ହୁଏ ବୋଲି କୁହାଯାଉଛି । ଇତିମଧ୍ୟରେ ଇଜିପ୍ଟର ଏକ ସାମରିକ ବିମାନ ପାକିସ୍ତାନରେ ପହଞ୍ଚିବା ଘଟଣା ବିଶେଷଜ୍ଞ ମହଲକୁ ବିସ୍ମିତ କରିଛି । ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର କିରାନା ହିଲ୍ସ ସ୍ଥିତ ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଏହି ବିମାନରେ ଇଜିପ୍ଟରୁ 'ବୋରନ୍' ଭଳି ଏକ ଦୁର୍ଲଭ ସାମଗ୍ରୀ ଆଣିଛି ବୋଲି କୁହାଯାଉଛି । ଇଜିପ୍ଟର ଇଜିୱାଇ-୧୯୧୬ ବିମାନଟି ଭୂର୍ବନ ବିମାନବନ୍ଦରରୁ ବାହାରି ଚୀନ ଦେଇ ପାକିସ୍ତାନରେ ପହଞ୍ଚିଥିଲା । ଇଜିପ୍ଟର ନୀଳ ନଦୀର ସନ୍ତସନ୍ତିଆ ଅଞ୍ଚଳରେ 'ବୋରନ୍' ନାମକ ଏକ ପଦାର୍ଥ ମିଳେ ଯାହାକି ପରମାଣୁ ଅସ୍ତ୍ର ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ । ୟୁରାନିୟମ୍ ବିକରଣରୁ ବୋରନ୍-୧୦ ଥର୍ମାଲ୍ ନ୍ୟୁଟ୍ରନ୍ ଗ୍ରହଣ କରିବା କ୍ଷମତା ରଖିଥିବାରୁ ଏହାକୁ ଆଣବିକ ଶକ୍ତିକେନ୍ଦ୍ରରେ ବ୍ୟବହାର କରାଯାଇଥାଏ । ଏହାଛଡ଼ା ଜରୁରୀକାଳୀନ ଆଣବିକ ଅସ୍ତ୍ର ପ୍ରସ୍ତୁତି ଏବଂ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ବୋରନ୍-୧୦ର ଉପାଦେୟତା ଯଥେଷ୍ଟ ରହିଛି ।

## ଭାରତୀୟ ସେନାର ଘୋଷଣା
# ନୂଆ ମିସନ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଭୟ ବିନୁ ହୋୟ ନ ପ୍ରୀତି । ଅର୍ଥାତ୍ ବିନା ଭୟରେ ଭକ୍ତି ଆସେନାହିଁ । ରାମଚରିତମାନସରୁ ଉଦ୍ଧୃତ ଏହି ଦୋହାର ଉଦାହରଣ ଦେଇ ଭାରତୀୟ ସେନା ପାକିସ୍ତାନ ସହିତ ତୁର୍କୀ, ଚୀନ୍‌କୁ କଡ଼ା ବାର୍ତ୍ତା ଦେଇଛି । ଆକ୍ରମଣକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି । ତୁର୍କୀ ହେଉ କି ଆଉ କାହାର ଡ୍ରୋନ ଭାରତ ନିଜର ଶକ୍ତି ଦେଖାଇଛି । ଯେକୌଣସି ଟେକ୍ନୋଲୋଜିର ସାମ୍ନା କରିବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ସେନା ପକ୍ଷରୁ ଏୟାର ମାର୍ଶାଲ ଅବଧେଶ କୁମାର ଭାରତୀ କହିଛନ୍ତି । ଅପରେସନ ସିନ୍ଦୂରକୁ ନେଇ ଭାରତୀୟ ସେନା ପକ୍ଷରୁ ଆଜି ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ, ନୌସେନାର ଉପମୁଖ୍ୟ ଏଏନ ପ୍ରମୋଦ ଏବଂ ଏୟାର ମାର୍ଶାଲ ଭାରତୀ କହିଛନ୍ତି ଯେ ଭାରତର ଲଢ଼େଇ କେବଳ ଆତଙ୍କବାଦ ବିରୋଧରେ ଥିଲା । ଏହା ପାକିସ୍ତାନ ସେନା ବିରୋଧରେ ନ ଥିଲା । କିନ୍ତୁ ପାକିସ୍ତାନ ସେନା ମୁଣ୍ଡ ପୂରାଇ ଆତଙ୍କବାଦୀଙ୍କୁ ସମର୍ଥନ କରିଥିଲା । ଭାରତ ଉପରେ ଆକ୍ରମଣ କରିଥିଲା । ଚୀନ୍ ନିର୍ମିତ କ୍ଷେପଣାସ୍ତ୍ର ପିଏଲ-୧୫ ଏବଂ ତୁର୍କୀ ଡ୍ରୋନ ମାଡ଼ କରିଥିଲା । ସେଥିପାଇଁ ଭାରତକୁ ଜବାବ ଦେବାକୁ ପଡ଼ିଥିଲା । ପାକିସ୍ତାନ ମାଡ଼ କରିଥିବା ଦୀର୍ଘ ଦୂରଗାମୀ ରକେଟ, ୟୁଏଭି, କିଛି କାପ୍ଟର୍ସ ଏବଂ ଡ୍ରୋନ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲା । ଭାରତର ଅଭେଦ୍ୟ ଏୟାର ଡିଫେନ୍ସ ସିଷ୍ଟମ ଏ ସବୁକୁ ଆକାଶରେ ହିଁ ଧ୍ୱଂସ କରି ଦେଇଥିଲା । ପରେ ଭାରତ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନର ସାମରିକ ଠିକଣାରେ ଆକ୍ରମଣ କରିଥିଲା । ଆକାଶ ସିଷ୍ଟମ ଦ୍ୱାରା ପାକ୍ ଆକ୍ରମଣର ଜବାବ ଦିଆଯାଇଥିଲା । ଏବେ ଭାରତର ସବୁ ସେନା ଘାଟୀ ଏବଂ ବ୍ୟବସ୍ଥା ସକ୍ରିୟ ହୋଇ ରହିଛି । ଆବଶ୍ୟକ ପଡ଼ିଲେ ନୂଆ ମିଶନ ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ଏୟାର ଅପରେସନ ଡିଜି ଏୟାର ମାର୍ଶାଲ ଏକେ ଭାରତୀ କହିଛନ୍ତି ।

ସେହିପରି ଲେଫ୍ଟନାଣ୍ଟ ଜେନେରାଲ ଘାଇ କହିଲେ, ଭାରତର ଅନ୍ତର୍ଜାତୀୟ ସୀମାରେ ଏୟାର ଡିଫେନ୍ସ ସିଷ୍ଟମ, ଭିଣ୍ଟେଜ ଏୟାର ଡିଫେନ୍ସ ସିଷ୍ଟମ ଏବଂ ମଡର୍ଣ୍ଣ ଏୟାର ଡିଫେନ୍ସ ସିଷ୍ଟମ ରହିଥିଲା । ଏହାର ଅଭେଦ୍ୟ ପ୍ରାଚୀରକୁ ପାରକରି ଆକ୍ରମଣ କରିବା କଠିନ ଥିଲା । ୧୯୭୪ର ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଆସେସ ସିରିଜର ଉଦାହରଣ ଦେଇଥିଲେ । ଏହି ସିରିଜରେ ୫୮ ୱିକେଟ ନେଇ ଅଷ୍ଟ୍ରେଲିଆର ଦୁଇ ବୋଲର ଡେନିସ ଲିଲି ଏବଂ ଜେଫ ଥମସନ ଇଂଲଣ୍ଡକୁ ଧରାଶାୟୀ କରିଦେଇଥିଲେ । ଏବେ ଭାରତୀୟ ସେନା ପାକିସ୍ତାନର ସ୍ଥିତିକୁ ସେହିଭଳି କରିଦେଇଛି । ଲିଲି ଏବଂ ଥମସନଙ୍କ ଭଳି ଭାରତ ଏୟାର ଡିଫେନ୍ସର ଅନେକ ସ୍ତର ରହିଛି । ଗୋଟିଏ ପାର କରି ଆସିଲେ ଅନ୍ୟଟି ଧ୍ୱଂସ କରିଦେଉଛି ।

## ଖୋଲିଲା ୩୨ ବିମାନବନ୍ଦର

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): 'ଅପରେସନ ସିନ୍ଦୂର' ପାଇଁ ବନ୍ଦ କରି ଦିଆଯାଇଥିବା ୩୨ଟି ବିମାନବନ୍ଦରକୁ ପୁଣିଥରେ ଖୋଲାଯାଇଛି । ଦେଶର ଉତ୍ତର ଏବଂ ପଶ୍ଚିମ ଭାଗରେ ଥିବା ଏହି ବିମାନବନ୍ଦର ଖୋଲିବା ପାଇଁ ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏଗୁଡିକ ମଧ୍ୟରେ ଅମ୍ବାଲା, ଅଦମପୁର, ଅମୃତସର, ଅବନ୍ତୀପୁର, ଭଟିଣ୍ଡା, ଭୁଜ, ବିକାନେର, ଚଣ୍ଡିଗଡ଼, ହଲୱାରା, ହିଣ୍ଡନ, ଜୈସାଲମେର, ଜମ୍ମୁ, ଜାମନଗର, ଯୋଧପୁର, କାଣ୍ଡଲା, କାଙ୍ଗଡା, କିଶନଗଡ଼, କୁଲୁ ମନାଲୀ, ଲେହ, ଲୁଧିଆନା, ମୁନ୍ଦ୍ରା, ନଲିୟା, ପଠାନକୋଟ, ପଟିଆଲା, ପୋରବନ୍ଦର, ରାଜକୋଟ, ସରସାୱା, ସିମଲା, ଶ୍ରୀନଗର, ଥୋଏସ୍ ଏବଂ ଉତ୍ତରଲାଇ ସାମିଲ ରହିଛି । ଉତ୍ତେଜନା ଯୋଗୁଁ ଏହି ସବୁ ବିମାନବନ୍ଦରରୁ ୨୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ ହୋଇଥିଲା ।

## ପାକିସ୍ତାନକୁ ଅସ୍ତ୍ର ପଠାଇନୁ: ଚୀନ୍

ବେଜିଂ, ୧୨।୫ (ଏଜେନ୍ସି): ପାକିସ୍ତାନକୁ ସବୁଠୁ ବଡ଼ କାର୍ଗୋ ବିମାନ ଜିଆନ ୱାଇ-୨୦ରେ ଅସ୍ତ୍ର ପଠାଇବାକୁ ନେଇ ଚୀନ୍‌କୁ ଚାରିଆଡୁ ସମାଲୋଚନା କରାଯାଉଛି । ଆତଙ୍କବାଦକୁ ସମର୍ଥନ ପାଇଁ ଭର୍ତ୍ସନା କରାଯାଉଛି । ଏପରି ସମୟରେ ଚୀନ୍ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ପଠାଇ ନ ଥିବା କହିଛି । ଏଭଳି ଖବର ଉପରେ ଆପତ୍ତି ଉଠାଇଛି । ଚୀନ୍ ପ୍ରତିରକ୍ଷା ମନ୍ତ୍ରାଳୟ ଏହାକୁ ମିଥ୍ୟା ଏବଂ ଆଧାରହୀନ ଦର୍ଶାଇଛି । ଏହି ଅପପ୍ରଚାର କରୁଥିବା ସୋସିଆଲ ମିଡିଆ ପୋଷ୍ଟ ମଧ୍ୟ ସେୟାର କରିଛି । ଏହା ସହିତ ଇଣ୍ଟରନେଟ ଆଇନଠାରୁ ଉର୍ଦ୍ଧ୍ୱରେ ନୁହେଁ ବୋଲି ଚେତାବନୀ ଦେଇଛି ।

## ଟ୍ରକ୍-ଟ୍ରେଲର୍ ଧକ୍କାରେ ୧୩ ମୃତ

ରାୟପୁର, ୧୨।୫ (ଏଜେନ୍ସି): ଛତିଶଗଡ଼ ରାୟପୁରରେ ରବିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଠାରେ ବଙ୍ଗୋଲି ନିକଟରେ ଏକ ମିନି ଟ୍ରକ ଏବଂ ଟ୍ରେଲର ମଧ୍ୟରେ ଧକ୍କା ହୋଇ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ୧୪ ଜଣ ମଧ୍ୟ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୧୦ ମହିଳା ଏବଂ ୩ ଶିଶୁ ସାମିଲ ଅଛନ୍ତି । ଟ୍ରକରେ ଯାତ୍ରା କରୁଥିବା ଲୋକେ ଏକ କାର୍ଯ୍ୟକ୍ରମରୁ ଫେରୁଥିଲେ । ଏହା ଖରୋରାରୁ ବାନା ଗ୍ରାମରୁ ବାହାରି ଥିଲା । ସେହିପରି ଟ୍ରେଲର ରାୟପୁରରୁ ଫେରୁଥିଲା । ଡ୍ରାଇଭରଙ୍କ ଭୁଲ୍ ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଉଛି । କାରଣ ସେ ଟୋଲ୍ ଦେବାରୁ ବର୍ତ୍ତିବା ଲାଗି ଅନ୍ୟ ରାସ୍ତାରେ ଗାଡ଼ି ଆଣିଥିଲେ । କିଛି ସମୟ ପରେ ଏହା ମିନିଟ୍ରକକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ଅନେକ ମହିଳା ଏବଂ ଶିଶୁଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇ ଯାଇଥିଲା । ଏମାନେ ମିନିଟ୍ରକରେ ବସି ଘରକୁ ଫେରୁଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## କେଶ ପ୍ରତିରୋପଣ କରି ଜୀବନ ହରାଇଲେ ଇଞ୍ଜିନିୟର

ଗୋରଖପୁର, ୧୨।୫ (ଏଜେନ୍ସି): ଉତ୍ତରପ୍ରଦେଶର ଗୋରଖପୁରରେ ଜଣେ ଇଞ୍ଜିନିୟରଙ୍କ ପାଇଁ କେଶ ପ୍ରତିରୋପଣ କାଳ ସାବ୍ୟସ୍ତ ହୋଇଛି । ଏଥିପାଇଁ ସହକାରୀ ଯନ୍ତ୍ରୀ ବିନୀତ ଦୁବେଙ୍କ ମୃତ୍ୟୁ ହୋଇଛି । ତାଙ୍କ ପତ୍ନୀ ଜାୟ ଦୁବେ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲରେ ଏ ନେଇ ଅଭିଯୋଗ କରିଛନ୍ତି । ଏବେ ପୁଲିସ ପ୍ରତିରୋପଣ କରିଥିବା ଡାକ୍ତରଙ୍କ ବିରୋଧରେ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ବିନୀତ ଦୁବେ କାନପୁରର ପନକି ପାୱାର ପ୍ଲାଣ୍ଟରେ କାମ କରୁଥିଲେ । ହୋଲି ଛୁଟିରେ ସ୍ତ୍ରୀ ଘରକୁ ଯାଇଥିବାବେଳେ ମାର୍ଚ୍ଚ ୧୨ ତାରିଖରେ ସ୍ୱାମୀ କଲ୍ୟାଣପୁରର ଡାକ୍ତର ଅନୁଷ୍କା ତିୱାରୀଙ୍କ ପାଖରେ କେଶ ପ୍ରତିରୋପଣ କରିଥିଲେ । ପ୍ରିତରୋପଣ ପରେ ବିନୀତଙ୍କ ମୁହଁ ଫୁଲି ଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା । ଏଥିପାଇଁ ଡାକ୍ତର ତାଙ୍କୁ ଅନ୍ୟ ସ୍ଥାନରେ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ମାର୍ଚ୍ଚ ୧୫ରେ ସେ ପ୍ରାଣ ହରାଇ ଥିଲେ ।






# ସାମ୍ନାକୁ ଆସିଲା ଉପଗ୍ରହ ଚିତ୍ର: ପାକିସ୍ତାନ ବାୟୁସେନା ଘାଟି ଧ୍ୱଂସ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'କୁ ନେଇ ମିଥ୍ୟା ଦାବି କରୁଥିବା ପାକିସ୍ତାନର ମୁଖା ଖୋଲିଯାଇଛି । ଉପଗ୍ରହ ଚିତ୍ର ପାକିସ୍ତାନ ମିଛର ଗୁମରକୁ ପର୍ଦ୍ଦାଫାସ କରିଦେଇଛି । ଭାରତର ଆକ୍ରମଣରେ ପାକିସ୍ତାନର ସାମିରକ ପ୍ରତିଷ୍ଠାନ ଏବଂ ବାୟୁସେନା ଘାଟି ଧ୍ୱଂସ ହୋଇଯାଇଥିବା ଦେଖାଯାଉଛି । ଚୀନ୍ କମ୍ପାନୀ ମିଜାଭିଜନ ଏହି ଉପଗ୍ରହ ଚିତ୍ର ଜାରି କରିଛି । ଏଥିରେ ରଣନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପାକିସ୍ତାନର ନୁର ଖାନ ବାୟୁସେନା ଘାଟିରେ ବିପୁଳ କ୍ଷୟକ୍ଷତି ହୋଇଥିବା ଦେଖାଯାଉଛି । ରାୱଲପିଣ୍ଡି ସ୍ଥିତ ଏହି ଘାଟି ପାକିସ୍ତାନ ସେନା ମୁଖ୍ୟାଳୟ ନିକଟରେ ରହିଛି । ଏଠାରେ ମୁଖ୍ୟ ପରିବହନ ବିମାନର ସ୍କ୍ୱାଡ୍ରନ ରହିଥିଲା । ଲଜିଷ୍ଟିକ ଏବଂ ରଣନୈତିକ ଅଭିଯାନରେ ସି-୧୩୦ ହରକୁଲେସ, ସାବ୍ ୨୦୦୦, ଆଇଏଲ-୭୮ ସମେତ ଅନେକ ଯୁଦ୍ଧ ଏବଂ ପରିବହନ ବିମାନ ରହିଥିଲା । ଜାକୋବାବାଦ ଏୟାରବେସ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଭାରତୀୟ ସଂସ୍ଥା କାୱାସ୍ପେସ ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଚିତ୍ରରୁ ଏହା ଦେଖିବାକୁ ମିଳୁଛି । ହ୍ୟାଙ୍ଗରଟି ନଷ୍ଟ ହୋଇଯାଇଛି । ବାୟୁସେନା ଘାଟୀରେ ସଠିକ୍ ଆକ୍ରମଣ କରି ଭାରତର ବାୟୁସେନା ଅଣ୍ଟା ଭାଙ୍ଗି ଦେଇଥିଲା । ଏଥିପାଇଁ ଏହି ଦେଶ ଅସ୍ତ୍ରବିରତି ଲାଗି ଆଗଭର ହୋଇଥିଲା । ଭାରତ ନରୁଖାନ, ମୁରିଦ, ରଫିକ ବେସ୍ ଉପରେ ଆକ୍ରମଣ କରିଥିଲା ବୋଲି ପୂର୍ବରୁ ପାକିସ୍ତାନ ସେନା ପକ୍ଷରୁ କୁହାଯାଇଥିଲା ।

**ସୀମାରେ ନଜର ରଖିଥିଲା ୧୦ ଉପଗ୍ରହ**

ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ ଭାରତୀୟ ଉପଗ୍ରହଗୁଡିକ ଜାଗ୍ରତ ପ୍ରହରି ସାଜିଥିଲେ । ସୀମା ଉପରେ ୧୦ ଉପଗ୍ରହ ତୀକ୍ଷଣ ଦୃଷ୍ଟି ରଖିଥିଲେ । ଶତ୍ରୁର ଗତିବିଧି ବିଷୟରେ ଟିକିନିଖି ସୂଚନା ଦେଉଥିଲେ । ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ମୁଖ୍ୟ ଭି ନାରାୟଣନ ଏହି ସୂଚନା ଦେଇଛନ୍ତି । ଇମ୍ଫାଲର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ସେ ରବିବାର କହିଥିଲେ ଯେ ଦେଶବାସୀଙ୍କ ସୁରକ୍ଷା ଏବଂ ରଣନୈତିକ ଲକ୍ଷ୍ୟ ହାସଲ ପାଇଁ ଦେଶର ୧୦ଟି ଉପଗ୍ରହ କ୍ରମାଗତ ଭାବେ ସୀମା ଉପରେ ନଜର ରଖିଛି । ସମସ୍ତେ ଆମ ପଡୋଶୀଙ୍କ କଥା ଜାଣିଛନ୍ତି । ଏପରି ସ୍ଥିତିରେ ଦେଶର ସୁରକ୍ଷା ସୁନିଶ୍ଚିତ କରିବାକୁ ଉପଗ୍ରହର ସହାୟତା ନେବାକୁ ହେବ । ୭ ହଜାର କିମି ପର୍ଯ୍ୟନ୍ତ ବ୍ୟାପିଥିବା ସୀମା ଏବଂ ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ର ଉପରେ ଉପଗ୍ରହ ନଜର ରଖିଛି । ଅନ୍ୟପଟେ ଭାରତ ଇସ୍ରୋର ସହାୟତାରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିବାରେ ସଫଳ ହୋଇଥିଲା ବୋଲି କୁହାଯାଉଛି ।

# ୧୯ ଦିନ ପରେ ସୀମା ଶାନ୍ତ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର'କୁ ଦେଖି ଛାନିଆ ପାକିସ୍ତାନ ଅନୁରୋଧରେ ଅସ୍ତ୍ରବିରତି ହୋଇଛି । ଏଲଓସି ଏବଂ ଅନ୍ତର୍ଜାତୀୟ ସୀମା ଆରପଟୁ ପାକିସ୍ତାନ ପକ୍ଷରୁ କୌଣସି ଗୁଳିଗୋଳା ମାଡ଼ କରାଯାଇ ନାହିଁ । ଗତ ୧୯ ଦିନ ପରେ ପ୍ରଥମ ଥର ପାଇଁ ସୀମାନ୍ତ ଲୋକ ଶାନ୍ତିରେ ଶୋଇଛନ୍ତି । ସେନା ପକ୍ଷରୁ ସୋମବାର ସକାଳେ ଏହି ସୂଚନା ଦିଆଯାଇଛି । ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ପରେ ସୀମା ଅଶାନ୍ତ ହୋଇ ଯାଇଥିଲା । ପାକିସ୍ତାନ ସେନା ଗୁଳିଗୋଳା ମାଡ଼ ଜାରି ରଖିଥିଲା । ଭାରତର ଅପରେସନ ସିନ୍ଦୂର ପରେ ଏହା ଜୋରଦାର ହୋଇଥିଲା । ଏଥିରେ ୧୭ ସାଧାରଣ ନାଗରିକଙ୍କ ମଧ୍ୟ ଜୀବନ ଯାଇଥିଲା । ଏହା ଦେଖି ଲୋକେ ଘରଦ୍ୱାର ଛାଡି ସୁରକ୍ଷିତ ସ୍ଥାନକୁ ପଳାଇ ଥିଲେ । କିନ୍ତୁ ରବିବାର ରାତିରେ ଏ ସବୁ ଶୁଭି ନ ଥିଲା ।

ଅନ୍ୟପକ୍ଷରେ ଭାରତ ଆକ୍ରମଣର ଦୁଇ ଦିନ ପରେ ପାକିସ୍ତାନରେ ପୁଣି ଭୂକମ୍ପ ଆସିଛି । ୪.୬ ତୀବ୍ରତାରେ ଏହି ଦେଶ ଥରି ଉଠିଛି । ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଲୋକେ ଭୟରେ ଘରୁ ବାହାରି ଆସିଥିଲେ । କୌଣସି ବଡ଼ଧରଣର ଆକ୍ରମଣ ହେଲା ବୋଲି ଲୋକେ ଭାବିଥିଲେ । ଏହା ପୂର୍ବରୁ ଶନିବାର ସକାଳେ ପାକିସ୍ତାନରେ ଦୁଇଟି ଭୂକମ୍ପ ଆସିଥିଲା । ପ୍ରଥମେ ଆସିଥିବା ଭୂକମ୍ପ ୫.୭ ଥିବାବେଳେ ଦ୍ୱିତୀୟଟି ୪.୦ ତୀବ୍ରତାର ଥିଲା । ଏହାକୁ ଭାରତର ଆକ୍ରମଣ ସହ ଯୋଡ଼ି ଦେଖା ଯାଉଥିଲା । ପାକିସ୍ତାନର ପରମାଣୁ ଠିକଣା କୁହାଯାଉଥିବା ଇସଲାମାବାଦ ନିକଟସ୍ଥ ନୁର ଘାଟୀରେ ଭାରତର ଆକ୍ରମଣ ଯୋଗୁଁ ଏପରି ଭୂକମ୍ପ ଆସୁଛି ବୋଲି କୁହାଯାଉଛି ।

**■ ଭାରତ-ପାକିସ୍ତାନ ଉତ୍ତେଜନାକୁ ନେଇ ଟ୍ରମ୍ପଙ୍କ ଦାବି**

# ପରମାଣୁ ଯୁଦ୍ଧ ରୋକିଲା ଆମେରିକା



ୱାଶିଂଟନ, ୧୨।୫ (ଏଜେନ୍ସି): ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧକୁ ଆମେରିକା ରୋକି ଦେଇଛି । ଅସ୍ତ୍ରବିରତି ହୋଇ ନ ଥିଲେ ବହୁତ ଖରାପ ପରମାଣୁ ଯୁଦ୍ଧ ହୋଇଥାନ୍ତା । ଲକ୍ଷ ଲକ୍ଷ ଲୋକ ମରିଥାନ୍ତେ । ଏହି ଯୁଦ୍ଧ ରୋକି ଗର୍ବ ଲାଗୁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ସେ ପୁଣିଥରେ ଯୁଦ୍ଧ ରୋକିବାରେ ଶ୍ରେୟ ନେବାକୁ ପ୍ରୟାସ କରିଛନ୍ତି । ନିଜେ ନିଜର ପ୍ରଶଂସା କରିଛନ୍ତି । ସଂଘର୍ଷ ବନ୍ଦ କରିବା ପାଇଁ ସେ ବ୍ୟବସାୟକୁ ଅସ୍ତ୍ର ଭଳି ବ୍ୟବହାର କରିଥିଲେ ବୋଲି କହିଛନ୍ତି । ପୂର୍ବରୁ ବାଣିଜ୍ୟ ବ୍ୟବସାୟକୁ ଏଭଳି ଭାବେ କେବେ ବ୍ୟବହାର କରାଯାଇ ନ ଥିଲା ବୋଲି ଉଲ୍ଲେଖ କରିଛନ୍ତି ।

ଟ୍ରମ୍ପଙ୍କ ଅନୁଯାୟୀ ଯେ ଦୁଇ ଦେଶ ପାଖରେ ବହୁତ ପରମାଣୁ ଅସ୍ତ୍ର ରହିଛି । କିନ୍ତୁ ସେ ଯୁଦ୍ଧ ରୋକିବାକୁ ବାଣିଜ୍ୟ କାରବାରକୁ ଅସ୍ତ୍ର କରିଥିଲେ । ସେ ଭାରତ ଏବଂ ପାକିସ୍ତାନକୁ ବାଣିଜ୍ୟ ବ୍ୟବସାୟକୁ ନେଇ ଧମକ ଦେଇଥିଲେ । ଦୁଇ ଦେଶ ସହ ବହୁତ ବାଣିଜ୍ୟ କାରବାର କରିବାକୁ ଅଛି ବୋଲି କହିଥିଲି । ସଂଘର୍ଷ ବନ୍ଦ ନ କଲେ ବ୍ୟାପାର କରିବୁନି ବୋଲି କହିଥିଲେ । ଟ୍ରମ୍ପ ଭାରତ ଏବଂ ପାକିସ୍ତାନର ନେତୃତ୍ୱକୁ ମଧ୍ୟ ପ୍ରଶଂସା କରିଛନ୍ତି । ଏହାକୁ ବହୁତ ମଝବୁତ ଏବଂ ଶକ୍ତିଶାଳୀ କହିଛନ୍ତି । ସ୍ଥିତିର ଗୁରୁତ୍ୱକୁ ବୁଝିବାକୁ ଶକ୍ତି, ସାମର୍ଥ୍ୟ, ଧୈର୍ଯ୍ୟ ଏବଂ ବୁଦ୍ଧି ରହିଥିଲା । ଆମେରିକା ମଧ୍ୟ ବହୁତ ସହାୟତା କରିଥିଲା । ଏହା ସ୍ଥାୟୀ ଅସ୍ତ୍ରବିରତି ହେବ ବୋଲି ସେ ଆଶା ରଖିଛନ୍ତି ।

# ଆତଙ୍କବାଦରୁ ଆରମ୍ଭ, କଶ୍ମୀରରେ ଶେଷ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଏପ୍ରିଲ ୨୨ ତାରିଖରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଭାରତ ଆରମ୍ଭ କଲା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର' । ୧୦ ତାରିଖରେ ଭାରତର କାର୍ଯ୍ୟାନୁଷ୍ଠାନ ନିର୍ଣ୍ଣାୟକ ସ୍ତରରେ ପହଞ୍ଚିବାକୁ ଯାଉଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କଲେ ଯେ ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଆମେରିକାର ମଧ୍ୟସ୍ଥତା ଯୋଗୁଁ ଏହା ସଫଳ ହୋଇପାରିଛି । ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା କଶ୍ମୀର ବିବାଦର ସମାଧାନରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ । ଏହାପରେ ପରେ ଭାରତ ପକ୍ଷରୁ ମଧ୍ୟ ଘୋଷଣା କରାଗଲା ଯେ ଦୁଇ ଦେଶ ମଧ୍ୟରେ ଚାଲିଥିବା ସଂଘର୍ଷରେ ବିରାମ ପାଇଁ ବୁଝାମଣା ହୋଇଛି । ଭାରତ ପକ୍ଷରୁ କେବଳ କୁହାଗଲା ଯେ ପାକିସ୍ତାନର ଡିଜିଏମ୍‌ଓଙ୍କ ଅନୁରୋଧ କ୍ରମେ ଆଲୋଚନା ପରେ ଏହି ବୁଝାମଣା ହୋଇଛି । ଭାରତ ଏହାର ବିବୃତିରେ ଆମେରିକା କଥା ଉ।।ଲ୍ଲେଖ କରିନଥିଲା ବେଳେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଅସ୍ତ୍ରବିରତି ପାଇଁ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଲେ ।

ତେବେ ଯେଉଁ ପ୍ରଶ୍ନଟି ସାଧାରଣ ନାଗରିକକୁ ମଧ୍ୟ ଆନ୍ଦୋଳିତ କରୁଛି, ତାହାହେଲା ଦୀର୍ଘ ତିନି ଦଶନ୍ଧୀ ଧରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ହିଂସାର ଭାରତ ଶିକାର ହୋଇ ଆସୁଛି । ସେହି ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବାକୁ ଯାଉଥିବା ବେଳେ ହଠାତ୍ ଓ ନାଟକୀୟ ଭାବେ ଅସ୍ତ୍ରବିରତି ପାଇଁ କାହିଁକି ରାଜିହେଲା । ପୁଣି ବିନା ସର୍ତ୍ତରେ । ଏହାକୁ ନେଇ ଭାରତ କି ପାକିସ୍ତାନ କେହି ମୁହଁ ଖୋଲୁନଥିବା ବେଳେ ପ୍ରତିରକ୍ଷା ବିଶେଷଜ୍ଞ ଏବଂ କୂଟନୈତିକ ପର୍ଯ୍ୟ।।ବେକ୍ଷକ ନିଜ ନିଜର ମତ ରଖୁଛନ୍ତି । କିନ୍ତୁ କାହାରି ମତାମତ ସନ୍ତୋଷଜନକ ହୋଇପାରୁ ନାହିଁ । ଏହି ଅଚାନକ ଅସ୍ତ୍ରବିରତିକୁ ନେଇ ସାରାଦେଶରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି । ସାଧାରଣ ନାଗରିକଟିଏ ମଧ୍ୟ ଏହାକୁ ହଜମ କରିପାରୁ ନାହିଁ । କାରଣ ଯେଉଁ ସମୟରେ ଭାରତୀୟ ସେନା ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିବା ସହିତ ଏହାକୁ ସମର୍ଥନ କରୁଥିବା ପାକିସ୍ତାନର ସାମରିକ ଶକ୍ତିକୁ ଦୁର୍ବଳ କରୁଥିଲେ, ସେହି ସମୟରେ ଅସ୍ତ୍ରବିରତି ଘୋଷଣା ଭାରତର କେଉଁ ସ୍ୱାର୍ଥରେ ଥିଲା ।

ଏହାଠାରୁ ଆଉ ଗୋଟିଏ ପ୍ରସଙ୍ଗ ଯାହା ଭାରତୀୟ ନାଗରିକଙ୍କୁ ବ୍ୟଥିତ କରିଛି, ତାହାହେଲା କଶ୍ମୀର ପ୍ରସଙ୍ଗ । ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । କିନ୍ତୁ ଅସ୍ତ୍ରବିରତି ସଂପର୍କରେ ସୂଚନା ଦେଇଥିବା ରାଷ୍ଟ୍ରପତି ଟ୍ରମ୍ପ ଆଉ ଆତଙ୍କବାଦ ସଂପର୍କରେ କିଛି ନ କହି କଶ୍ମୀର ପ୍ରସଙ୍ଗ ଉଠାଉଛନ୍ତି । ଯାହାକୁ ନେଇ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା, ତାହା ଆମେରିକା ଏଜେଣ୍ଡାରୁ ହଜିଗଲା କେମିତି? ଏହାବଦଳରେ କଶ୍ମୀର ପ୍ରସଙ୍ଗ କାହିଁକି ଲଦୁଛି ଆମେରିକା । ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିମଳା ରାଜିନାମା ଅନୁଯାୟୀ କଶ୍ମୀର ପ୍ରସଙ୍ଗରେ କେବଳ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବ ଏବଂ ଏଥିରେ ତୃତୀୟ ଦେଶ ହସ୍ତକ୍ଷେପ କରିବେ ନାହିଁ । ଏହାସତ୍ତ୍ୱେ ଆମେରିକା ଏଥିରେ ମୁଣ୍ଡ ପୂରାଉଛି କାହିଁକି ?

# ଶପଥ ନେଲେ ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ



କଟକ,୧୨।୫(ସମିସ): କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିବା ବେଳେ ସେ ଆଜି ଏଠାରେ ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହାଇକୋର୍ଟ ପୁରୁଣା କୋଠାସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୁଲିସ କମିସନର, କଟକ ଡିସିପି, ଜିଲ୍ଲାପାଳଙ୍କ ସମେତ ହାଇକୋର୍ଟ ବାର୍ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୯କୁ ବୃଦ୍ଧି**

ଜଷ୍ଟିସ୍ ଶ୍ରୀପଦ ୧୯୬୪ ଜୁଲାଇ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୯ ଜୁଲାଇରୁ ସେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୪ ବର୍ଷ ଧରି ସେ କର୍ଣ୍ଣାଟକ ଓ ମାଡ୍ରାସ ହାଇକୋର୍ଟରେ ଓକିଲାତି ପେସାରେ ରହିଥିଲେ। ୨୦୧୪ରେ ସେ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ରୂପେ ନିଯୁକ୍ତି ପାଇଥିଲେ। କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ତାଙ୍କୁ ୨୦୧୮ ଫେବ୍ରୁଆରି ୧୪ରେ ନିଯୁକ୍ତି ମିଳିଥିଲା। ୨୦୨୦ ଜାନୁଆରି ୭ରେ ଜଷ୍ଟିସ୍ ଶ୍ରୀପଦ କର୍ଣ୍ଣାଟକ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ଜଷ୍ଟିସ୍ ଶ୍ରୀପଦଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି।

■ କେନ୍ଦ୍ରକୁ ଡେପୁଟେସନରେ ଯିବେ ୨ ଆଇପିଏସ୍

# ରାଜେଶଙ୍କୁ ଏଡିଜି, ଅନୁପଙ୍କୁ ଆଇଜି ପାହ୍ୟା

ଭୁବନେଶ୍ୱର,୧୨।୫(ସମିସ): ଓଡ଼ିଶା କ୍ୟାଡ଼ରର ଦୁଇ ଆଇପିଏସ୍ ଅନୁପ ସାହୁ ଓ ରାଜେଶ କୁମାର କେନ୍ଦ୍ର ଡେପୁଟେସନ ସୂଚୀରେ ସ୍ଥାନ ପାଇଛନ୍ତି। ୧୯୯୮ ବ୍ୟାଚ୍‌ର ଆଇପିଏସ୍ ରାଜେଶ କୁମାର ସମ୍ପ୍ରତି ସ୍ପେସାଲ ଆର୍ମ ପୁଲିସରେ ଏଡ଼ିଜି ରହିଛନ୍ତି, ସେହିପରି ୨୦୦୬ ବ୍ୟାଚ୍ ଆଇପିଏସ୍ ଅନୁପ ସାହୁ ବିଜୁ ପଟ୍ଟନାୟକ ପୁଲିସ ଏକାଡ଼େମୀରେ ଆଇଜି ପଦରେ ଅବସ୍ଥାପିତ ଅଛନ୍ତି। କେନ୍ଦ୍ରକୁ ଡେପୁଟେସନରେ ଯିବା ପରେ ରାଜେଶ କୁମାର ଅତିରିକ୍ତ ଡିଜି ପାହ୍ୟା ଓ ଅନୁପ ସାହୁ ଆଇଜି ବା ସମତୁଲ ପାହ୍ୟାରେ ଅବସ୍ଥାପିତ ହେବେ।

# ଖଇଫୁଟା ତାତି; ଝାଳୁଆ ଗୁଳୁଗୁଳି

**୪୦ ଡିଗ୍ରୀ ଉପରେ ରାଜ୍ୟର ୧୭ ସହର**

ଭୁବନେଶ୍ୱର,୧୨।୫(ସମିସ): ସାରା ରାଜ୍ୟରେ ଖଇଫୁଟା ତାତି ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଇଛି। ଅପରପକ୍ଷରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଝାଳୁଆ ଗୁଳୁଗୁଳି ଲୋକଙ୍କୁ ଦହଗଞ୍ଜ କରିଛି। ରାଜ୍ୟର ୧୭ ସହରର ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହିଛି ଓ ସମ୍ବଲପୁରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୨.୯ ଡ଼ିଗ୍ରୀ ରେକଡର୍ କରାଯାଇଛି। ଭୁବନେଶ୍ୱରରେ କ୍ରମାଗତ ୩ୟ ଦିନ ତାପମାତ୍ରା ୪୦ ଡ଼ିଗ୍ରୀ ଟପିଥିବାବେଳେ କଟକରେ ଚଳିତ ବର୍ଷ ପ୍ରଥମଥର ତାତି ୪୦ ଡ଼ିଗ୍ରୀ ଅତିକ୍ରମ କରିଛି। ଏହି ଅବସ୍ଥା ଆହୁରି ତିନି ଚାରିଦିନ ଲାଗି ରହିପାରେ ବୋଲି କୁହାଯାଉଛି। ଏହା ମଧ୍ୟରେ ମୌସୁମୀର ଆଗୁଆ ଆଗମନ ସୂଚନା ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି। ଆସନ୍ତା କାଲି ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଅଗ୍ରସର ପାଇଁ ପାଣିପାଗ ସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

**ଆଜି ଆଣ୍ଡାମାନ ଛୁଇଁବ ମୌସୁମୀ**

ସୋମବାର ରାଜ୍ୟର କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି, ହେଲେ ଏହା ଖରା ଗରମକୁ ପ୍ରଶମିତ କରିବାରେ ସମର୍ଥ ହୋଇ ନାହିଁ। ରାଜ୍ୟରେ ୧୫-୧୬ ତାରିଖ ପର୍ଯ୍ୟନ୍ତ ଏଭଳି ଖରା ଗରମ ଜାରି ରହିବାର ଆଶଙ୍କା କରାଯାଉଛି। ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ହେତୁ ଗୁଳୁଗୁଳିର ପ୍ରଭାବ ଅଧିକ ହେଉଛି। ସକାଳ ସାଢ଼େ ୮ଟାରୁ ଗୁଳୁଗୁଳିର ପ୍ରଭାବ ବଢ଼ିଯାଉଥିବାରୁ ଲୋକଙ୍କ ପାଇଁ ଉଭୟ ଘରେ ଓ ବାହାରେ ରହିବା ଅସମ୍ଭବ ହୋଇପଡୁଛି। ସୋମବାର ଦିନ ଦୁଇଟା ସୁଦ୍ଧା ୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିସାରିଥିବା ବେଳେ ବହୁ ସହରରେ ଆର୍ଦ୍ରତାର ପରିମାଣ ୪୦ ପ୍ରତିଶତ ଉପରେ ରହିଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ଉଷ୍ମ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ପ୍ରଭାବରେ ଏହି ଜିଲ୍ଲାଗୁଡ଼ିକରେ ପ୍ରବଳ ଗୁଳୁଗୁଳି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ କାଳବୈଶାଖୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟା ପ୍ରତି ୩୦-୪୦ କିମି ରହିବା ସହ ବିଜୁଳି ଘଡ଼ଘଡ଼ି ନେଇ ଆଶଙ୍କା କରାଯାଇଛି। ସୋମବାର ଗଞ୍ଜାମ, ନୟାଗଡ, ମୟୁରଭଞ୍ଜ, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି। ଏହା ପ୍ରଭାବରେ ବର୍ଷା ପବନ ସାଙ୍ଗକୁ ବଜ୍ରପାତରେ ଏକାଧିକ ଲୋକଙ୍କ ଜୀବନ ହାନୀ ହୋଇଥିବା ଅଭିଯୋଗ ହୋଇଛି।

# ବର୍ଷେ ବିତିଲା; ଖଣ୍ଡିଏ ପଟ୍ଟା ବି ବଣ୍ଟା ହେଲାନି

ଭୁବନେଶ୍ୱର,୧୨।୫(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି "ଜାଗା ମିଶନ"। ପୂର୍ବ ସରକାରଙ୍କ ଏହି ସଫଳ ଯୋଜନାର ପୁନଃ କାର୍ଯ୍ୟାନ୍ୱୟନକୁ ନେଇ ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ନିରବ। କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରୟାସ ଆରମ୍ଭ ହେଉ ନ ଥିବାରୁ ପ୍ରାୟ ବର୍ଷେ ହେବ ଜାଗା ମିଶନରେ ଭୂମି ଅଧିକାର ପ୍ରମାଣ ପତ୍ର (ଏଲ୍ଆରସି) ପାଇବାକୁ ସ୍ୱପ୍ନ ଦେଖିଥିବା ବହୁ ହିତାଧିକାରୀ ଏବେ ସରକାରଙ୍କ ହାତକୁ ଚାହିଁ ବସିଛନ୍ତି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଥିବାରୁ ଜାଗା ମିଶନରେ ଭୂମି ଅଧିକାର ପ୍ରମାଣ ପତ୍ର ପାଇଥିବା ହିତାଧିକାରୀମାନେ ଏଥିପାଇଁ ଆବେଦନ କରୁଥିବା ବେଳେ ପ୍ରମାଣ ପାଇ ନ ଥିବା ଭୂମି ପରିବାର ଏହି ପ୍ରକ୍ରିୟାରୁ ବଞ୍ଚିତ ରହୁଛନ୍ତି। ଯାହାକୁ ନେଇ ସହରାଞ୍ଚଳରେ ରହୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏସବୁ ଭିତରେ ରାଜ୍ୟ ସରକାର ଜାଗା ମିଶନର ନାମ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଯୋଜନାର ନାଁ ପରିବର୍ତ୍ତନ ସହ ନୂଆ ମାର୍ଗଦର୍ଶିକା ଅଣାଯିବ ବୋଲି ସୂଚନା ମିଳିଛି। ଫଳରେ ପୂର୍ବରୁ ଜାଗା ମିଶନ ତାଲିକାରେ ନାଁ ଥିବା ଲୋକମାନଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।




**■ ଏବେ ଜାଗା ମିଶନ ନାମ ବଦଳାଇବା ଯୋଜନା**
**■ ସୂଚୀଭୁକ୍ତ ଭୂମିହୀନଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ**

କେବଳ ରାଜଧାନୀ ଭୁବନେଶ୍ୱରରେ ୩୦ ହଜାରରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା "ଜାଗା ମିଶନ'ରେ ଭୂମି ଅଧିକାର ପ୍ରମାଣପତ୍ରକୁ ଚାହିଁ ବସିଛନ୍ତି। ଅନ୍ୟ ମହାନଗରଗୁଡ଼ିକୁ ମିଶାଇଲେ ଏହି ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିବ। ୨୦୨୪ ଫେବୃଆରୀ ୨୯ରେ ତତ୍‌କାଳୀନ ବିଜେଡି ସରକାର ଶେଷଥର ପାଇଁ "ଜାଗା ମିଶନ'ରେ ଭୂମି ଅଧିକାର ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଗୋଟିଏ ଦିନରେ କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାକି ଯୋଗ୍ୟ ହିତାଧିକାରୀଙ୍କୁ ଆଉ ଏକ ପର୍ଯ୍ୟାୟରେ ବା ପୌରସଂସ୍ଥା ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ ବନ୍ଦ ହୋଇ ଯାଇଛି। ନୂଆ ସରକାର ବର୍ଷକ ମଧ୍ୟରେ ଗୋଟିଏ ବି ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିନାହାନ୍ତି।

ସହରାଞ୍ଚଳର ଯେଉଁ ବସ୍ତିବାସିନ୍ଦା "ଜାଗା ମିଶନ'ରେ ଭୂମି ଅଧିକାର ପ୍ରମାଣପତ୍ର ପାଇନାହାନ୍ତି; ସେମାନେ "ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଆବେଦନ କରି ନ ପାରି ଘର ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଭୁବନେଶ୍ୱରରେ ବର୍ତ୍ତମାନ ୧୮୦୦ ଊର୍ଦ୍ଧ୍ୱ ଆବେଦନକାରୀ କେବଳ ଜାଗା ମିଶନରୁ ଭୂମି ପାଇଥିବା ହିତାଧିକାରୀ ରହିଛନ୍ତି। ଦେଶର ଏକମାତ୍ର ରାଜ୍ୟ ଭାବେ ଓଡ଼ିଶା ୨୦୧୮ରୁ "ଜାଗା ମିଶନ'ରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ କରିଆସୁଛି। ରାଜ୍ୟ ସରକାରଙ୍କ ଏହି ଯୋଜନାରେ ରାଜ୍ୟରେ ପାଖାପାଖି ୨ ଲକ୍ଷ ୪୦ ହଜାର ପରିବାରକୁ ଭୂମି ଅଧିକାର ପ୍ରଦାନ କରାଯାଇ ସାରିଛି। ସରକାରଙ୍କ ପକ୍ଷରୁ ଭୂମି ଅଧିକାର ପ୍ରମାଣପତ୍ର ପାଇଥିବା ଲୋକମାନେ "ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଘର କରିବାରେ ମଧ୍ୟ ସଫଳ ହୋଇଛନ୍ତି। ସେତେବେଳେ ବିଜେପି ଏହାକୁ ସମାଲୋଚନା କରିଥିଲା ଓ ବିଜେପି ସରକାର ଗଢ଼ିଲେ ବସ୍ତିବାସିନ୍ଦାଙ୍କୁ ୬୦୦ ବର୍ଗଫୁଟ ଜମି ଦିଆଯିବ ବୋଲି କହିଥିଲା। ନିଜେ ଭୁବନେଶ୍ୱର ସାଂସଦ ସାଲିଆ ସାହିରେ ଏକ ସମାବେଶରେ ଏ ସଂକ୍ରାନ୍ତରେ ଘୋଷଣା କରିଥିଲେ। ମାତ୍ର ଇତିମଧ୍ୟରେ ବର୍ଷେ ବିତିଥିଲେ ବି ସାଲିଆ ସାହିର ୪୦ ହଜାର ପରିବାର ମଧ୍ୟରୁ ଜଣେ ବି ସାଂସଦଙ୍କ ୬୦୦ ବର୍ଗଫୁଟ ଜମି ଯୋଜନାରେ ଉପକୃତ ହୋଇ ନାହାନ୍ତି। ଆଉ ଏବେ ଏହି ଯୋଜନାର ନାମ ପରିବର୍ତ୍ତନ ସହ ଏହାର ସର୍ତ୍ତ ପରିବର୍ତ୍ତନ କରିବାକୁ ଯୋଜନା ସମ୍ଭାବ୍ୟ ହିତାଧିକାରୀଙ୍କ ଆଶା ଭାଙ୍ଗି ଦେଇଛି।

**୨ ଲକ୍ଷ ୭୨ ହଜାର ନକଲି ନୋଟ୍ ଜବତ**

# ମାଷ୍ଟରମାଇଣ୍ଡ ଗିରଫ

ଭଦ୍ରକ,୧୨।୫(ସମିସ): ଭଦ୍ରକ ପୁଲିସ ୨.୭୨ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳର ଚନ୍ଦ୍ରମଣି ବଳ ଓରଫ୍ ଚନ୍ଦନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ନକଲି ନୋଟ୍ ଦେଇ ବଜାରରୁ ସଉଦା କିଣିବା ବେଳେ ଗତ ୧୦ ତାରିଖ ଦିନ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୁଜିଦରଡ଼ା ଫାଣ୍ଡି ଦୌଡ଼ିପାଳ ଗାଁର ମାନସ ସାହୁଙ୍କୁ ପୁଲିସ୍ ଧରିଥିଲା। ପୁଲିସ୍ ତା' ନିକଟରୁ ୭୧୦୦ ଟଙ୍କା ନକଲି ନୋଟ୍ ଠାବ କରିଥିଲା। ମାନସକୁ ପଚାରାଉଚୁରା କରି ପୁଲିସ୍ ଜାଣିବାକୁ ପାଇଥିଲା ଯେ ଏହି ନକଲି ନୋଟ୍ ରାକେଟ୍‌ର ମୁଖ୍ୟ କାର୍ପଟଦାର ଚନ୍ଦନ। ଗତକାଲି ଭଦ୍ରକ ଗ୍ରାମାଞ୍ଚଳ ପୁଲିସ୍ ଦଶରଥପୁରରେ ଚଢ଼ଉ କରି ଚନ୍ଦନକୁ ଧରିଥିଲା। ତା' ପାଖରୁ ପୁଲିସ୍ ନକଲି ୨ଲକ୍ଷ ୭୨ ହଜାର ଟଙ୍କା ଜବତ କରିଥିଲା। ଚନ୍ଦନ ଏକ ପ୍ରିଣ୍ଟର୍‌ରେ ଶହେ ଟଙ୍କିଆରୁ ଆରମ୍ଭ କରି ୫ ଶହ ଟଙ୍କାର ଅବିକଳ ନକଲ ଟଙ୍କା ତିଆରି କରୁଥିଲା। ଏପରିକି ଚନ୍ଦନ ଅନ୍ତଃରାଜ୍ୟ ନକଲି ନୋଟ୍ କାରବାରରେ ସାମିଲ ରହିଛି। ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



**ଗୁରୁ ଗମ୍‌କେଙ୍କ ୧୨୦ତମ ଜୟନ୍ତୀ**

# ପଣ୍ଡିତ ରଘୁନାଥ ମୁର୍ମୁ ଏକ ଆନ୍ଦୋଳନ: ମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର,୧୨।୫ (ସମିସ): ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଜଣେ ବ୍ୟକ୍ତି ନୁହଁନ୍ତି; ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିକ୍ଷା ଓ ସଂସ୍କୃତିର ଅଭିଜ୍ଞାନ। ସେ ଜଣେ ଏମିତି ବ୍ୟକ୍ତିତ୍ୱ, ଯିଏ ଅନ୍ଧାର ଭିତରେ ଆଲୋକର ପରିକଳ୍ପନା କରି ତାହାକୁ ବାସ୍ତବ ରୂପ ଦେଇଥିଲେ। ସାନ୍ତାଳୀ ସମାଜର ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ଓ ସାମାଜିକ ଜାଗୃତି କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ରାଇରଙ୍ଗପୁରରେ ଆୟୋଜିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ ଓ ସାନ୍ତାଳୀ ଅଲଚିକି ଲିପିର ଶତାବ୍ଦୀ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ଏହି ଅବସରରେ ସାନ୍ତାଳୀ ଅଲଚିକି ଲିପିର ଶତବାର୍ଷିକୀକୁ ସରକାରୀସ୍ତରରେ ଏକ ବର୍ଷ ପର୍ଯ୍ୟନ୍ତ ପାଳନ କରାଯିବା, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଘରକୁ ସ୍ମାରକୀ ପୀଠ, ସମାଧି ପୀଠକୁ ସ୍ମୃତିପୀଠରେ ରୂପାନ୍ତର, ଆସନ୍ତା ବର୍ଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ସମାରୋହ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଦିଲ୍ଲୀରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହିପରି ସାନ୍ତାଳୀ ସାହିତ୍ୟ ଓ ଅଲଚିକି ସମ୍ପର୍କରେ ଅନ୍ତଃରାଷ୍ଟ୍ରୀୟସ୍ତରରେ ସେମିନାର ଆୟୋଜନ କରାଯିବ ଏବଂ ଗୁରୁ ଗମ୍‌କେଙ୍କ ସାନ୍ତାଳୀ ସାହିତ୍ୟ ଓ ସାନ୍ତାଳୀ ଅଲଚିକି ପୁସ୍ତକଗୁଡ଼ିକ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କରିବ ବୋଲି କହିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମାରକୀ ପାଇଁ ୫୦କୋଟି ଟଙ୍କାର ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥିମାନେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଆଧାରିତ ସ୍ମରଣିକା ଉନ୍ମୋଚନ କରିଥିଲେ।



**ରଘୁନ ମୁର୍ମୁ ଓ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସମ୍ମାନିତ**

କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ଅଧ୍ୟକ୍ଷ ଚୁନିୟନ ରଘୁନ ମୁର୍ମୁ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ସାନ୍ତାଳୀ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବରିଷ୍ଠ ସାନ୍ତାଳୀ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

# ଶ୍ରୀମନ୍ଦିରକୁ ସୁରକ୍ଷା ଦେବ 'ରକ୍ଷକ'

ପୁରୀ,୧୨।୫(ସମିସ): ଆହୁରି ସଶକ୍ତ ହେଲା ଶ୍ରୀମନ୍ଦିର ସୁରକ୍ଷା। ପୁରୀରେ ପହଞ୍ଚିଛି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍‌ର ରକ୍ଷକ ପ୍ଲସ୍ ଭ୍ୟାନ। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବ ଏହି ସ୍ୱତନ୍ତ୍ର ବୁଲେଟ୍‌ପ୍ରୁଫ୍ ଭ୍ୟାନ୍। ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିବ ରକ୍ଷକ। ଏହି ଭ୍ୟାନ୍‌ର ଉପରି ଭାଗରେ ରହିଛନ୍ତି ଲାଇଟ୍ ମେସିନ ଗନ୍‌ଧାରୀ ସଶସ୍ତ୍ର ଟ୍ରେନ୍‌ଡ ଫୋର୍ସ। ଭ୍ୟାନରେ ୮ଜଣ କ୍ରିୟୁ ମେମ୍ବର ରହି ସୁରକ୍ଷା ଦାୟିତ୍ୱରେ ରହିବେ। ଗହଳି, ଯୁଦ୍ଧକାଳୀନ ସ୍ଥିତି ଇତ୍ୟାଦିରେ ନିୟନ୍ତ୍ରଣ ଓ ସୁରକ୍ଷା ଦାୟିତ୍ୱ ବହନ କରିପାରିବ ଏହି ଭ୍ୟାନ୍। କୌଣସି ଆତଙ୍କୀ ହାମ୍‌ଲାକୁ ପ୍ରତିହତ କରିବା ପାଇଁ ସକ୍ଷମ 'ରକ୍ଷକ'। ଏହାକୁ ସ୍ୱତନ୍ତ୍ର ସୁରକ୍ଷା ଡିଜାଇନ୍ କରାଯାଇଛି। ଏକାସାଙ୍ଗରେ ୬ଟି ଗ୍ରେନେଡ ବିସ୍ଫୋରଣ ହେଲେ ବି ଏହା ପ୍ରତିହିତ କରିପାରିବ। ସୋମବାର ପୁଲିସ୍ ଡିଜି ୱାଇ.ବି ଖୁରାନିଆ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ଏହି ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ ଗାଡି 'ରକ୍ଷକ'କୁ ଉଦ୍‌ଘାଟନ କରିଛନ୍ତି।

ସୂଚନାଥାଉ କି, ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏନେଇ ପୂର୍ବରୁ ବହୁବାର ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି। ସେହିପରି ଛୁଟିଦିନ ଏବଂ ବିଶେଷ ପର୍ବପର୍ବାଣୀରେ ଏହି ସଂଖ୍ୟା ଲକ୍ଷାଧିକ ହୋଇଥାଏ। ତେଣୁ ଶ୍ରୀମନ୍ଦିର ଏବଂ ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ଦରକାର। ଏହା ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ବିଗତ କିଛି ବର୍ଷ ହେବ ଏନ୍‌ଏସ୍‌ଜି ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।



ସୁରକ୍ଷାକୁ ନେଇ ଏନ୍‌ଏସ୍‌ଜି ମଧ୍ୟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଥାଏ। ଅନ୍ୟପକ୍ଷରେ, ସାମ୍ପ୍ରତିକ ପରିସ୍ଥିତିରେ ଭାରତ-ପାକ୍ ମଧ୍ୟରେ ତିକ୍ତତା ଦେଖାଦେଇଛି। ଏଭଳି ସ୍ଥିତିରେ ଶ୍ରୀମନ୍ଦିର ସୁରକ୍ଷାରେ ଯୁଦ୍ଧାସ୍ତ୍ର ଗାଡ଼ି ନିୟୋଜିତ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ ବୋଲି ଭକ୍ତ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

**ଥରିଉଠିଲା ନାଉପାଳଗଡ଼ି**

# ଫାଟିଲା ୯ ଟି ଗ୍ୟାସ୍ ସିଲିଣ୍ଡର୍

ବାଲେଶ୍ୱର, ୧୨।୫ (ସମିସ): ବାଲେଶ୍ୱର ଜିଲ୍ଲା ସମୁଦ୍ର ତଟବର୍ତ୍ତୀ ବଳରାମଗଡ଼ି ଅଞ୍ଚଳ ବେଆଇନ ଦହନଶୀଳ ସାମଗ୍ରୀ କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଆଜି ନାଉପାଳଗଡ଼ିରେ ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣରେ ଭୟାବହ ଅଗ୍ନିକାଣ୍ଡ ପରେ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗୋଟିଏ ଘରେ ବର୍ଷବର୍ଷ ଧରି ଶତାଧିକ ଗ୍ୟାସ୍ ଟାଙ୍କି ଓ ଡିଜେଲ୍ ରଖାଯାଇ ବେଆଇନ କାରବାର କରାଯାଉଥିଲା। ଜଣେ ପୁଲିସ୍ ହୋମଗାର୍ଡ ଏହି ବେଆଇନ କାରବାର ଚଳାଉଥିଲେ। କିନ୍ତୁ ଏନେଇ ସ୍ଥାନୀୟ ପୁଲିସ କିମ୍ବା ଯୋଗାଣ ବିଭାଗ ପାଖରେ କୌଣସି ଖବର ନଥିବା ଜଣାପଡ଼ିଛି।

ସୋମବାର ସକାଳେ ଗୋଟିକ ପରେ ଗୋଟିଏ ୯ଟି ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣ ହେବାରୁ ବାଲେଶ୍ୱର ବଳରାମଗଡ଼ି ମେରାଇନ୍ ଥାନା ଅଧୀନ ନାଉପାଳଗଡ଼ି ହଠାତ୍ ଥରି ଉଠିଥିଲା। ସିଲିଣ୍ଡର୍ ଥିବା ଦୋକାନ ଘରଟି ସଂପୂର୍ଣ୍ଣ ଚୂରମାର୍ ହୋଇଯିବା ସହ ହୁତୁହୁତୁ ହୋଇ ଜଳିଥିଲା। ଏହି ଦୋକାନରେ ବେଆଇନ ଭାବରେ ୬୦ ଅଧିକ ଗ୍ୟାସ୍ ଟାଙ୍କି ରଖାଯାଇଥିବା ବେଳେ ହଠାତ ନିଆଁ ଲାଗି ବିସ୍ଫୋରଣ ଘଟିଥିଲା। ଉକ୍ତ ଦୋକାନଟି ଏସ୍.କେ ହାଫିଜ ନାମକ ଜଣେ ହୋମଗାର୍ଡଙ୍କ ବୋଲି ଜଣାପଡ଼ିଛି। କେବଳ ଗ୍ୟାସ୍ ସିଲିଣ୍ଡର ନୁହେଁ, ତା' ମଧ୍ୟରେ ବଡ଼ବଡ଼ ଡିଜେଲ ଗ୍ୟାଲନ୍ ମଧ୍ୟ ଦେଖିବାକୁ ମିଳିଛି। ୩ ବର୍ଷରୁ ଅଧିକ ସମୟ ଧରି ସେଠାରେ ଏହି ବେଆଇନ ଭାବେ ଏହି ବ୍ୟବସାୟ ହୋଇ ଆସୁଥିଲା। ମାତ୍ର ଯୋଗାଣ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ହାତ ବାନ୍ଧି ବସିଥିଲା। ଖାଲି ଏହି ଗୋଟିଏ ନୁହେଁ, ଏମିତି ଅନେକ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ଚୋରାରେ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଛି। ତେଣୁ, ପୁଲିସ୍ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ପୂର୍ବତନ ସରପଞ୍ଚ ତପନ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି। ବିସ୍ଫୋରଣ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ କର୍ମଚାରୀ ଅଫୁଟା ଗ୍ୟାସ ସିଲିଣ୍ଡର ଗୋଟିଏ ପରେ ଗୋଟିଏ ବାହାର କରି ସୁରକ୍ଷିତ ସ୍ଥାନରେ ରଖିଥିଲେ। ବଡ଼ କଥା ହେଲା, ବଳରାମଗଡ଼ି ମେରାଇନ୍ ଥାନାଠାରୁ ମାତ୍ର ୧ କି.ମି ଭିତରେ ଏହି ଚୋରା ବ୍ୟବସାୟ ଚାଲୁଥିବା ବେଳେ ପୁଲିସ୍ ଅଧିକାରୀଙ୍କ କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ସ୍ଥାନୀୟ ଆଇଆଇସି ନରେନ୍ଦ୍ର କୁମାର ପାଲ ଏହି ବେଆଇନ କାରବାର ବାବଦରେ କିଛି ଜାଣିନାହାନ୍ତି, କେବଳ ଖବର ପାଇ ଆସିଛନ୍ତି ବୋଲି କହିଥିଲେ।

**ଅଗ୍ନିକାଣ୍ଡରେ ଛାରଖାର ହୋଇଗଲା ଗୋଦାମ**

**ବେଆଇନ କାରବାର ଚଳାଉଥିଲେ ଗୃହରକ୍ଷୀ**



# ୪ ମୁଣ୍ଡ ନେଲେ ରକ୍ତମୁଖା ମାଓବାଦୀ

ମାଲକାନଗିରି, ୧୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀମାନେ ପୁଣି ରକ୍ତମୁଖା ହୋଇଉଠିଛନ୍ତି। ଗୋଟିଏ ଦିନରେ ୪ ଜଣଙ୍କୁ ଅତି ବର୍ବରୋଚିତ ଭାବେ ହତ୍ୟା କରିଛନ୍ତି। କରେଗୁଟା ମାଓଦମନ ଅପରେସନ୍ ଶେଷ ହେବାର ଦିନକ ପରେ ପୁଲିସ୍ ସୂଚନାଦାତା ସନ୍ଦେହରେ ଉସୁର ଓ ପାମେଡ ଅଞ୍ଚଳରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ କଂଗ୍ରେସ କର୍ମୀ, ଜଣେ ଶିକ୍ଷାଦୂତ, ବିଦ୍ୟାଳୟର ରୋଷେୟା ଓ ଜଣେ ଗ୍ରାମବାସୀ ରହିଛନ୍ତି। ମୃତ କଂଗ୍ରେସ କର୍ମୀ ହେଲେ ନାଗା ଭଣ୍ଡାରୀ। ସେ କୌଣସି କାର୍ଯ୍ୟରେ ସହରକୁ ଯାଇ ଫେରୁଥିବା ବେଳେ ତାଙ୍କ ଘରଠାରୁ ଅଳ୍ପଦୂରରେ ଲୁଚି ରହିଥିବା ମାଓବାଦୀମାନେ ତାଙ୍କୁ ଆକ୍ରମଣ କରି ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହକୁ ଘଟଣାସ୍ଥଳରେ ଛାଡ଼ି ପଳାଇଥିଲେ। ଗତ ୨୦୨୪ ଅକ୍ଟୋବରରେ ନାଗା ଭଣ୍ଡାରୀଙ୍କ ବଡ଼ଭାଇ ତିରୁପତି ଭଣ୍ଡାରୀଙ୍କୁ ମଧ୍ୟ ଉସୁର ନିକଟରେ ସ୍ପଷ୍ଟ ଦିବାଲୋକରେ ମାଓବାଦୀମାନେ ହତ୍ୟା କରିଥିଲେ।

**ମୃତକଙ୍କ ମଧ୍ୟରେ ଜଣେ କଂଗ୍ରେସ କର୍ମୀ**

ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସେହିପରି ପାମେଡ ଅଞ୍ଚଳରେ ମଧ୍ୟ ମାଓବାଦୀମାନେ ଛତିଶଗଡ଼ ଶିକ୍ଷା ବିଭାଗର ଜଣେ ଶିକ୍ଷାଦୂତଙ୍କ ସହ ଜଣେ ରୋଷେୟା ଓ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ତେବେ ଏନେଇ ପୁଲିସ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳି ଯାଇଛି।

**ରାଜ୍ୟର ସାମୁଦ୍ରିକ ଉପକୂଳ ମୁକୁଳା**

# ଥାନା ଜଗିବାକୁ ନାହାନ୍ତି କର୍ମଚାରୀ

ଭୁବନେଶ୍ୱର,୧୨।୫(ସମିସ): ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତା ବଢିବା ପରେ ଜଳପଥକୁ ଅଧିକ ଗୁରୁତ୍ୱ ଦିଆଯାଉଛି; କିନ୍ତୁ ଓଡ଼ିଶା ଉପକୂଳବର୍ତ୍ତି ଥାନା ଗୁଡିକରେ ଆବଶ୍ୟକୀୟ କର୍ମଚାରୀ ଅଭାବ ଏ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ୧୮ଟି ସାମୁଦ୍ରିକ ଥାନା ପାଇଁ ୧୦୦୮ ଟି ବିଭିନ୍ନ ବର୍ଗର ମଞ୍ଜୁରୀପ୍ରାପ୍ତ ପୁଲିସ୍ କର୍ମଚାରୀ ଥିବାବେଳେ ଏହିସବୁ ପଦବୀରେ ଅଛନ୍ତି ମାତ୍ର ୩୧୨ ଜଣ। ରାଜ୍ୟର ୪୮୦ କିଲୋମିଟର ସମୁଦ୍ର ଉପକୂଳକୁ ଜଗିବାପାଇଁ ସରକାର ୧୮ଟି ସାମୁଦ୍ରିକ ଥାନା ରହିଛି। ଏଗୁଡିକ ମଧ୍ୟର ବାଲେଶ୍ୱରରେ ୩ଟି, ଭଦ୍ରକରେ ୪ଟି, କେନ୍ଦ୍ରାପଡାରେ ୩ଟି, ଜଗତସିଂହପୁରରେ ୩ଟି, ପୁରୀରେ ୪ଟି, ଗଞ୍ଜାମ ଓ ବ୍ରହ୍ମପୁରରେ ଗୋଟିଏ କରି ଥାନା ସ୍ଥାପନ ହୋଇଛି। ଏହିସବୁ ଥାନା ପାଇଁ ଥିବା ମୋଟ୍ ୧୦୦୮ ପଦବୀ ମଞ୍ଜୁର ହୋଇଛି। ଏହା ମଧ୍ୟରେ ୧୮ଟି ଇନ୍ସପେକ୍ଟର ପଦ ଥିବାବେଳେ ଏଥିରେ ୧୫ଜଣ କାର୍ଯ୍ୟରତ ଅଛନ୍ତି। ବାଲେଶ୍ୱରର କଷାଫଳ,ଭଦ୍ରକର ଧାମରା ଓ ବ୍ରହ୍ମପୁରର ସୋନାପୁର ସାମୁଦ୍ରିକ ଥାନାରେ ଇନ୍ସପେକ୍ଟର ନାହାନ୍ତି। ସେହିଭଳି ୫୪ଟି ଏସଆଇ ପଦବୀରେ ମାତ୍ର ୯ ଜଣଙ୍କୁ ନିଯୁକ୍ତି ମିଳିଛି ଓ ୫୪ ଏଏସଆଇ ପଦରୁ ୨୮ଟି ଖାଲି ପଡ଼ିଛି। ୧୪୪ଟି ହାବିଲଦାର ପଦ ଥିବାବେଳେ ମାତ୍ର ୧୬ ଜଣ ନିଯୁକ୍ତି ପାଇଛନ୍ତି ଓ ୪୩୨ କନଷ୍ଟେବଳ ପଦ ମଧ୍ୟରୁ ୧୧୩ଟି ପୂରଣ ହୋଇଛି। ୩୬ଟି ଡ୍ରାଇଭର ପଦରୁ ୩୧ଟି ଖାଲି ପଡ଼ିଛି। ୨୭୦ଟି ଗୃହରକ୍ଷୀ ପଦବୀ ଥିବାବେଳେ ଏଥିରେ ୧୨୮ଜଣ କାର୍ଯ୍ୟ କରୁଛନ୍ତି। ସାମୁଦ୍ରିକଥାନାରେ ଏଠାରେ ୨୮୦ଟି ବୈଷୟିକ ପଦ ପଦବୀ ରହିଛି, ମାତ୍ର ଏଠାରେ କାର୍ଯ୍ୟ କରୁଛନ୍ତି ମାତ୍ର ୯୦।

ସରକାର ଏହିସବୁ ସାମୁଦ୍ରିକ ଥାନାକୁ ୧୮ଟି ଚାରିଚକିଆ, ୩୬ଟି ଦୁଇଚକିଆ ଯାନ ସମେତ ୧୨ଟନ୍ କ୍ଷମତା ବିଶିଷ୍ଟ ୧୦ଟି ବୋଟ୍ ଓ ୫ଟନ୍ କ୍ଷମତା ବିଶିଷ୍ଟ ୫ଟି ବୋଟ୍ ଯୋଗାଇଛନ୍ତି। ଏଥି ସହିତ ସାମୁଦ୍ରିକ ଥାନାଗୁଡିକୁ ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲଇଡି ସର୍ଚ୍ଚ ଲାଇଟ୍, ଡିଜିଟାଲ ଫଟୋ କପିୟର, କମ୍ପାସ, ଭଏସ ରେକର୍ଡର, ଏଲଇଡି ଟର୍ଚ୍ଚ ଲାଇଟ୍, ବୋଟ୍ ପାଇଁ ଏଚଏମଏମ୍ ସହିତ ଦୂରବୀକ୍ଷଣ ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି। ତେବେ କର୍ମଚାରୀ ସଙ୍କଟ ଯୋଗୁଁ ତଟ ସୁରକ୍ଷା ପାଇଁ ଯେଭଳି ପଇଁତରା ମାରିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନିଆଯିବା କଥା ତାହା ହୋଇପାରୁ ନାହିଁ। ଗାଡି ଓ ବୋଟ୍ ଚଳାଇବାକୁ ଚାଳକ ନ ଥିବାବେଳେ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର ବି ହୋଇପାରୁ ନାହିଁ। ତେଣୁ ଯେଉଁ ଉଦ୍ଦେଶ୍ୟ ନେଇ ଉପକୂଳଥାନା ଗଠନ ହୋଇଥିଲା ତାହା ଏବେ ସଫଳ ହୋଇପାରୁନି। ଯେତେବେଳେ କିଛି ଅଘଟଣ ଘଟୁଛି ତେବେ ମେରାଇନ୍ ଥାନା ପୁଲିସ ଚେଇଁ ଉଠୁଛି। ଅନ୍ୟ ଦିନମାନଙ୍କରେ ଉପକୂଳ ଫାଙ୍କା ଓ ପୁଲିସ ବେଧଡ଼କ।

**୧୦୦୮ ସ୍ଥାନରେ ଅଛନ୍ତି ମାତ୍ର ୩୧୨**



# ଭୁବନେଶ୍ୱର ସିଟି

ବର୍ଷେ ହେଲା 'ଲାଇଟ୍ ବ୍ୟବସ୍ଥାକୁ ସୁଧାରିପାରୁନି କ୍ରୁଟ୍

# ଅନ୍ଧାରରେ ଆମ ବସ୍ ଷ୍ଟପ୍

ଭୁବନେଶ୍ୱର, ୧୨।୫(ସମିସ): ରାଜଧାନୀରେ କ୍ରୁଟ୍ ଦ୍ୱାରା ନିର୍ମିତ ବସ୍‌ଷ୍ଟପ୍‌ର ଅବସ୍ଥା ଧୀରେ ଧୀରେ ଶୋଚନୀୟ ହେବାରେ ଲାଗିଛି। କେଉଁଠି ଛାତରୁ ପାଣି ଗଳୁଛି ତ କେଉଁଠି ଚେୟାର ଭାଙ୍ଗି ଗଲାଣି। କିଛି ସ୍ଥାନରେ ମରାମତି କରିବାକୁ ଯାଇ ୩ରୁ ୪ ଦିନ ପର୍ଯ୍ୟନ୍ତ ବସ୍‌ଷ୍ଟପ୍‌ର ଉପର କଭର ଖୋଲି ଦିଆଯାଉଛି। ସେହିପରି ଅଧିକାଂଶ ସ୍ଥାନରେ ଥିବା ଆମ ବସ ଷ୍ଟପ୍ ଅନ୍ଧକାରମୟ ହୋଇଗଲାଣି। ଏଥିପାଇଁ ଯାତ୍ରୀମାନେ ନା ନା ହଇରାଣ ହେଉଛନ୍ତି। ବସଷ୍ଟପ୍‌ର ସ୍ଥିତି ସୁଧାରିବାକୁ ଯାତ୍ରୀ କ୍ରୁଟ୍‌କୁ ଅନୁରୋଧ କରୁଛନ୍ତି। ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି କ୍ରୁଟ୍ ଅଧିକାରୀଙ୍କ ପାଖରେ ଏନେଇ ଅଭିଯୋଗ କରୁଛନ୍ତି। ହେଲେ କ୍ରୁଟ୍ ଯାତ୍ରୀଙ୍କ ସୁବିଧା ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ବସ୍ ନାମ ପରିବର୍ତ୍ତନ ଉପରେ ଅଧିକ ଗୁରୁତ୍ୱ ଦେଉଛି।

ରାଜଧାନୀରେ ସୌଭାଗ୍ୟ ନଗର ଅଞ୍ଚଳରେ ଥିବା ବସଷ୍ଟପ୍‌ରେ ବହୁ ଦିନ ଧରି ଲାଇଟ୍ ଜଳୁନି।



ମହିଳା ଯାତ୍ରୀମାନେ ପ୍ରତ୍ୟେକ ଦିନ ଏଠାରେ ବହୁ ସମୟ ଧରି ବସ୍‌ପାଇଁ ଅପେକ୍ଷା କରୁଛନ୍ତି। ଆଲୋକ ନ ଜଳିବାରୁ ମହିଳା ଯାତ୍ରୀମାନେ ଏଠାରେ ଛିଡ଼ା ହେବାକୁ ଅସୁରକ୍ଷୀତ ମଣୁଛନ୍ତି। ଅନ୍ଧାର ସୁଯୋଗ ନେଇ ଅସାମାଜିକ ଯୁବକମାନେ ଏଠାରେ ଆଡ୍ଡା ଜମାଉଛନ୍ତି। ବିଭିନ୍ନ ସମୟରେ ଏଠାରେ ଛିଡା ହେଉଥିବା ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏହି ବସଷ୍ଟପ୍ ବହୁଦିନ ହେବ ଅନ୍ଧାକରମୟ ହେଲାଣି, ଏନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି ଜଣେ ମହିଳା ଯାତ୍ରୀ କହିଛନ୍ତି। କେବଳ ସୌଭାଗ୍ୟ ନଗର ନୁହେଁ ହଂସପାଳ ଅଞ୍ଚଳ ସମେତ ଏକାଧିକ ସ୍ଥାନରେ ଏଭଳି ଅବସ୍ଥା ଦେଖାଦେଉଛି। ହେଲେ କ୍ରୁଟ୍ ଏଥିପ୍ରତି ଧ୍ୟାନ ଦେଉନାହିଁ। ପ୍ରାୟ ବର୍ଷେ ହେବ ବିଭିନ୍ନ ବସଷ୍ଟପ୍ ଅନ୍ଧକାର ହୋଇଯାଉଛି। ନିୟମିତ ଭାବେ ମରାମତି ହୋଇପାରୁନି ଏଣୁ ଏଭଳି ସ୍ଥିତି ହୋଇଛି ବୋଲି ଜଣେ କର୍ମଚାରୀ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

## ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୨୫ ଲକ୍ଷ ଠକେଇ

ଭୁବନେଶ୍ୱର, ୧୨।୫(ସମିସ): ଅନ୍‌ଲାଇନ୍ ଟ୍ରେଡିଂର ଲୋଭ ଦେଖାଇ ସାଇବର ଠକ ୨୬ ଲକ୍ଷ ଟଙ୍କା ଠକି ନେଇଥିବା ସମ୍ପର୍କରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି ଶୁଭ୍ରାଂଶୁ ଶେଖର ମହାପାତ୍ର।

ଅଭିଯୋଗ ଅନୁସାରେ, ଗତ ଅଗଷ୍ଟ ମାସରେ ତାଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଅନ୍‌ଲାଇନ୍ ଟ୍ରେଡିଂ କରି ଲାଭ ପାଇବାର ମେସେଜ୍ ଆସିଥିଲା। ଲୋଭରେ ପଡ଼ି ଶୁଭ୍ରାଂଶୁ ଶେଖର ତାଙ୍କ ସହ କଥା ହୋଇଥିଲେ। ଅଭିଯୁକ୍ତ ତାଙ୍କ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିବା ସହ କିଭଳି ଟ୍ରେଡିଂ କରାଯିବ ସେନେଇ ଜଣେ ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ଶୁଭ୍ରାଂଶୁ ତାଙ୍କ ସହ ଯୋଗାଯୋଗ କରିବା ପରେ ପ୍ରଥମେ ୧ଲକ୍ଷ ଟଙ୍କା ଲଗାଇଥିଲେ। ଏହିଭଳି ସେ ୨୫ଲକ୍ଷ ଟଙ୍କା ଲଗାଇ ଦେଇଥିଲେ। ହେଲେ ତାଙ୍କୁ ଲାଭ ମିଳିନଥିଲା। ବରଂ ଆହୁରି ଟଙ୍କା ଲଗାଇଲେ ଏକାବେଳେ ମିଳିବ ବୋଲି ଠକ କହୁଥିଲେ। କିନ୍ତୁ ଶୁଭ୍ରାଂଶୁଙ୍କ ସନ୍ଦେହ ହେବାରୁ ସେ ଯାଞ୍ଚ କରିବା ପରେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

## ଜଳିଗଲା ୨ ବଖରା ଘର

ବାଲିଅନ୍ତା, ୧୨।୫(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରଣପଧାନ ଗ୍ରାମ ପଞ୍ଚାୟତ ଅଧୀନ ଶିଶିଲୋ ଗ୍ରାମର ହରିଜନ ସାହିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ପ୍ରାପ୍ତ ଖବରରୁ ଜଣାଯାଏ କି ଅପରାହ୍ନ ଚାରିଟା ସମୟରେ ହଠାତ ବାମନ ଭୋଇଙ୍କ ଚାଳ ଘରୁ ଧୂଆଁ ବାହାରିବା ଦେଖି ଗାଁ ଲୋକେ ସାହାଯ୍ୟ କରିବା ଲାଗି ଦୌଡ଼ି ଆସିଥିଲେ। ନିଆଁକୁ ଆୟତ୍ତ କରିବାଲାଗି ଚାଳ ଛପର ଘରକୁ ଓଲାରି ପକାଇଥିଲେ। ବାଲିପାଟଣା ଅଗ୍ନିଶ୍ରମ ବିଭାଗ କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଲିଭାଇ ଥିଲେ। ଦୁଇ ବଖରା ଘର ସହ ଆସବାବପତ୍ର ପୋଡ଼ି ଯାଇଛି। ବିଦ୍ୟୁତ୍ ସଟ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବାର ଅନୁମାନ କରାଯାଏ। ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅସହାୟ ପରିବାରକୁ ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଛୁଟି ଦିବସ ଥିବାରୁ କୌଣସି ସରକାରୀ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚି ପାରିନାହାଁନ୍ତି।

## ଓଢ଼ଣି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୧୨।୫(ସମିସ): ମାନସିକ ଭାରସ୍ୟାମ ହରାଇ ଜଣେ ଯୁବତୀ ବେକରେ ଆତ୍ମହତ୍ୟା କରିଛନ୍ତି। ଯୁବତୀ ଜଣଙ୍କ ଓଢଣି ଲଗାଇ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ମୃତ ଯୁବତୀ ଜଣଙ୍କ ହେଲେ ନୂଆସାହିର ମାମୁନି ଦାଶ। ପୁଲିସ କହିବା ଅନୁସାରେ, ଗତ କିଛି ଦିନ ହେବ ମାମୁନି ମାନସିକ ଭାରସ୍ୟାମ ହରାଇଥିଲେ। ସେ ମାନସିକ ବିକାରଗ୍ରସ୍ତ ପରି ହେଉଥିଲେ। ତେଣୁ ସୋମବାର ସକାଳୁ ନିଜ ରୁମ୍‌ରେ ବେକରେ ଓଢ଼ଣି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକ ଦେଖି ପୁଲିସକୁ ଜଣାଇବା ପରେ ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ବୌଦ୍ଧଧର୍ମ କେବଳ ଏକ ଧର୍ମ ନୁହେଁ, ଏହା ଜୀବନଚର୍ଯ୍ୟାର ଏକ ମାର୍ଗ



ଭୁବନେଶ୍ୱର, ୧୨।୫(ସମିସ): କଳିଙ୍ଗ ବୁଦ୍ଧ ବିହାର ପକ୍ଷରୁ ୨୫୬୯ତମ ବୁଦ୍ଧ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଯୋଗ ଦେଇ ବୌଦ୍ଧ ଧର୍ମକୁ ଏକ ଧର୍ମ ନୁହେଁ ବରଂ ଜୀବନଚର୍ଯ୍ୟା ବୋଲି କହିଥିଲେ। ଏଥିରେ ମହାବୋଧି ସୋସାଇଟି ଓଡ଼ିଶା ଶାଖାର ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟ କରିଥିଲେ। ସମ୍ପାଦକ ସୌରେନ୍ଦ୍ର କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ପରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କଳିଙ୍ଗ' ଉନ୍ମୋଚିତ ହୋଇଥିଲା। ଏହି ସଭାରେ ବୌଦ୍ଧ ଗବେଷକ ପ୍ରବୀର କୁମାର ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବୌଦ୍ଧଧର୍ମ ସମ୍ପର୍କରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମରେ କୌଣସି ବ୍ୟବସ୍ଥା ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ ଉପସଭାପତି ନମ୍ରତା ଚଢା ଧନ୍ୟବାଦ ଦେଇଥିଲେ।

## ବାପୁଜୀ ନଗରରେ 'ଦାରୁବ୍ରହ୍ମଙ୍କ ଲୀଳା ମାଧୁରୀ'

ଭୁବନେଶ୍ୱର, ୧୨।୫(ସମିସ): ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ଦାରୁବ୍ରହ୍ମଙ୍କ ଲୀଳା ମାଧୁରୀ' କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରବକ୍ତା ଭାବେ ପୂଜ୍ୟ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦଜୀ ମହାରାଜ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ବରିଷ୍ଠ ଦୈତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ରଙ୍କ ସଭାପତିତ୍ୱରେ ବାପୁଜୀ ନଗର ଶ୍ରୀ ଶ୍ରୀ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କୁ ଟ୍ରଷ୍ଟର ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ସ୍ୱାଗତ ଜଣାଇଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର, ବଡୁ ସୁଆର ନିଯୋଗ ସଭାପତି ବିଶ୍ୱନାଥ ସମନ୍ତରା ଯୋଗ ଦେଇଥିଲେ। ଦୁର୍ଗାମନ୍ଦିର ଟ୍ରଷ୍ଟର ସୌଜନ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପସଭାପତି ରାଧାବଲ୍ଲଭ ସିଂହ, କୋଷାଧ୍ୟକ୍ଷ ରମେଶଚନ୍ଦ୍ର ପାଢ଼ୀ, ବରିଷ୍ଠ ସଭ୍ୟ ଦେବେନ୍ଦ୍ର ଦାସ, ଅରୁଣ ଲେଙ୍କା ପରିଚାଳନା କରିଥିଲେ।

## ଏକକ ଚିତ୍ରକଳା ପ୍ରଦର୍ଶନୀ 'ବାସ୍ତୁ' ଉଦ୍‌ଘାଟିତ



ଭୁବନେଶ୍ୱର, ୧୨।୫(ସମିସ): ଟୁଗେଦର ପକ୍ଷରୁ ଜୟଦେବ ଭବନଠାରେ ଉପସ୍ଥାପିତ ଏକକ ଚିତ୍ରକଳା ପ୍ରଦର୍ଶନୀ 'ବାସ୍ତୁ' ଉଦ୍‌ଘାଟିତ ହୋଇଯାଇଛି। ଶିଳ୍ପୀ ଶୁଭମୟ ବିଶ୍ୱାଳଙ୍କ ଦ୍ୱାରା ଏହି ଏକକ ଚିତ୍ରକଳା ପ୍ରଦର୍ଶନୀରେ ୧୧ଟି ଚିତ୍ର ଉପସ୍ଥାପନ କରାଯାଇଥିଲା। ଏହି ଚିତ୍ରଗୁଡିକ 'ବାସ୍ତୁ' ଉପରେ ଆଧାରିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଅମର କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥ ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସେକ୍ରେଟେରୀ ଡ. ଚନ୍ଦ୍ରଶେଖର ହୋତା ଏବଂ ଚିତ୍ରଶିଳ୍ପୀ ମାନସ ରଞ୍ଜନ ଜେନା ଉପସ୍ଥିତ ଥିଲେ।

## କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚର ମାତୃ ଦିବସ

ଭୁବନେଶ୍ୱର, ୧୨।୫(ସମିସ): ଆନ୍ତର୍ଜାତୀୟ ମାତୃ ଦିବସ ଅବସରରେ କେ-୯ ଏ, କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ କଳିଙ୍ଗ ନଗର ଖୁସି ପରିସରଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମଞ୍ଚର ସଭାପତି ଦିଲ୍ଲୀପ କୁମାର ସାହାଣୀ ସଭାପତିତ୍ୱ କରିଥିଲେ। ସଭାରେ କବୟିତ୍ରୀ ତରୁଣବାଳା ମହାପାତ୍ର, ମହିଳା ବିଭାଗର ସମ୍ପାଦିକା ନିରୂପମା ଦାସ, ସବିତା ପତି, ଏ. ପ୍ରତିମା, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚର ଉପ ସଭାପତି ଲକ୍ଷ୍ମୀଧର ପୃଷ୍ଟି, ସମ୍ପାଦକ ଘନଶ୍ୟାମ ମହାପାତ୍ର, କୋଷାଧ୍ୟକ୍ଷ ଧ୍ରୁବଚରଣ ରାଉତରାୟ, ସଭା ପରିଚାଳନାରେ ସହଯୋଗ କରିଥିଲେ।

ନୀଳକଇଁର ଅବସୋସ

## ନାଟକରେ ମାତୃତ୍ୱକୁ ନେଇ ମନସ୍ତାତ୍ତ୍ୱିକ ବିଶ୍ଳେଷଣ

ଭୁବନେଶ୍ୱର, ୧୨।୫(ସମିସ): ବିବାହ ପୂର୍ବରୁ ରାକେଶ ସାଥୀରେ ଲିଭ୍ ଇନ୍ ରିଲେସନରେ ରହି ବାରମ୍ବାର ଗର୍ଭପାତ କରିଥାଏ ସ୍ୱପ୍ନା। ମାନସିକ ଅବସାଦଗ୍ରସ୍ତ ହୋଇପଡ଼େ। ସ୍ୱାମୀ ରାକେଶ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତି। ପରିଶେଷରେ ନାଟକୀୟ ଭାବରେ ଏକ କନ୍ୟା ସନ୍ତାନ ପୋଷ୍ୟ ସନ୍ତାନ ଭାବେ ରାକେଶ ଘରକୁ ଆଣନ୍ତି ଓ ସ୍ୱପ୍ନା ଗ୍ରହଣ କରିନିଏ। ଏକ ଶୃଙ୍ଖଳିତ ସମାଜ ଗଠନ ତଥା ସାମାଜିକ ସଚେତନତା ସୃଷ୍ଟି ପାଇଁ ନାଟ୍ୟକାର ଡ. ରଜନୀ ଓ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ପରିବେଶିତ ହୋଇଥିଲା ନାଟକ ଅବସୋସ। ରାଜଙ୍କ ସଙ୍ଗୀତ, ତ୍ରିମୂର୍ତ୍ତୀ ଆର୍ଟଙ୍କ ମଞ୍ଚ ସଜ୍ଜା, ମାନସ୍ମିତାଙ୍କ ନୃତ୍ୟ ସଂଯୋଜନା ନାଟକଟିର ଅନ୍ୟତମ ସଫଳ ଦିଗ। ସ୍ୱପ୍ନା ଭୂମିକାରେ ସୁଧାଂଶୁବାଳାଙ୍କ ଅଭିନୟ ଖୁବ ଜୀବନ୍ତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ରାକେଶ ଭୂମିକାରେ ଦିଲ୍ଲୀପ ବିଶ୍ୱାଳ, ଶିଶୁ କଳାକାର ଫିଓନକ୍ଷ ସୁନ୍ଦର ଅଭିନୟ କରିଥିଲେ। ମିଲି ମିଶ୍ର, ଶକ୍ତି ମହାପାତ୍ର, ଶ୍ରେୟା, ସାଇନକ୍ଷ, ଅମିତ୍, ରାହୁଲ୍, ଅମନ୍‌ଝିତ୍, ସରିତା, ଅର୍ମାନ ଓ ଅସ୍ମି ପ୍ରମୁଖ ନାଟକଟିକୁ ଋଦ୍ଧିମନ୍ତ କରିଥିଲେ। ନୀଳକଇଁ ପ୍ରଯୋଜିତ ଓ ଟିମ୍ ନିବେଦିତ ଏହି ନାଟକ ଅବସୋସରେ ଅତିଥି ଭାବରେ ନାଟ୍ୟକାର ଡ. ନାରାୟଣ ସାହୁ, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ଡ. ମହେନ୍ଦ୍ର ମଲ୍ଲିକ, ପ୍ରମୋଦ ଦାସ, ଅଜିତ ଦାସମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ନୀଳକଇଁ ସମ୍ପାଦିକା ସସ୍ମିତା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।





ବିପଦ ସଂକୁଳ ଅବସ୍ଥାରେ ମାଷ୍ଟର କ୍ୟାଣ୍ଟିନ ଛକରେ ବାଉଁଶ ଛାଞ୍ଚ (ଫଟୋ: ଦୀପକ)

## ସୁବାସିନୀ ହରିଚନ୍ଦନ ମହାପାତ୍ରଙ୍କ ପରଲୋକ

ବାଲିଅନ୍ତା, ୧୨।୫(ସମିସ): ଗଡ଼ଶ୍ରୀରାମପୁର ଗ୍ରାମର ସାଅନ୍ତ ପରିବାରର ମୁଖ୍ୟ ନେତ୍ରାନନ୍ଦ ହରିଚନ୍ଦନ ମହାପାତ୍ରଙ୍କ ପତ୍ନୀ ସୁବାସିନୀ ହରିଚନ୍ଦନ ମହାପାତ୍ରଙ୍କର ଆଜି ମଧ୍ୟାହ୍ନ ସାଢ଼େ ୧୨ଟା ବେଳେ ପରଲୋକ ହୋଇଯାଇଛି। ସୁବାସିନୀଙ୍କ ମୃତ୍ୟୁ ଖବର ପାଇବା କ୍ଷଣି ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡପୁଅ ବିଜୟ କୁମାର ହରିଚନ୍ଦନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନପୁଅ ଅଜୟ କୁମାର ହରିଚନ୍ଦନ ମହାପାତ୍ର, ଯୁବନେତା ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ର ଏବଂ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଜାତିର ପିତାଙ୍କ ବାଲକାଟି ଅବସ୍ଥାନର ୯୧ତମ ବାର୍ଷିକୀ ପାଳିତ

ବାଲିଅନ୍ତା, ୧୨।୫(ସମିସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପଦଯାତ୍ରା ଓ ବାଲକାଟି ଅବସ୍ଥାନର ୯୧ତମ ବାର୍ଷିକୀ ସୋମବାର ଅପରାହ୍ନରେ ୧୯୩୪ ଗାନ୍ଧୀ ପଦଯାତ୍ରା ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ମହା ସମାରୋହରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତରା ଛକ ଠାରୁ ଗାନ୍ଧୀ ଐତିହ୍ୟ ପଦଯାତ୍ରା ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ସ୍ଥିତ ଗାନ୍ଧୀପୀଠ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଆଡଭୋକେଟ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗାନ୍ଧୀ ବିଚାରଧାରା ଆଲୋଚନା ଚକ୍ର ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ ଅଧିବକ୍ତା ଉପେନ୍ଦ୍ର କୁମାର ସାମନ୍ତରାୟ, ସୁବ୍ରତ ମହାନ୍ତି, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପାତ୍ର, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅରବିନ୍ଦ ସାହୁ, ଦୀନବନ୍ଧୁ ଭୋଇ, ପ୍ରଶାନ୍ତ କୁମାର ବାରିକ, ଅଶୋକ ସାହୁ ପ୍ରମୁଖ ଗାନ୍ଧୀଙ୍କ ବାଲକାଟି ରହଣିର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସମାଜସେବୀ ବେଣୁଧର ଭୋଇ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କୁ ଗାନ୍ଧୀ ମଣିଷ ସମ୍ମାନରେ ସମ୍ମାନିତ କରାଯିବା ସହ ବିଶିଷ୍ଟ ସଙ୍କୀର୍ତ୍ତନ କଳାକାର ସରୋଜ କୁମାର ରାଉତରାୟଙ୍କୁ ସମ୍ମାନୀତ କରାଯାଇଥିଲା।




# ସହରୀ ମଣିଷଙ୍କ ଭୟର କାହାଣୀ 'ଡର'

ଭୁବନେଶ୍ୱର, ୧୨।୫(ସମିସ)

ଗୁରୁବାର ଭଞ୍ଜକଳା ମଣ୍ଡପରେ ନବଗୁଞ୍ଜରର ଚତୁର୍ଥ ବାର୍ଷିକ ଉତ୍ସବରେ ମଞ୍ଚସ୍ଥ ହୋଇଛି। ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହିଙ୍କ ଲିଖିତ ଓ ଇଂ. ପ୍ରୀତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ଡର'। ଏହି ଉପଲକ୍ଷେ ଆୟୋଜିତ ସଭାରେ ନବଗୁଞ୍ଜର ସଭାପତି ଈଶ୍ୱର ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଉପ ପରିଚାଳନା ନିର୍ଦ୍ଦେଶକ ଅନୁପ କୁମାର ମହାପାତ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ସର୍କଲର ଚିଫ୍ ଜେନରାଲ ମ୍ୟାନେଜର ଦୀନେଶ ପ୍ରୁଥି, ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବର୍ଷିୟାନ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକଙ୍କୁ ନବଗୁଞ୍ଜର ଜୀବନ ବ୍ୟାପି ସାଧନା ସମ୍ମାନ ଏବଂ କଳାକାର ଏନ୍. ରାମବାବୁଙ୍କୁ ନବଗୁଞ୍ଜର ନାଟ୍ୟପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ନାଟକର ମୁଖ୍ୟ ଚରିତ୍ର ଭାନୁ ପ୍ରକାଶ ଜଣେ ଅବସରପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀ। ଦିନେ ସକାଳେ ବଜାରରୁ ଫେରି ସେ ନିଜ ଝିଅଠୁ ଖବର ପଆନ୍ତି ଯେ କଲୋନୀର ତାଙ୍କ ଘର ପଛ ପଟରେ ପଡ଼ିଛି ଗୋଟିଏ ଶବ। ପଡୋଶୀ ଗୁମାନ ବାବୁଙ୍କ ସହିତ ପରାମର୍ଶ କରି ଭାନୁ ପ୍ରକାଶ ଶବ ଉଠାଇ ଦେବାକୁ ମୁନିସିପାଲିଟି କର୍ତ୍ତୃପକ୍ଷକୁ ଦରଖାସ୍ତଟିଏ ଲେଖନ୍ତି। ଯେତେବେଳେ ଗୁମାନ ବାବୁ ଦରଖାସ୍ତରେ କଲୋନୀର ଲୋକଙ୍କ ଠାରୁ ଦସ୍ତଖତ ଆଣିବା ପାଇଁ ଯଆନ୍ତି, ସେତେବେଳ ଲୋକଙ୍କ ମନରେ ଡ଼ର ପଶେ। କାଳେ ହତ୍ୟା ମାମଲାରେ ପଡ଼ିବେ। ପୁଲିସ ଥାନାକୁ ଡାକିବ ଏହି ଭୟରେ ଦସ୍ତଖତ କରିନ୍ତି ନାହିଁ। ଶବ ପଚି ଦୁର୍ଗନ୍ଧ ହେବା କାରଣରୁ ଲୋକମାନେ କବାଟ ଝରକା ବନ୍ଦ କରି ଘର ଭିତରେ ଝୁଣା, ଝୁଣା ଧୂଆଁ, ଧୂପ ଦେଇ ଚାରି ଦିନ ରହନ୍ତି। ପରେ ଜଣାପଡ଼େ ମୃତକ ଜଣକ ଭାନୁପ୍ରକାଶଙ୍କର ଶ୍ୱଶୁର। ଭାନୁପ୍ରକାଶଙ୍କ ଘରକୁ ଆସିବା ବାଟରେ ତାଙ୍କର ମୂର୍ଚ୍ଛା ରୋଗରେ ପୀଡିତ ହେଲେ। ଠିକ୍ ସମୟରେ ଡାକ୍ତରଖାନା ନେଇଥିଲେ ହୁଏତ ତାଙ୍କ ଜୀବନ ବଞ୍ଚି ଯାଇଥାନ୍ତା। ନାଟକ 'ଡ଼ର'ରେ ସହରୀ ଜୀବନରେ ଲୋକଙ୍କ ଭୟକୁ ସୁନ୍ଦର ଭାବରେ ନାଟ୍ୟକାର ଚିତ୍ରିତ କରିଛନ୍ତି। ବାସ୍ତବିକ 'ଡ଼ର' ଖୁବ୍ ସଂକ୍ରାମକ। ସହରୀ ମଣିଷ ମାନସିକତାରେ ଡ଼ରୁଆ ଓ ବିପଦ ବିରୁଦ୍ଧରେ ଲଢ଼ିବାକୁ ପ୍ରେରଣା ଦେବା ପରିବର୍ତ୍ତେ ସେ ସ୍ଥାନ ଛାଡ଼ି ପଳାୟନ କରିବାକୁ ଡ଼ର ମଣିଷକୁ ଉତ୍ସାହିତ କରେ। ତେଣୁ ଡ଼ର ସର୍ବଦା ବର୍ଜନୀୟ। ନାଟକରେ ଅଭିନୟ କରିଛନ୍ତି ସଞ୍ଜୀବ ଦାସ, ମିନାକ୍ଷୀ ମିଶ୍ର, ଇତିଶ୍ରୀ ଦାସ, ଅମ୍ବିକା ମିଶ୍ର, ପ୍ରଫୁଲ୍ଲ ନାୟକ, ପ୍ରଦୀପ ଗିରି, ସ୍ୱାଗତିକା ଷଡ଼ଙ୍ଗୀ, ସୁବ୍ରତ, ଯୋଗୀନ୍ଦ୍ର ମିଶ୍ର, ବାପୁଜୀ ବିଶ୍ୱାଳ, ସୁବଳ ମହାରଣା, ସନତ୍ ସାହୁ, ଅମିର ପଣ୍ଡା, ଅର୍ଚ୍ଚନା ରଥ, ଦୁର୍ଗା ମହାପାତ୍ର ଓ ଶିଶୁ କଳାକାର ମାନେ। ନାଟକର ଆରମ୍ଭରେ ନୃତ୍ୟ ପ୍ରଦର୍ଶନ କରିଥିଲେ ଅମିତା, ସନ୍ଦୀପ ଓ ଇତିଶ୍ରୀ।



# ଭୁବନେଶ୍ୱର ସିଟି




## ୱାଟ୍‌କୋ ଅଧିକାରୀଙ୍କ ମଧ୍ୟରେ ଛକାପଞ୍ଝା

# ଜଳକଷ୍ଟରେ ୩୦ ହଜାର ରାଜଧାନୀବାସୀ

ଭୁବନେଶ୍ୱର, ୧୨।୫(ସମିସ)

ମୁଣ୍ଡଫଟା ଖରାରେ ରାଜଧାନୀରେ ଉତ୍କଟ ଜଳ ସଂକଟ। ଖଣ୍ଡଗିରି, ଧର୍ମବିହାର, କ୍ରିଷ୍ଣାଗାର୍ଡେନ୍, ଆଇଟିଆର୍, ଗ୍ରିନ୍‌ପାର୍କ, ଜାଗମରା, ଧର୍ମବିହାର ଅଞ୍ଚଳର ପ୍ରାୟ ୩୦ ହଜାର ବାସିନ୍ଦା ପାଣି ପାଇଁ କାଉଲୁବାଉଲୁ ହେଉଛନ୍ତି। ଶୋଷରେ ତଣ୍ଟି ଶୁଖିଯାଉଛି। ହେଲେ ଟ୍ୟାପ୍ ମୋଡିଲେ କିନ୍ତୁ ପାଣି ବାହାରୁ ନାହିଁ। ୱାଟକୋ ଅଧିକାରୀଙ୍କ ନିଜ ନିଜ ଭିତରେ ଛକାପଞ୍ଝା ସହ ପରିଚାଳନା ଗତ ତ୍ରୁଟି ଯୋଗୁଁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳକଷ୍ଟ ଭୋଗୁଛନ୍ତି।

ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ମୁଖ୍ୟ ରିଜର୍ଭରକୁ ମହାନଦୀର ମୁଣ୍ଡଳିରୁ ପାଇପ୍ ଯୋଗେ ପାଣି ପ୍ରବାହିତ ହୋଇଥାଏ। ଏଠାରୁ ୬ରୁ ୭ ଅଞ୍ଚଳକୁ ଜଳ ଯୋଗାଣ ହୋଇଥାଏ। ଗତ କିଛିଦିନ ହେବ ମହାନଦୀରେ ଜଳସ୍ତର କମିଯାଇଛି। ଏଣୁ ରିଜରଭରକୁ କମ୍ ପାଣି ମିଳୁଛି। ଯେଉଁଠି ପ୍ରତ୍ୟେକ ଦିନ ୧୪୧ ଏମ୍ଏଲ୍‌ଡି ପାଣି ଆସୁଥିଲା ଏବେ ଏହା ତଳକୁ ଖସି ୧୨୮ ଏମ୍ଏଲ୍‌ଡ଼ିରେ ପହଞ୍ଚିଛି। ହେଲେ ଘାଟିକିଆସ୍ଥିତ ରଜର୍ଭରରେ କିଛି କର୍ମଚାରୀ ଏହାର ସୁଯୋଗ ନେଇ ଉପରୋକ୍ତ ଅଞ୍ଚଳକୁ ଜଳ ଯୋଗାଣ କମାଇଦେଲେ। ଜଳ ଆବଣ୍ଟନକୁ ନେଇ ପାତରଅନ୍ତର କଲେ।



ମୁଣ୍ଡଳିରୁ ପାଣି କମିଯାଇଛି ବୋଲି ଦ୍ୱାହି ଦେଇ ଜଳ ଯୋଗାଣକୁ ସମ୍ପୂର୍ଣ୍ଣ ଭାବେ କମାଇ ଦେଲେ। ଫଳରେ ଧର୍ମବିହାର ପ୍ରଭୃତି ଅଞ୍ଚଳବାସୀ ନିର୍ଘାତ ଖରାରେ ଜଳକଷ୍ଟ ଭୋଗିଲେ।

ଏଭଳି କୁପରିଚାଳନାକୁ ସମାଧାନ କରିବାକୁ ଯାଇ ୱାଟକେ ଏମ୍‌ଡି ନେତୃତ୍ୱରେ ଏକ ବୈଠକ ବସିଥିଲା। ବୈଠକ ଲମ୍ବା ଚାଲିଥିଲା। କର୍ମଚାରୀ ମଧ୍ୟରେ ବିବାଦ ଏତେ ଶୀଘ୍ର ତୁଟି ନଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ବୈଠକ ଦିପହର ୨ଟା ପର୍ଯ୍ୟନ୍ତ ଟାଣି ହୋଇଯାଇଥିଲା। ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହେଲା। ଯଦି କମ୍ ପାଣି ଆସୁଛି ତେବେ ସମସ୍ତଙ୍କୁ ମିଳୁଥିବା ଭାଗର କିଛି କିଛି କମିବା କଥା। ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଟାର୍ଗେଟ କରି କଣ ପାଇଁ କଟାଯାଉଛି ବୋଲି କିଛି ଅଧିକାରୀ ପ୍ରଶ୍ନ କରିଥିଲେ।

■ ଘାଟିକିଆ ରିଜର୍ଭରୁ ପାଣି ଛାଡ଼ି ନ ଥିଲେ କିଛି ଅଧିକାରୀ

■ ୪ ଘଣ୍ଟିଆ ବୈଠକ ପରେ ନିଷ୍ପତ୍ତି; ଆବଣ୍ଟନ ତଦାରଖ କରିବେ ୨ ଅଧିକାରୀ

ଘାଟିକିଆ ରିଜର୍ଭରରେ ପୋଖରୀପୁଟ ଅଞ୍ଚଳର ୨ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କେଉଁ ଅଞ୍ଚଳକୁ କେତେ ଜଳ ଯୋଗାଣ କରାଯାଉଛି ଏମାନେ ଏହାକୁ ତଦାରଖ କରିବେ। ଏଭଳି ବ୍ୟବସ୍ଥା ହେବା ପରେ ଉପରୋକ୍ତ ଅଞ୍ଚଳରେ ଜଳ ସଙ୍କଟ ଦୂରହେବ ବୋଲି ଆଶା ପ୍ରକାଟ କରାଯାଉଛି।

ଲୋକେ ନିଜର ନିତ୍ୟକର୍ମ କରିବାକୁ ପାଣି ପାଉ ନାହାନ୍ତି। ପାଣି କିଣି ନିତ୍ୟକର୍ମ କରୁଛନ୍ତି। ଯାହାର ବୋରୱେଲ ରହିଛି ସେ ତ ବଞ୍ଚି ଯାଉଛି। ହେଲେ ଯାହାର ଘରେ ବୋରୱେଲ୍ ନାହିଁ ସେମାନେ ପାଣି କିଣିବାକୁ ବାଧ ହେଉଛନ୍ତି। ସପ୍ତାହେ ବ୍ୟାପି ଜଳ ସଂକଟ ସମାଧାନ ନ ହେବାରୁ କିଛି ଭଡାଟିଆ ଘର ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି। ଏହାସହ ପାଣି ନ ମିଳିବାରୁ ସ୍ଥାନୀୟ କିଛି ଲେକେ ନିଜ ବନ୍ଧୁବାନ୍ଧବ କିମ୍ବା ସାଙ୍ଗ ଘରକୁ ନିତ୍ୟକର୍ମ ପାଇଁ ଯାଉଥିବା ଦେଖିବାକୁ ମିଳୁଛି।

# ମଳିପଡ଼ା ଗୁଳିକାଣ୍ଡ: ଆଉ ଜଣେ ଗିରଫ

ଭୁବନେଶ୍ୱର, ୧୨।୫ (ସମିସ): ସରକାରୀ ଜମି ଜବରଦଖଲକୁ ନେଇ ମଳିପଡ଼ା ହୋଇଥିବା ଗୁଳିକାଣ୍ଡ ଘଟଣାରେ ଆଉଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ହନୁମାନ ବସ୍ତିର ସୁଧୀର କୁମାର ଜେନା ଓରଫ୍ ନଣ୍ଡା (୩୮)।

ପୁଲିସ ସୂଚନା ଅନୁସାରେ, ମଳିପଡ଼ା ଓ ଶ୍ୟାମପୁର ମୌଜାରେ ଥିବା ସରକାରୀ ଜମି ଦଖଲକୁ ନେଇ ଭରତପୁର ଓ ଅନ୍ଧାରୁଆର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗତ ମାର୍ଚ୍ଚ ମାସ ୯ ତାରିଖ ଦିନ ମଳିପଡ଼ା ଅଞ୍ଚଳରେ ଥିବା ସେହି ସରକାରୀ ଜମିରେ ଭରତପୁରର ରାଜା ଓ ଅନ୍ୟ ସହଯୋଗୀମାନେ ଛିଡ଼ା ହୋଇଥିଲେ। ଅପରାହ୍ଣ ପ୍ରାୟ ୩ ଟା ସମୟରେ ଆଶିଷ, ପପୁନ, ବୁଲେଟ ରାଜା, ଚିକୁ, ସୁଧୀର ଓ ତାଙ୍କ ସହଯୋଗୀମାନେ ଆସି ସେଠାରେ ପହଞ୍ଚିଥିଲେ। ଜମି ଜବରଦଖଲ ଓ କିଣାବିକାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା ଓ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ସେହି ସମୟରେ ଆଶିଷ ବନ୍ଧୁକ ବାହାର କରି ବ୍ଲାଙ୍କ ଫାୟାରିଂ କରି ଭୟଭୀତ କରିଥିଲା। ଏହାପରେ ବିବାଦ ବଢ଼ିଥିଲା। ପପୁନ ଆଉ ଏକ ବନ୍ଧୁକରେ ରାଜାର ଜଙ୍ଘକୁ ଗୁଳି ମାରିଥିଲା। ଗୁଳି ବାଜିବା ପରେ ରାଜା ଘଟଣାସ୍ଥଳରେ ପଡ଼ି ଯାଇଥିଲା। ରାଜାର ସହଯୋଗୀମାନେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ଫାଙ୍କା ଗୁଳିଚାଳନା କରିବା ସହିତ ବୋମାମାଡ଼ କରି ସେଠାରୁ ଖସିଯିବାକୁ ସମର୍ଥ ହୋଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାଜାକୁ ଏମ୍ସ ଡାକ୍ତରଖାନା ନେଇଥିଲା। ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଚନ୍ଦକା ଥାନା ପୁଲିସ ଆଜି ସୁଧୀରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ବୁଲେଟ ରାଜା, ପପୁନ, ଆଶିଷ ଗିରଫ ହୋଇଛନ୍ତି।



## ବାର୍ ଆଗରେ ବାଉନ୍ସରଙ୍କୁ ଗୁଳିମାଡ଼ ଘଟଣା

# ଦୁଇ ମାଷ୍ଟର୍‌ମାଇଣ୍ଡ ଗିରଫ; ବନ୍ଧୁକ ଜବତ



ଭୁବନେଶ୍ୱର, ୧୨।୫(ସମିସ)

ଚନ୍ଦ୍ରଶେଖରପୁର ଥାନା କସ୍‌ମସ ବାରର ବାଉନ୍‌ସରଙ୍କୁ ଗୁଳିମାଡ଼ ଘଟଣାରେ ପୁଲିସ ସୋମବାର ପୁଣି ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ବନ୍ଧୁକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଧଉଳିରେ ରହୁଥିବା ଦଧିବାମନ ଜେନା ଓରଫ ଦଧି ଏବଂ କୃଷ୍ଣଚନ୍ଦ୍ର ବାରିକ ଓରଫ କାହ୍ନା। ଦଧି ଜଣେ ପେଶାଦାର ଅପରାଧୀ। ତା' ନାମରେ ୫ରୁ ଅଧିକ ଅପରାଧିକ ମାମଲା ରହିଛି। ନୂଆପଲ୍ଲୀ, ଭରତପୁର ଥାନାରେ ମାମଲା ରହିଛି। ସେହିପରି କୃଷ୍ଣ ନାମରେ ଗୋଟିଏ ମାମଲା ରହିଛି।

ସୂଚନା ଅନୁସାରେ, ସୂର୍ଯ୍ୟକାନ୍ତ ଚନ୍ଦ୍ରଶେଖରପୁରର କସମସ୍ ବାରରେ ଜଣେ ଘରୋଇ ସୁରକ୍ଷା କର୍ମୀ (ବାଉନ୍ସର) ଭାବରେ କାର୍ଯ୍ୟ କରନ୍ତି। ଗତ ୯ ତାରିଖ ରାତି ପ୍ରାୟ ୧.୩୦ରୁ ୨.୦୦ ଟା ପର୍ଯ୍ୟନ୍ତ ଅଭିଯୁକ୍ତମାନେ ମଦ ପିଉଥିଲେ। ବାର ବନ୍ଦ ହେବା ସମୟରେ ଅପରାଧୀମାନଙ୍କୁ ବାର୍ ଛାଡିବାକୁ ଅନୁରୋଧ କରିଥିଲେ ସୂର୍ଯ୍ୟକାନ୍ତ। କିନ୍ତୁ, ଅପରାଧୀମାନେ ବାର୍ ଛାଡିବାକୁ ଚାହୁଁ ନ ଥିଲେ। ଅଭିଯୁକ୍ତମାନେ ନିଶାଗ୍ରସ୍ତ ଅବସ୍ଥାରେ ଥିଲେ। ତେଣୁ, ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଏବଂ ଝଗଡ଼ା ହୋଇଥିଲା। ସେମାନେ ବାର୍ ଉପରେ ପଥର ମଧ୍ୟ ଫିଙ୍ଗିଥିଲେ। ଯାହା ଫଳରେ କିଛି କାଚ ଭାଙ୍ଗି ଯାଇଥିଲା। ସେମାନଙ୍କ ମଧ୍ୟରୁ କେତେକ ବାର୍ ବାହାରେ ରହି ଅଭିଯୋଗକାରୀଙ୍କୁ ଆକ୍ରମଣ କରିବା ପାଇଁ ବାହାରକୁ ଆସିବାକୁ ଅପେକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ କେତେକ ଆକ୍ରମଣ ପାଇଁ ଅନ୍ୟ ଅପରାଧିଙ୍କୁ ଆଣିବାକୁ ଯାଇଥିଲେ। ପ୍ରାୟ ଭୋର ୪.୦୦ଟା ସମୟରେ ଅନ୍ୟ ଅପରାଧିମାନେ ଆସି ବାର ଆଗରେ ଜଗିଥିଲେ। ସୂର୍ଯ୍ୟକାନ୍ତ ବାରରୁ ବାହାରିବା ସମୟରେ ତାଙ୍କୁ ଅପରାଧୀମାନେ ଅଟକାଇଥିଲେ। ତାଙ୍କ ଉପରେ ଆକ୍ରମଣ ଏବଂ ଗୁଳିଚାଳନା କରିଥିଲେ। ଅପରାଧୀମାନଙ୍କୁ ଧରିବା ପାଇଁ ପୁଲିସ ଏକ ଟିମ୍ ଗଠନ କରିଥିଲା। ପୁରୀ, ଢେଙ୍କାନାଳ, ଅନୁଗୁଳ, କଟକ ଏବଂ ଖୋର୍ଦ୍ଧାରେ ପୁଲିସ ଚଢ଼ଉ ଗତକାଲି ୧୧ ଜଣଙ୍କୁ ଗିରଫ କରିଥିଲେ।

### ନିୟମ ମାନୁନାହାନ୍ତି ମଦ ଦୋକାନୀ

ପୁଲିସ ଓ ଅବକାରୀ ବିଭାଗକୁ ମାନୁନାହାନ୍ତି ମଦ ବେପାରୀ। ନିୟମ ତା' ବାଟରେ ରହିଛି, ବେପାର ତା' ବାଟରେ ହେଉଛି। ରାତି ସାରା ଖୋଲା ରହୁଛି ବାର୍ ଆଉ ବଢୁଛି ଅପରାଧ। ଗତ ୯ ତାରିଖରେ ଡମଣା ଛକରେ କଷ୍ମମ ବାର ଘଟଣା ଯାହାର ଜ୍ୱଳନ୍ତ ଉଦାହରଣ। ଏହି ଗୋଟିଏ ଘଟଣା କି ଗୋଟିଏ ବାର୍ ନୁହେଁ, ରାଜଧାନୀରେ ଏଭଳି ଅନେକ ବାର୍ ଓ ପବ ରହିଛି ଯେଉଁଗୁଡିକ ସରକାରଙ୍କ ନିୟମ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି ମାଲିକମାନେ। ୭ ଅଗଷ୍ଟ ୨୦୨୪ ଧଉଳି ନିକଟସ୍ଥ ଏକ ବାର୍ ବିଳମ୍ବିତ ରାତି ଯାଏଁ ଚାଲୁଥିବା ବେଳେ ବାର୍ ମାଲିକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ ସେଠାରେ ନାଚୁଥିବା ଜଣେ ଯୁବତୀ। ୭ ଜୁଲାଇ ୨୦୨୪, ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ରେନ୍ ଦ କ୍ଲବ୍ ବାର୍ ଉପରେ ଚଢ଼ାଉ କରିଥିଲା ଅବକାରୀ ବିଭାଗ। ଆଉ ସେବେ ଅବକାରୀ ବିଭାଗ ଅଧିକାରୀଙ୍କୁ ଦୁର୍ବ୍ୟବହାର କରି ଗିରଫ ହୋଇଥିଲେ ବାର୍ ମାଲିକ ସତ୍ୟ ମହାନ୍ତି। ବହୁଚର୍ଚ୍ଚିତ ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ସହ ଦୁର୍ବ୍ୟବହାର ପଛରେ ବି ଥିଲା ବାର୍। ନୂଆ ଅବକାରୀ ନୀତି ବି ଆସୁଛି ନିୟମକୁ ମଧ୍ୟ କଡ଼ା କଡ଼ି କରାଯାଉଛି। ହେଲେ କିଛି ଡ୍ୟାନସ୍ ବାର୍ ଓ ପବ ମାଲିକ ଏହାକୁ ଫୁ କରି ଉଡାଇ ଦେଇଛନ୍ତି।

■ ଜଣଙ୍କ ସହ ନିର୍ବନ୍ଧ, ଆଉଜଣଙ୍କୁ ବିବାହ

# ପ୍ରେମିକ ବିବାହ ଭୋଜିରେ ଯୁବତୀଙ୍କ ହଙ୍ଗାମା



■ ଭୋଜି ଅଧାରୁ ବରକୁ ଉଠାଇ ଆଣିଲା ପୁଲିସ

■ ବାହାଘର ଭୋଜି ନ ଖାଇ ଫେରିଲେ ଅତିଥି

ଭୁବନେଶ୍ୱର, ୧୨।୫ (ସମିସ)

ଦୁଇ ଦିନ ପୂର୍ବରୁ ବିବାହ ସରିଥିବା ବେଳେ ରବିବାର ଭୋଜିଭାତର ଆସର ଚାଲିଥିଲା। ସାଙ୍ଗସାଥୀ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଯାଏଁ, ସମସ୍ତେ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇ ଖିଆପିଆ କରୁଥିଲେ। ଲୋକେ କିଛି ବୁଝିବା ଆଗରୁ ହଠାତ୍ ଜଣେ ଯୁବତୀ ମଣ୍ଡପରେ ପହଞ୍ଚି ହଙ୍ଗାମା ଆରମ୍ଭ କରିଥିଲେ। ନିର୍ବନ୍ଧ ମୁଦି ଫେରାଇବାକୁ ଜୋରରେ ଚିଲାଇଥିଲେ। ଏହାର କିଛି ସମୟ ପରେ ପୁଲିସ ପହଞ୍ଚି ବରକୁ ଥାନାକୁ ଉଠାଇ ଆଣିଥିଲା। ଧଉଳି ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ରୁଚିକା ମଣ୍ଡପରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ପୂରା ଘଟଣା ଥିଲା ଏମିତି, ୨୦୨୧ ମସିହାରେ ଓଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବତୀ ଗୌରୀ ନଗରରେ ରହୁଥିବା ବେଳେ ଧଉଳି ଅଞ୍ଚଳର ଜଣେ ଯୁବକଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ ଭୁବନେଶ୍ୱରରେ ଚାକିରି କରିଥିବା ବେଳେ ଯୁବକ ଦିଲ୍ଲୀରେ ଚାକିରି କରୁଥିଲେ। ପରେ ପରେ ଉଭୟ ପରିବାରର ସହମତିରେ ଗତବର୍ଷ ମାର୍ଚ୍ଚ ମାସରେ ନିର୍ବନ୍ଧ ହୋଇଥିଲା। ସେହି ବର୍ଷ ଡିସେମ୍ବରକୁ ବିବାହ ହେବାକୁ ସ୍ଥିର ହୋଇଥିଲା। ହେଲେ କୌଣସି କାରଣରୁ ନିର୍ବନ୍ଧ ପରେ ପୁଅ ଘର ପଟରୁ ବିବାହ ଭାଙ୍ଗି ଦେଇଥିଲେ। ହେଲେ ନିର୍ବନ୍ଧ ସମୟରେ ସୁନାଗହଣା ଫେରାଇ ନ ଥିଲେ। ତେବେ ୨/୪ ଦିନ ପୂର୍ବରୁ ଯୁବକ ଜଣକ ଅନ୍ୟତ୍ର ବିବାହ କରିଥିବା ଯୁବତୀ ଜାଣିବାକୁ ପାଇବା ପରେ ଧଉଳି ଆସି ଖୋଳତାଡ଼ କରିଥିଲେ। ଖବର ଯାଇ ପୁଅ ଘର ପାଖରେ ପହଞ୍ଚିବା ପରେ ସେମାନେ ଅଘଟଣ ଆଶଙ୍କା କରି ଧଉଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଉ ଧଉଳି ଥାନାରୁ କଲ୍ ଯିବା ପରେ ମାମଲା ଯେହେତୁ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହିଥିଲା ତେଣୁ ଯୁବତୀ ଜଣକ ଯାଇ ଲିଙ୍ଗରାଜ ଥାନାରେ ପହଞ୍ଚିଥିଲେ।

ଗତକାଲି ଯୁବକଙ୍କ ବିବାହ ଭୋଜି ଚାଲିଥିବା ବେଳେ ଏପଟେ ତାଙ୍କୁ ଗିରଫ କରିବାକୁ ଶ୍ରୀ ଲିଙ୍ଗରାଜ ଥାନାରେ ଅଡ଼ି ବସିଥିଲେ ଯୁବତୀ। କିନ୍ତୁ ବିବାହ ଭୋଜି ଯୋଗୁଁ ପୁଲିସ ଯୁବକଙ୍କୁ ଆଣିବାରେ ବିଳମ୍ବ କରିବାରୁ ଯୁବତୀ ଜଣକ ରାତି ପ୍ରାୟ ସାଢେ ଦଶଟା ବେଳେ ବିବାହ ମଣ୍ଡପରେ ପହଞ୍ଚି ଯାଇଥିଲେ। ନବ ଦମ୍ପତି ଷ୍ଟେଜରେ ଫଟୋ ଉଠାଉଥିବା ବେଳେ ଅତିଥିମାନେ ଖିଆପିଆ କରୁଥିଲେ। ଧୋକାବାଜ ପ୍ରେମିକ ଉପରେ ରୋଷ ସୁଜାଇବା ସହିତ ନିର୍ବନ୍ଧ ମୁଦି ଫେରାଇବାକୁ ଜୋରରେ ଯୁବତୀ ଚିଲ୍ଲାଇଥିଲେ। ଅତିଥିମାନେ ଖିଆପିଆ କରୁଥିବା ବେଳେ ମଣ୍ଡପ ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମିତିକି କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହାର କିଛି ସମୟ ପରେ ଧଉଳି ଓ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ବୁଝାସୁଝା କରିବା ସହିତ ଯୁବକଙ୍କୁ ଉଠାଇ ଆଣିଥିଲେ। ତେବେ ସୋମବାର ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ହେବାପରେ ଯୁବକଙ୍କୁ ଛାଡ଼ି ଦିଆଯାଇଥିବା ପୁଲିସ କହିଛି।



# ଧରାପଡ଼ିଲେ ୩ ଗଞ୍ଜେଇ ବେପାରୀ



ଭୁବନେଶ୍ୱର, ୧୨।୫ (ସମିସ): କଳିଙ୍ଗନଗର ଅଞ୍ଚଳରୁ ୩ ଜଣ ଗଞ୍ଜେଇ ବେପାରୀଙ୍କୁ କାବୁ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ବାଉରୀବନ୍ଧୁ ସାହୁ (୬୬), ଶ୍ୟାମପୁର ବେହେରା ସାହିର ପ୍ରଫୁଲ୍ଲ ସେନାପତି (୬୫) ଓ କୃତିବାସ ପାଇକରାୟ (୫୦)।

ପୁଲିସ ସୂଚନା ଅନୁସାରେ, କଳିଙ୍ଗନଗର କେ୮ ଅଞ୍ଚଳରେ ଗଞ୍ଜେଇ କାରବାର ଚାଲିଥିବା ନେଇ ଭରତପୁର ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ପେଟ୍ରୋଲ ପମ୍ପ ପଛପାଖ ବଗ ପାର୍କ ନିକଟରେ ଚଢ଼ଉ କରିଥିଲା। ସେଠାରେ ଗଞ୍ଜେଇ ଡିଲ୍ ଚାଲିଥିବା ବେଳେ ୩ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ହେପାଜତରୁ ୩୨ କିଲୋ ଗଞ୍ଜେଇ ମିଳିଥିଲା। ଏଥିସହିତ ଗୋଟିଏ ସ୍କୁଟି ଜବତ କରିଥିଲା। ସେମାନଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ଦୀର୍ଘ ଦୁଇ ବର୍ଷ ହେବ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ବାଉରୀବନ୍ଧୁ ପୁଲିସ ଆଗରେ ସ୍ୱୀକାର କରିଥିଲା। ଏନେଇ ଭରତପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମୁଖିଆ ବଦଳିଲେ ଯୋଜନା ବଦଳୁଛି

ଭୁବନେଶ୍ୱର, ୧୨।୫(ସମିସ)

ସହରରେ ଅପରାଧ ରୋକିବା ପାଇଁ କମିଶନରେଟ୍ ପୁଲିସ ନୂଆ ନୂଆ ଟେକ୍ନୋଲୋଜିକୁ ଆପଣାଉଛି। ହେଲେ ଅଧିକାରୀ ବଦଳିଲେ ତାହା ବଦଳି ଯାଉଛି। ନୂଆ ଅଧିକାରୀ ଆସିଲେ ଆଉ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ଅପରାଧିଙ୍କୁ ସାବାଡ଼ କରିବା ପାଇଁ ଯେଉଁ ସବୁ ଭଲ ଯୋଜନା ତାହାକୁ କାର୍ଯ୍ୟକାରୀ କରାଯାଉନି। ଏହିପରି ଅପରାଧ ରୋକିବା ପାଇଁ କୁଣ୍ଡଳୀ ଆପ୍ କରାଯାଇଛି। ସେହିପରି ଜବତ ଗାଡି ଏବଂ ଅନ୍ୟାନକୁ ଚୋରି ସମ୍ପତ୍ତି ସନ୍ଧାନ ଆପ୍‌ରେ ଅପଲୋଡ୍ ହେବ। ସେହିପରି ଥାନାରେ ହେଉଥିବା ମାମଲା ଆରକ୍ଷୀ ଆପ୍‌ରେ ମଧ୍ୟ ଅପ୍‌ଲୋଡ୍ କରାଯାଏ। ଏହା କେବଳ ଥାନା କର୍ମଚାରୀମାନେ ବ୍ୟବହାର କରିପାରୁଥିଲେ। ତଦନ୍ତ ଅଧିକାରୀ ଏହି ବ୍ୟବସ୍ଥା ଦ୍ୱାରା ନିଜ ମାମଲା ସମ୍ପର୍କରେ ଆଗୁଆ ଜାଣିପାରୁନଥିଲେ। ଯେଉଁଥି ପାଇଁ କାଗଜ ଏବଂ କାଳି ଖର୍ଚ୍ଚ ରହି ଯାଉଥିଲା। କିନ୍ତୁ ଏହି ବ୍ୟବସ୍ଥା ଏବେ କାମ କରୁନି। ଯେଉଁଥି ପାଇଁ ପୁଲିସ କର୍ମଚାରୀ ଏବଂ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଆହୁରି ମଧ ପ୍ରପଟି ଅଫେନ୍ସ ମାମଲାକୁ ରୋକିବା ପାଇଁ ପ୍ରତି ଥାନାରେ ପିଓପିଡି ଟିମ୍ ଗଠନ କରାଯାଇଥିଲା। ହେଲେ ଅଧିକାରୀ ବଦଳିବା ପରେ ଏହି ଟିମ୍ ଆଉ ପୂର୍ବଭଳି ଏତେ ସକ୍ରିୟ ହେଉନାହିଁ। ଏହି ଟିମ୍ ଥାନାକୁ ହଟି ଯାଇଥିବା ଏକ ପ୍ରକାର ଜଣାପଡୁଛି।

■ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉନି ପୁଲିସ

■ କାମ କରୁନି ଆରକ୍ଷୀ, କୁଣ୍ଡଳୀ ଏବଂ ସନ୍ଧାନ ଆପ୍


■ ଅପ୍‌ଲୋଡ୍ ହେଉନି ହାର୍ଡକୋର ଅପରାଧୀଙ୍କ ତଥ୍ୟ

■ ଲୁଟ୍ ସାମଗ୍ରୀ ତଥ୍ୟ ନିୟମିତ ହେଉନି ଅପ୍‌ଲୋଡ୍

ପୂର୍ବରୁ ସିଟିଜେନ୍ ପୋର୍ଟାଲରେ ସମସ୍ତ ଅପରାଧୀଙ୍କ ତଥ୍ୟ ଥିଲେ ମଧ୍ୟ କୁଣ୍ଡଳୀ ଆପ୍ କମିଶନ୍‌ରେଟ୍ ପୁଲିସ କର୍ମଚାରୀଙ୍କ ପାଇଁ ସହଜ ହେଉଛି। କୁଣ୍ଡଳୀ ଆପ୍‌ରେ ଜଣେ ଅପରାଧୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ରହୁଛି। ତା ଘର ଠିକଣା, ସେ କେଉଁ ଧରଣର ଅପରାଧ ଘଟାଇଛି, ତା ନାମରେ କେତେ ମାମଲା ରହିଛି। ଆଦି ଅନେକ ବିଷୟରେ ଏହି କୁଣ୍ଡଳୀ ଆପ୍‌ରେ ତଥ୍ୟ ରହୁଛି। ଆବଶ୍ୟକ ପଡ଼ିଲେ ପୁଲିସ ଅପରାଧୀର ନାମ ମାରିଲେ ତାର ପୁରା କୁଣ୍ଡଳୀ ବାହାରି ଆସୁଥିଲା। ଯାହାକି ପୁଲିସକୁ ପରବର୍ତ୍ତି ସମୟରେ ତଦନ୍ତ କରିବାରେ ସହଜ ହେଉଥିଲା। ଏହି ଆପ୍‌ରେ ଅପରାଧୀଙ୍କ ତଥ୍ୟ ଅପଲୋଡ୍ କରିବା ପାଇଁ ଡିସିପି ଅଫିସ୍‌ରେ ଏକ ସେଲ୍‌ଫ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହି ଆପ୍‌ରେ ଆଉ ଲୁଟେରାଙ୍କ ତଥ୍ୟ ଅପଡେଟ୍ କରାଯାଉ ନ ଥିବା ଅନେକ ପୁଲିସ କର୍ମଚାରୀ ଅଭିଯୋଗ କରୁଛନ୍ତି। ଯେଉଁଥି ପାଇଁ କୁଖ୍ୟାତ ଅପରାଧୀଙ୍କ ସମ୍ପର୍କରେ କିଛିବି ସୁରାକ ମିଳିପାରୁନି। ଯାହାଫଳରେ ଯେଉଁ ଉଦ୍ଦେଶ୍ୟ ରଖି ଏହି ଆପ୍‌କୁ କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସଫଳ ହୋଇପାରୁନି। ଥାନାର ପୁଲିସ କର୍ମଚାରୀମାନେ ଅପରାଧୀଙ୍କ ସମ୍ପର୍କରେ ତଥ୍ୟ ଜାଣିପାରୁନାହାନ୍ତି। ଯାହାର ଉଦାହରଣ ନିକଟରେ ଏନ୍‌କାଉଣ୍ଟର ରଘୁ, ଚକ୍‌ରା ବାରିକ ଘଟଣାରୁ ସ୍ପଷ୍ଟ ହୋଇଛି। କାରଣ ରଘୁ ନାମରେ ଏକାଧିକ ମାମଲା ଥିଲେ ମଧ ତାହାକୁ କୁଣ୍ଡଳି ଆପ୍‌ରେ ମାରିଥିଲେ ମଧ୍ୟ ତଥ୍ୟ ଆସିନଥିଲା। ତେଣୁ ଏନେଇ ଜଣେ ପୁଲିସ କର୍ମଚାରିଙ୍କୁ ପଚରାରିବାରୁ ସେ ଏହାର ସତ୍ୟାସତ କରିଥିଲେ। ଡିସିପି ଅଫିସ୍‌ରେ ଥିବା ଅଧିକାରୀମାନେ ଅପରାଧୀଙ୍କ ତଥ୍ୟ ଅପ୍‌ଲୋଡ୍ କରୁନଥିବା ଅଭିଯୋଗ କରିଛନ୍ତି। କେବଳ ରଘୁ, ଚକରା ନୁହେଁ ରବି ରାଓ ଏବଂ ଗଣେଶ ପ୍ରଭୃତି ସମ୍ପର୍କରେ ତଥ୍ୟ ଖୋଜିଥିଲେ ମଧ୍ୟ କିଛିବି ମିଳୁନି। ସେହିପରି ଜବତ ହେଉଥିବା ସାମଗ୍ରୀ ଏବଂ ଏହାର ହିତାଧିକାରୀଙ୍କ ସମ୍ପର୍କରେ ସନ୍ଧାନ ଆପ୍ କରାଯାଇଥିଲା। ଚୋରିରୁ ଜବତ ହେଉଥିବା ସାମଗ୍ରୀ ଏବଂ ତାହାର ମାଲିକଙ୍କ ତଥ୍ୟ ଏଥିରେ ମିଳିଥାଏ। ଯାହାଫଳରେ ହିତାଧିକାରୀ ପୁଲିସ ନିକଟକୁ ଆସିବା ପରେ ଏହି ଆପ୍‌କୁ ସର୍ଚ୍ଚ କରିବା ପରେ ସବୁ ତଥ୍ୟ ମିଳିଥାଏ। ଯାହାଫଳରେ ହିତାଧିକାରୀ ନିଜର ଚୋରି କିମ୍ବା ହଜିଥିବା ସାମଗ୍ରୀ ଶୀଘ୍ର ପାଇଥାଏ। କିନ୍ତୁ ଏବେ ଆଉ ଏହି ଆପ୍‌ରେ ସମସ୍ତ ଜବତ ସାମଗ୍ରୀ ଅପ୍‌ଲୋଡ୍ କରାଯାଉନି।



# ସମ୍ପାଦକୀୟ



ଋଣଚିନ୍ତାରେ ସକାଳୁ ଉଠିବା ଅପେକ୍ଷା ବରଂ ରାତିରେ ଭୋକରେ ଶୋଇଯିବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ THE SAKALA

## ଉଚ୍ଚାଟ ଓ ଉଛନ

ଅପରେସନ ସିନ୍ଦୁର ପୂର୍ବ ଦୁଇଟି ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନଠାରୁ ନିଆରା ଓ ନିର୍ଣ୍ଣାୟକ ଥିଲା। ପାକିସ୍ତାନର ମୂଳପିଣ୍ଡିରେ ଥିବା ସୁରକ୍ଷିତ ୯ଟି ଆତଙ୍କୀ ଭିତ୍ତିଭୂମିକୁ ଧ୍ୱଂସ କରିବା ସବୁଠାରୁ ବଡ଼ ସଫଳତା। ବିଶେଷକରି ସୀମାନ୍ତ ଆକ୍ରମଣର ମୁକାବିଲା ସକାଶେ ପାକ୍ ସେନାବାହିନୀ ପ୍ରସ୍ତୁତ ଥିଲେ ମଧ୍ୟ ନିର୍ବିଘ୍ନରେ ଲକ୍ଷ୍ୟଭେଦ ଏତେ ସହଜ ନୁହେଁ। ବିଶ୍ୱରେ ଶକ୍ତି ଓ ପରାକ୍ରମ ପ୍ରଦର୍ଶନ କରି ଆସୁଥିବା ରାଷ୍ଟ୍ରକୁ ଏହା ପରୋକ୍ଷ ଚେତାବନୀ। ପହଲଗାମ ପ୍ରସଙ୍ଗର ଘଟଣାକ୍ରମରୁ ପାକିସ୍ତାନ ବୁଝିଯିବା ଉଚିତ ଯେ ଏଣିକି ଆତଙ୍କବାଦ ବିରୋଧରେ ଯୁଦ୍ଧ ହିଁ ଏକକ ଉତ୍ତର। ଆଉକୁ ସଂଯମ ରକ୍ଷା କରି ଆପୋସ ଆଲୋଚନାର ସୁଯୋଗ ସୃଷ୍ଟିର ଅବକାଶ ଆଉ ନାହିଁ। ଏକଥା ସତ ଯେ ଆମେ ବିଜୟର ଦ୍ୱାରଦେଶରେ ରହି ତାହାକୁ ହାତଛଡ଼ା କରିଛୁ। ତେବେ ଯୁଦ୍ଧ ସବୁବେଳେ ଗଣସଂହାରର ପ୍ରତୀକ। ମାନବିକତା ମୂଲ୍ୟବୋଧ ନିକଟରେ ବିଜୟ ଶ୍ରେୟ ହାସଲର ଗୁରୁତ୍ୱ କେତେ ତାହା ଆମ ପ୍ରଧାନମନ୍ତ୍ରୀ ହୃଦବୋଧ କରିଛନ୍ତି। ତେଣୁ କଠୋର ସମାଲୋଚନା ସତ୍ତ୍ୱେ ସେ ପ୍ରବୁଦ୍ଧ ବୁଦ୍ଧଙ୍କ ଭୂମିକା ନିର୍ବାହ କରିଛନ୍ତି। ସବୁଠାରୁ ବଡ଼ ଉପଲବ୍ଧି ହେଉଛି, ଦଳମତ ଓ ସାମ୍ପ୍ରଦାୟିକ ବିବିଧତା ସତ୍ତ୍ୱେ ରାଷ୍ଟ୍ରୀୟ ସ୍ୱାର୍ଥ ଯେ ସର୍ବାଗ୍ରେ ତାହାର ପ୍ରମାଣ ଆମେ ଦେଖିଛୁ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁବିଧାବାଦୀ ଭୂମିକା ଏବେ ଆଲୋଚନା ପରିସରକୁ ଆସିଛି। ନିର୍ବାଚନରେ ବିପୁଳ ବିଜୟ ହାସଲ ଲୋକପ୍ରିୟତା ପରିଚୟ ନୁହେଁ। ଶାସନର ଶତଦିବସ ଏଥିମଧ୍ୟରେ ସେ ଅତିକ୍ରମ କରିଛନ୍ତି। ତାଙ୍କର କାର୍ଯ୍ୟଶୈଳୀ ଓ ବିଶ୍ୱରେ ନୂଆ ବାଣିଜ୍ୟ ବିଭ୍ରାଟ ସୃଷ୍ଟି କରି ଯେଉଁ ଅପବାଦ ଓ ଅପଯଶ ସେ ମୁଣ୍ଡାଇଛନ୍ତି, ତାହା ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରାମ ସୁଯୋଗ ସୃଷ୍ଟି କରି ଯେ ନିଜର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରି ପକାଇଛନ୍ତି, ଏକଥା ନୁହେଁ। ଜାନୁଆରୀ ୨୦ରେ କ୍ଷମତାସୀନ ହେବା ପୂର୍ବରୁ ଇସ୍ରାଏଲ ଓ ଗାଜା ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମୟିକ ବିରାମ ଆଣି ଗାଜାପଟିରେ ନିଜର ମାଲିକାନା ଜାହିର କଲାଭଳି ପ୍ରସ୍ତାବ ଆଣିଥିଲେ। ଇସ୍ରାଏଲ ପ୍ରତି ତାଙ୍କର ସ୍ୱତନ୍ତ୍ର ଅନୁକମ୍ପା ଓ ସହାୟତା ସେହି ଦୁଇଦେଶ ମଧ୍ୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ଟାଣିବା ପରିବର୍ତ୍ତେ ଅଧିକ ତୀବ୍ର କରିଛି। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧର ଅବସାନ ଉଦ୍ୟମକୁ ଉଭୟପକ୍ଷ ବିରୋଧ କରିବାରୁ ସ୍ଥିତି ଅପରିବର୍ତ୍ତିତ ରହିଛି। ତେଣୁ ବିଶ୍ୱରେ ନିଜକୁ ଶାନ୍ତିର ବାର୍ତ୍ତାବହ ରୂପେ ଉପସ୍ଥାପନ କରିବାର ପ୍ରୟାସ ଚରମ ବିଫଳତାର ସମ୍ମୁଖୀନ ହୋଇ ୭୨ ଘଣ୍ଟା ଯୁଦ୍ଧରେ ପାକିସ୍ତାନ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟକୁ ଏଡ଼ାଇଯିବା ସକାଶେ ଟ୍ରମ୍ପଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ସେ ଏହାକୁ ସୁଯୋଗ ରୂପେ ଗ୍ରହଣ କରି ଭାରତ ଓ ପାକିସ୍ତାନ ସକାଶେ ମଧ୍ୟସ୍ଥତା କରିଥିଲେ। ଏହି ଘଟଣାରେ ୨ ଦିନ ପୂର୍ବରୁ ଟ୍ରମ୍ପ ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଭାରତ ଓ ପାକିସ୍ତାନ ଆପୋସ ବୁଝାମଣା ଭିତ୍ତିରେ ପରିସ୍ଥିତିକୁ ସୁଧାରିବା ସକାଶେ ପରାମର୍ଶ ଦେଇଥିଲେ। ଏଗଲି ଏହି ଘଟଣାରେ ଆମେରିକାର କିଛି ଭୂମିକା ନାହିଁ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ରାଷ୍ଟ୍ର ନେତାଙ୍କୁ ଆଲୋଚନାକ୍ରମେ କିଛି ପରାମର୍ଶ ଦେଇପାରେ; କିନ୍ତୁ ମଧ୍ୟସ୍ଥତା ନୁହେଁ। ଦୁଇପକ୍ଷର ଡିଜିଏମ୍ଓ ସ୍ତରରେ ଯୁଦ୍ଧ ବିରାମ ବୁଝାମଣା ରୂପ ନେବା ପୂର୍ବରୁ ଟ୍ରମ୍ପଙ୍କ ମଧ୍ୟସ୍ଥତା ଓ ଘୋଷଣା ଟ୍ୱିଟ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଜଣାଇବା ବଡ଼ଭାଇ ପଣିଆର ନିଦର୍ଶନ କୁହାଯାଇପାରେ। ଅବଶ୍ୟ ଆମ ସରକାରଙ୍କ ପକ୍ଷରୁ ଯୁଦ୍ଧ ବିରତି ଘୋଷଣାରେ ଟ୍ରମ୍ପଙ୍କ ଭୂମିକା ସ୍ଥାନ ପାଇନଥିଲା।

ପାକିସ୍ତାନ ୧୯୭୧ ଯୁଦ୍ଧ କରି ବିଭାଜିତ ହେବା ପରେ ଚାପର ସମ୍ମୁଖୀନ ହୋଇ ୧୯୭୨ରେ ସିମଲା ରାଜିନାମାରେ ସ୍ୱାକ୍ଷର କରିବାକୁ ବାଧ୍ୟ ହୋଇଥିଲା। କାଶ୍ମୀର ପ୍ରସଙ୍ଗକୁ ଜାତିସଂଘରେ ଉପସ୍ଥାପନ କରି ଭାରତ ଯେଉଁ ତ୍ରୁଟି କରିଥିଲା, ତାହା ସଂଶୋଧିତ ହୋଇଥିଲା ଏହି ରାଜିନାମାରେ। କାଶ୍ମୀର ସମେତ ଅନ୍ୟାନ୍ୟ ସବୁ ପ୍ରସଙ୍ଗ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଭାରତ ଓ ପାକିସ୍ତାନ ସମାଧାନ କରିବାକୁ ରାଜି ହୋଇଥିଲେ। ଆନ୍ତର୍ଜାତିକ ସ୍ତରରେ ଏହା ସ୍ୱୀକୃତି ଲାଭ କରିଥିଲା। ସାମ୍ପ୍ରତିକ ଯୁଦ୍ଧ ଘନଘଟା ମଧ୍ୟରେ ସାଉଦୀ ଆରବ, ଆରବ ଏମିରେଟ୍ ଓ ଇରାନ ପ୍ରତିନିଧି ଭାରତ ଓ ପାକିସ୍ତାନ ଗସ୍ତରେ ଆସି ଘଟଣାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ, ମଧ୍ୟସ୍ଥତା କରିନଥିଲେ। ତେବେ ଟ୍ରମ୍ପଙ୍କ ଏହି ବଡ଼ଭାଇ ପଣିଆ ଯାହାକୁ ଆମେ କହୁ 'ଉପରେ ପଡ଼ି ଜଖାରୁ ବଡ଼ି' ଭଳି ଭୂମିକାକୁ ଆମର ଅସ୍ୱୀକାର କରିବାର ଥିଲା। ଏହାକୁ ଆମର କୂଟନୈତିକ ବିଫଳତା କହିଲେ ଭୁଲ୍ ହେବ ନାହିଁ। ଏମିତିରେ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତିକରଣ ସପକ୍ଷରେ ରହିଆସିଛି। ଟ୍ରମ୍ପଙ୍କ ହସ୍ତକ୍ଷେପ ମାଧ୍ୟମରେ ସେ ତାହାର ସୁଯୋଗ ନେଇଛି। ଦେଶ ବିଭାଜନ ସମୟରୁ କାଶ୍ମୀରକୁ ନେଇ ଦୁଇରାଷ୍ଟ୍ର ମଧ୍ୟରେ ରହି ଆସିଥିବା ବିବାଦରେ ମଧ୍ୟ ସେ ମଧ୍ୟସ୍ଥତା କରିବାକୁ ଆଗ୍ରହୀ ଥିବାର ସୂଚନା ଦେଇଛନ୍ତି। ଭାରତ ଏବେ ହରଡ଼ ଘଣାରେ ପଡ଼ିଛି କହିଲେ ଭୁଲ୍ ହେବ ନାହିଁ।

ପାକିସ୍ତାନ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ଗତି କରୁଥିବା ବେଳେ ଏହି ଯୁଦ୍ଧର ସମ୍ମୁଖୀନ ହୋଇଛି। ଗତ ୩୫ ବର୍ଷ ମଧ୍ୟରେ ସେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ୨୫ଥର ଦ୍ୱାରସ୍ଥ ହୋଇଛି। ଆର୍ଥିକ ସହାୟତା ପାଇଁ ତାହାର କ୍ରେଡିଟ୍ ରେଟିଙ୍ଗ ଏବେ 'ସିଏଏ-୨'। ଋଣଧାରୀ ରାଷ୍ଟ୍ରଙ୍କ ମଧ୍ୟରେ ସେ ସର୍ବନିମ୍ନରେ ଅଛି। ଅଭିବୃଦ୍ଧି ହାର ୨.୫ ପ୍ରତିଶତ ହୋଇଥିବା ବେଳେ ମୁଦ୍ରାସ୍ଫୀତି ୨୫ ପ୍ରତିଶତ ଦେଖି ନିଜର ଦୁର୍ଗତିକୁ। ଆତଙ୍କବାଦ ପ୍ରସଙ୍ଗକୁ ନେଇ ଯୁଦ୍ଧ ଘନଘଟାରେ ଜଡ଼ିତ ଥିବା ରାଷ୍ଟ୍ରକୁ ମୁଦ୍ରାପାଣ୍ଠି ଋଣ ନ ଦେବା ସକାଶେ ଭାରତ ଦାବି କରିଥିବା ବେଳେ ଯୁଦ୍ଧ ବିରତି ଘୋଷଣା ପୂର୍ବଦିନ ପାକିସ୍ତାନ ୨.୪ ବିଲିୟନ ଡଲାର ସହାୟତା ରାଶି ହାସଲ କରିଥିଲା। ଏ କ୍ଷେତ୍ରରେ ଆମେରିକାର ଭୂମିକା ବାରି ହୋଇପଡୁଛି। ତେଣୁ ଟ୍ରମ୍ପ ଯେ ଭାରତର ବନ୍ଧୁ ଏକଥା କୁହାଯାଇ ନପାରେ। ଯୁଦ୍ଧ ସମୟରେ ଆର୍ଥିକ ସହାୟତା ମାଧ୍ୟମରେ ପ୍ରୋତ୍ସାହିତ କରିବା ଟ୍ରମ୍ପଙ୍କ ଭାରତ ବିରୋଧୀ ଭୂମିକାକୁ ସ୍ପଷ୍ଟ କରିଛି।

ହୋଇପାରେ ଆମେରିକା ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର। କିନ୍ତୁ ଦେଶର ମୁଖିଆ ଯେତେବେଳେ କ୍ଷମତାର ଅହଂକାରରେ ନିଜର ବିଚାର ବୁଦ୍ଧି ହରାଏ, ସେତେବେଳେ ସହଯୋଗୀମାନେ ସମୟ ସୁବିଧା ଦେଖି ନିଜର ଆନୁଗତ୍ୟ ବଦଳାଇବାକୁ ବାଧ୍ୟ ହୁଅନ୍ତି। ନିଜର ବିଫଳତାକୁ ଘୋଡ଼ାଇବା ସକାଶେ ତାଙ୍କ ମନରେ ସୃଷ୍ଟି ହୋଇଥିବା ଉଚ୍ଚାଟ ପାକିସ୍ତାନ ପାଇଁ ସୁଯୋଗ ସୃଷ୍ଟି କରିଥିଲା। ତେଣୁ ସେ ଆଗ ପଛ ନ ବିଚାରି ମଧ୍ୟସ୍ଥତା ଘୋଷଣା କରିବାକୁ ଉଛନ ହୋଇପଡ଼ିଥିଲେ। ହେଲେ ଆମେ ସୁବିଧା ସ୍ଥିତିରେ ରହି ମୁଣ୍ଡ ପାତିଲୁ କାହିଁକି?

# ଗୃହଋଣ ପରିଶୋଧ: ଦ୍ୱନ୍ଦ୍ୱ ଓ ସମାଧାନ

**ଅନନ୍ତ ଚରଣ ସ୍ୱାଇଁ**

ଧନୀ ଗରିବ ସଭିଏଁ ନିଜର ଘର ଖଣ୍ଡେ ପାଇଁ ସ୍ୱପ୍ନ ଦେଖିଥା'ନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କର ସ୍ୱପ୍ନ ସାର୍ଥକ ହୋଇଥାଏ। ସହଜରେ ମିଳୁଥିବା ଗୃହ ଋଣ ଏବଂ ତା'ସହିତ ଜଡ଼ିତ ସୁବିଧାସୁଯୋଗ ଘର କିଣିବା ପାଇଁ ଅନେକଙ୍କୁ ପ୍ରୋତ୍ସାହିତ କରେ। ଗୃହ ଋଣରେ ସୁଧ ହାର ଅନ୍ୟ ଋଣଗୁଡ଼ିକ ତୁଳନାରେ ଅପେକ୍ଷାକୃତ କମ୍। ଏହି ଋଣର ଅବଧି ମଧ୍ୟ ଲମ୍ବା। ଋଣକର୍ତ୍ତାର ପସନ୍ଦ ଅନୁସାରେ ଗୃହଋଣରେ ସୁଧ ନିର୍ଦ୍ଧାରିତ(ଫିକ୍ସଡ୍) ହାର କିମ୍ବା ଭାସମାନ(ଫ୍ଲୋଟିଂ) ହାରରେ ସ୍ଥିର କରାଯାଏ। ନିର୍ଦ୍ଧାରିତ ସୁଧ ହାର ଗୃହ ଋଣର ସମ୍ପୂର୍ଣ୍ଣ ଅବଧି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହେ। ଏଣୁ ନିର୍ଦ୍ଧାରିତ ମାସିକ ଦେୟ(ମନ୍ଥଲି ଇନଷ୍ଟାଲ୍‌ମେଣ୍ଟ)ରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ଯେଉଁମାନେ ବଜାରରେ ହେଉଥିବା ପରିବର୍ତ୍ତନଠାରୁ ଦୂରେଇ ରହିବାକୁ ଚାହାନ୍ତି ସେମାନେ ନିର୍ଦ୍ଧାରତ ସୁଧ ହାର ବାଛିଥା'ନ୍ତି। ଅନ୍ୟପକ୍ଷରେ ଭାସମାନ ସୁଧହାର ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ରେପୋ ରେଟ୍ ଆଧାରିତ ବ୍ୟାଙ୍କଗୁଡ଼ିକର ଋଣ ନୀତି ଉପରେ ନିର୍ଭର କରେ। ରେପୋ ରେଟ ହେଉଛି ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଦେଉଥିବା ଋଣ ଉପରେ ସୁଧ ହାର। ମୁଦ୍ରାସ୍ଫୀତି ଓ ବଜାରରେ ତରଳତା(ଲିକ୍ୱିଡିଟି)କୁ ନିୟନ୍ତ୍ରଣ କରିବା ପାଇଁ ଆର.ବି.ଆଇ ରେପୋ ରେଟ ସ୍ଥିର କରେ। ରେପୋ ରେଟରେ ପରିବର୍ତ୍ତନ ସହିତ ଗୃହ ଋଣରେ ଭାସମାନ ସୁଧ ହାର ମଧ୍ୟ ବଦଳି ଥାଏ। ସୁଧ ହାର ବଢ଼ିଲେ କିମ୍ବା କମିଲେ ନିର୍ଦ୍ଧାରିତ ମାସିକ ଦେୟରେ ମଧ୍ୟ ସେହି ଅନୁସାରେ ପରିବର୍ତ୍ତନ ହୋଇଥାଏ। ନିର୍ଦ୍ଧାରିତ ମାସିକ ଦେୟକୁ ଅପରିବର୍ତ୍ତିତ ରଖିବାକୁ ହେଲେ ଋଣର ଅବଧିରେ ପରିବର୍ତ୍ତନ କରାଯାଏ।

ଗୃହ ଋଣର ଅଗ୍ରୀମ ଦେୟ ବା ପ୍ରିପେମେଣ୍ଟ କରିବା ଏକ ଜଣାଶୁଣା ପ୍ରଥା। ଏହା ଋଣଗ୍ରହୀତାଙ୍କୁ ସୁଧ ଖର୍ଚ୍ଚ କମ୍ କରିବାରେ ସାହାଯ୍ୟ କରେ ଏବଂ ଋଣର ମିଆଦି କମ୍ କରିବାରେ ସହାୟକ ହୋଇଥାଏ। ଘର ଋଣର ପ୍ରିପେମେଣ୍ଟ କରିବା ପାଇଁ ଅନେକ ବିକଳ୍ପ ଉପଲବ୍ଧ ଅଛି, ଯାହା ଋଣଗ୍ରହୀତାଙ୍କୁ ସେମାନଙ୍କର ଆର୍ଥିକ ସ୍ଥିତି ଏବଂ ଲକ୍ଷ୍ୟ ଅନୁଯାୟୀ ବାଛିବାର ସୁଯୋଗ ଦେଇଥାଏ। ବିକଳ୍ପମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ସମ୍ପୂର୍ଣ୍ଣ ଋଣ ପରିଶୋଧ। ସମ୍ପୂର୍ଣ୍ଣ ଋଣର ପ୍ରିପେମେଣ୍ଟ ଅର୍ଥ ହେଉଛି ସମ୍ପୂର୍ଣ୍ଣ ଋଣ ପରିମାଣର ଅବଶିଷ୍ଟ ରାଶି ଏକାସମୟରେ ପରିଶୋଧ କରିବା। ଏହି ବିକଳ୍ପ ପ୍ରାୟତଃ ଯେତେବେଳେ ଋଣଗ୍ରହୀତା ପାଖରେ ପର୍ଯ୍ୟାପ୍ତ ରାଶି ଥାଏ ଏବଂ ସେ ଋଣରୁ ମୁକ୍ତି ପାଇବାକୁ ଚାହାନ୍ତି, ସେତେବେଳେ ବ୍ୟବହାର କରାଯାଏ। ଏହାଦ୍ୱାରା ଋଣରୁ ଶୀଘ୍ର ମୁକ୍ତି ମିଳେ। ସୁଧ ଖର୍ଚ୍ଚ କମ୍ ହୋଇଥାଏ। ଏହି ବିକଳ୍ପଟିକୁ ବାଛିଲେ ଋଣ ପରିଶୋଧ ପାଇଁ ଏକକାଳୀନ ବଡ଼ ରାଶି ଦରକାର। କେତେକ ବ୍ୟାଙ୍କ ଋଣ ପ୍ରିପେମେଣ୍ଟ ପାଇଁ ବକେୟା ରାଶି ଉପରେ କିଛି ଦେୟ ନେଇଥା'ନ୍ତି। ଏହି ବିକଳ୍ପକୁ ଚୟନ ସମୟରେ ଏ ସମ୍ପର୍କିତ ସମସ୍ତ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।




ଆଂଶିକ ପରିଶୋଧ ବା ପ୍ରିପେମେଣ୍ଟ ଅର୍ଥ ହେଉଛି ଋଣର ଅବଶିଷ୍ଟ ରାଶିର ଏକ ଅଂଶ ପରିଶୋଧ କରିବା। ଏହି ବିକଳ୍ପ ପ୍ରାୟତଃ ଯେତେବେଳେ ଋଣଗ୍ରହୀତା ପାଖରେ ଅତିରିକ୍ତ ରାଶି ଥାଏ, କିନ୍ତୁ ସମ୍ପୂର୍ଣ୍ଣ ଋଣ ପରିଶୋଧ କରିବା ସମ୍ଭବ ନୁହେଁ, ସେତେବେଳେ ବ୍ୟବହୃତ ହୋଇଥାଏ। ଆଂଶିକ ପରିଶୋଧ ଫଳରେ ଋଣର ମୂଳଧନ କମ୍ ହୋଇଯାଏ, ସୁଧ ଖର୍ଚ୍ଚ କମ୍ ହୁଏ ଏବଂ ପ୍ରିପେମେଣ୍ଟ ପାଇଁ ଅଧିକ ରାଶିର ଆବଶ୍ୟକ ହୁଏ ନାହିଁ। ଅଗ୍ରୀମ ଋଣ ପରିଶୋଧ ହେତୁ ବକେୟା ଋଣ ରାଶି କମ ହୋଇଯାଏ। ପରିଶୋଧ ପାଇଁ ଋଣ କର୍ତ୍ତା ପାଖରେ ଆଉ ଦୁଇଟି ବିକଳ୍ପ ଥାଏ। ଗୋଟିଏ ବିକଳ୍ପ ହେଉଛି ନିର୍ଦ୍ଧାରିତ ମାସିକ ଦେୟକୁ ଅପରିବର୍ତ୍ତିତ ରଖି ଋଣର ଅବଧି କମେଇବା। ଅନ୍ୟ ବିକଳ୍ପଟି ହେଉଛି ଋଣର ଅବଧି ଅପରିବର୍ତ୍ତିତ ରଖି ନିର୍ଦ୍ଧାରିତ ମାସିକ ଦେୟକୁ କମେଇବା।

ଅଗ୍ରୀମ ପରିଶୋଧ କଲା ପରେ ବକେୟା ଋଣ ପରିଶୋଧ ପାଇଁ ମନରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୁଏ। କେଉଁ ବିକଳ୍ପଟି ଋଣକର୍ତ୍ତା ପାଇଁ ପ୍ରଯୁଜ୍ୟ ତାହା ଏକ ଉଦାହରଣରୁ ବୁଝିହେବ। ମନେକରାଯାଉ ଋଣରାଶି ହେଉଛି: ଟ୫୦ ଲକ୍ଷ। ସୁଧ ହାର: ୮%, ଋଣ ଅବଧି ୨୦ ବର୍ଷ(୨୪୦ ମାସ)। ନିର୍ଦ୍ଧାରିତ ମାସିକ ଦେୟ: ଟ ୪୧୮୨୨। କୋଡ଼ିଏ ବର୍ଷରେ ସୁଧ ଓ ମୂଳ ମିଶି ୧ କୋଟି ୩୭ ହଜାର ଟଙ୍କା ପରିଶୋଧ କରିବାକୁ ହେବ। ଏଥିରୁ ମୂଳଧନ ବାଦ ଦେଲେ ଋଣ ଉପରେ କେବଳ ସୁଧ ହେଉଛି ଟ୫୦ .୩୭ ଲକ୍ଷ। ତିନି/ଚାରି ବର୍ଷ ପରେ ୫ ଲକ୍ଷ ଟଙ୍କା ଏକକାଳୀନ ଜମା କରି ମାସିକ ନିର୍ଦ୍ଧାରିତ ଦେୟ ଅପରିବର୍ତ୍ତିତ ରଖିଲେ ନିର୍ଦ୍ଧାରିତ ଅବଧିର ପାଖାପାଖି ୩୮ ମାସ ପୂର୍ବରୁ ଋଣଟି ସମ୍ପୂର୍ଣ୍ଣ ପରିଶୋଧ ହୋଇଯିବ। ଏହାଦ୍ୱାରା ଋଣ ଉପରେ ପୂର୍ବାପେକ୍ଷା ଟ୧୨ .୦୯ ଲକ୍ଷ କମ୍ ସୁଧ ଲାଗିବ। ଋଣରୁ ଶୀଘ୍ର ମୁକ୍ତି ମଳିବ। ମନରେ ଶାନ୍ତି ଆସିବ। ଉକ୍ତ ଋଣର ଅବଧି ଅପରିବର୍ତ୍ତିତ ରଖି ନିର୍ଦ୍ଧାରିତ ମାସିକ ଦେୟ ହ୍ରାସ କରିବା ବିକଳ୍ପକୁ ବାଛିଲେ, ମାସିକ ଦେୟ ହେବ ଟ୩୭, ୩୮୧। ଏହା ପୂର୍ବ ମାସିକ ଦେୟଠାରୁ ଟ୪, ୪୪୧ କମ। ସମ୍ପୂର୍ଣ୍ଣ ଋଣ ପରିଶୋଧ କରିବା ପରେ ପୂର୍ବାପେକ୍ଷା ୪ .୧୮ ଲକ୍ଷ ଟଙ୍କାର କମ୍ ସୁଧ ଲାଗିବ। ମାସିକ ଦେୟ ହ୍ରାସ ହେତୁ ଋଣ ପରିଶୋଧର ଚାପ କମିଯିବ। ନଗଦ ପ୍ରବାହ ବଢ଼ିବ ଏବଂ ଖର୍ଚ୍ଚ ପାଇଁ ପାଖରେ ଅଧିକ ଅର୍ଥ ରହିବ। ଫଳରେ ବିଭିନ୍ନ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ପାଣ୍ଠି ଆବଣ୍ଟନ ଓ ପାଣ୍ଠି ପରିଚାଳନା ସୁବିଧା ହୋଇପାରିବ।

ପ୍ରତ୍ୟେକ ବ୍ୟାଙ୍କର ପ୍ରିପେମେଣ୍ଟ ସମ୍ବନ୍ଧରେ ସ୍ୱତନ୍ତ୍ର ନିୟମ ଥାଏ। ଋଣଗ୍ରହୀତା ପ୍ରିପେମେଣ୍ଟ କରିବା ପୂର୍ବରୁ ବ୍ୟାଙ୍କର ନିୟମ ଜାଣିବା ଜରୁରୀ। ଫଳରେ ପ୍ରିପେମେଣ୍ଟ ବା ଅଗ୍ରୀମ ପରିଶୋଧ ସମ୍ବନ୍ଧୀୟ ସଠିକ ତଥ୍ୟ ମିଳିବା ସହ ଅନାବଶ୍ୟକ ଜୋରିମାନାକୁ ଏଡ଼ାଇ ହେବ। ଗୃହ ଋଣର ପ୍ରିପେମେଣ୍ଟ କରିବା କିଛି ନୂଆ କଥା ନୁହେଁ। ଏହାଦ୍ୱାରା ଋଣଗ୍ରହୀତାଙ୍କୁ ସୁଧ ଖର୍ଚ୍ଚ କମ୍ ଲାଗେ। ଋଣର ମିଆଦୀ କମ୍ କରିବା, ମାସିକ ଦେୟକୁ ହ୍ରାସ କରିବା ଭଳି ବିକଳ୍ପ ମଧ୍ୟ ରହିଛି, ଯାହା ଋଣଗ୍ରହୀତାଙ୍କୁ ସେମାନଙ୍କର ଆର୍ଥିକସ୍ଥିତି ଏବଂ ଲକ୍ଷ୍ୟ ଅନୁଯାୟୀ ବିକଳ୍ପ ବାଛିବାର ସୁଯୋଗ ଦେଇଥାଏ। ପ୍ରିପେମେଣ୍ଟ କରିବା ପୂର୍ବରୁ ଏ ସମ୍ବନ୍ଧିତ ବ୍ୟାଙ୍କର ନିୟମ, ଟିକସ ବ୍ୟବସ୍ଥା ଏବଂ ଆର୍ଥିକ ପରାମର୍ଶଦାତାଙ୍କ ମତାମତ ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। ଅଗ୍ରୀମ ଦେୟର ଦୁଇ ବିକଳ୍ପ ମଧ୍ୟରୁ ନିର୍ଦ୍ଧାରିତ ମାସିକ ଦେୟକୁ ଅପରିବର୍ତ୍ତିତ ରଖିବା ହେଉଛି ବୁଦ୍ଧିମାନର କାମ। ଏଥିରେ ଋଣର ଅବଧି କମିଯାଏ। ଋଣରେ ଅନ୍ୟ ବିକଳ୍ପ ଅପେକ୍ଷା ସୁଧ ଖର୍ଚ୍ଚ କମ୍ ହୋଇଥାଏ। ସାଧାରଣତଃ, ଗୃହ ଋଣରେ ସୁଧ ହାର କମ ଥାଏ। ଋଣର ଅଗ୍ରୀମ ଦେୟ ପରିବର୍ତ୍ତେ ସେହି ରାଶିକୁ ବଜାରରେ ଅଧିକ ଦରରେ ଖଟାଇ ପାରିଲେ ସେଥିରୁ ମିଳୁଥିବା ଲାଭ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ। ଏଣୁ ଗୃହ ଋଣର ଅଗ୍ରୀମ ଦେୟ ପଇଠ ସମୟରେ ବିଭିନ୍ନ ବିକଳ୍ପକୁ ଭଲ ବାବରେ ବିଚାର କରିବା ଆବଶ୍ୟକ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# କନ୍ୟାସନ୍ତାନ-ପରିବେଶ ଯତ୍ନର ଅନନ୍ୟ ଉଦାହରଣ

**ମିନାକ୍ଷୀ ଦ୍ୱିବେଦୀ**

ଭାରତ କେବଳ ଏହାର ସୁନ୍ଦର ଦୃଶ୍ୟ ପାଇଁ ଜଣାଶୁଣା ନୁହେଁ, ଏଠାରେ ଲକ୍ଷ ଲକ୍ଷ ଅନନ୍ୟ ସ୍ଥାନର ନିଜସ୍ୱ କାହାଣୀ ଅଛି। ସେହିପରି ଏକ କାହାଣୀ ହେଉଛି ରାଜସ୍ଥାନର ପିପ୍ଲାଣ୍ଟ୍ରି ଗ୍ରାମର, ଯେଉଁଠି କନ୍ୟା ଜନ୍ମ ହେଲେ ଢୋଲ ନଗାଡ଼ା ବଜାଯାଏ ଏବଂ ୧୧୧ଟି ଗଛ ମଧ୍ୟ ଲଗାଯାଏ।

ପିପ୍ଲାଣ୍ଟ୍ରି ହେଉଛି ଭାରତର ରାଜସ୍ଥାନ ରାଜ୍ୟର ରାଜସମନ୍ଦ ଜିଲ୍ଲାରେ ଅବସ୍ଥିତ ଏକ ଛୋଟ ଗାଁ। ୨୦୦୦ ଦଶକର ପ୍ରାରମ୍ଭରେ ଗାଁଟି ମୃତ୍ତିକା କ୍ଷୟ, ଜଳ ଅଭାବ, ଜନସଂଖ୍ୟା ହ୍ରାସ ସମେତ ଅନେକ ପରିବେଶ ଜନିତ ଓ ସାମାଜିକ ଆହ୍ୱାନର ସମ୍ମୁଖୀନ ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ପିପ୍ଲାଣ୍ଟ୍ରି ଗ୍ରାମବାସୀ ଏକ ଅନନ୍ୟ ଉଦ୍ୟମ କରିଥିଲେ। ଗାଁରେ ଜଣେ କନ୍ୟା ଜନ୍ମ ନେଲେ ୧୧୧ଟି ଚାରା ଲଗାଇବା ଆରମ୍ଭ କଲେ। ଚାରାରୋପଣ ପଦକ୍ଷେପ ପଛରେ କେବଳ ପରିବେଶକୁ ଉନ୍ନତ କରିବା ଏବଂ ମାଟି କ୍ଷୟକୁ ମୁକାବିଲା କରିବା ନୁହେଁ, ବରଂ ଗ୍ରାମର ପ୍ରାକୃତିକ ସମ୍ପଦ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଏକ ସାମୁଦାୟିକ ଉତ୍ତରଦାୟିତ୍ୱର ଭାବନା ସୃଷ୍ଟି କରିବାର ପ୍ରୟାସ ଥିଲା।

ପିପ୍ଲାଣ୍ଟ୍ରିରେ ଚାରାରୋପଣ ପଦକ୍ଷେପ ଗ୍ରାମ ଏବଂ ଏହାର ସମ୍ପ୍ରଦାୟ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ଏହା ସ୍ଥାନୀୟ ପରିବେଶକୁ ଉନ୍ନତ କରିବାରେ, ଜଳର ଉପଲବ୍ଧତା ବୃଦ୍ଧି କରିବାରେ ଏବଂ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି ପାଇଁ ବାସସ୍ଥାନ ଯୋଗାଇବାରେ ସହାୟକ ହୋଇଛି। ପରିବେଶଗତ ଏବଂ ସାମାଜିକ ଲାଭ ସହିତ ପିପ୍ଲାଣ୍ଟ୍ରିରେ ଚାରାରୋପଣ ପଦକ୍ଷେପର ଅନେକ ଆର୍ଥିକ ଲାଭ ମଧ୍ୟ ହୋଇଛି। କାଠ ଓ ଉଦ୍ଭିଦ ଉତ୍ପାଦିତ ଜିନିଷ ବିକ୍ରୟ ମାଧ୍ୟମରେ ଗଛଗୁଡ଼ିକ ଗ୍ରାମବାସୀଙ୍କ ପାଇଁ ଆୟର ଏକ ଉତ୍ସ ଯୋଗାଇଛି। ସେମାନେ ଗ୍ରାମକୁ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକର୍ଷିତ କରିପାରୁଛନ୍ତି ଏବଂ ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିଛନ୍ତି। କିପରି ଏକ ଛୋଟ ସମ୍ପ୍ରଦାୟ ପରିବେଶଗତ ଏବଂ ସାମାଜିକ ଆହ୍ୱାନକୁ ମୁକାବିଲା ପାଇଁ ପଦକ୍ଷେପ ନେଇପାରିବ ଏବଂ ସକାରାତ୍ମକ ପରିବର୍ତ୍ତନ ସୃଷ୍ଟି କରିପାରିବେ ତାହାର ଅନ୍ୟନ୍ୟ ଓ ଅଭିନବ ଉଦାହରଣ ହେଉଛି ପିପ୍ଲାଣ୍ଟ୍ରି।




ଏହି କାର୍ଯ୍ୟକ୍ରମ ଗ୍ରାମର ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର ପାଲିୱାଲ ତାଙ୍କ ଝିଅ କିରଣଙ୍କ ସ୍ମୃତିରେ ଆରମ୍ଭ କରିଥିଲେ, ଯିଏ ୧୮ ବର୍ଷ ବୟସରେ ଜଳ ଅଭାବ ଯୋଗୁଁ ମୃତ୍ୟୁବରଣ କରିଥିଲେ। ଗାଁରେ କେବେ ବି ପାଣିର ଅଭାବ ନ ହେବା ପାଇଁ ଗାଁର ସବୁଜ ଆବରଣ ବୃଦ୍ଧି କରିବା ଏବଂ ସ୍ଥାନୀୟ ପରିବେଶକୁ ଉନ୍ନତ କରିବା ପାଇଁ ପାଲିୱାଲ ଚାରାରୋପଣ ଜରିଆରେ ସଂକଳ୍ପ ନେଇଥିଲେ। ପ୍ରତିବର୍ଷ ପିପ୍ଲାଣ୍ଟ୍ରିରେ ହାରାହାରି ପ୍ରାୟ ୬୦ ଜଣ ଝିଅ ଜନ୍ମ ହୁଅନ୍ତି ଏବଂ ଫଳସ୍ୱରୂପ ଚାରାରୋପଣ କାର୍ଯ୍ୟକ୍ରମ ଗ୍ରାମର ସବୁଜ ଆବରଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ପରିବେଶ ଓ ସମାଜ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ରୋପଣ କରାଯାଇଥିବା ଚାରାଗୁଡ଼ିକ ଗାଁରେ ଜଳର ଉପଲବ୍ଧତା ବୃଦ୍ଧି କରିବାରେ ସାହାଯ୍ୟ କରିଛି। ମାଟିରେ ଆର୍ଦ୍ରତା ବଜାୟ ରଖିବା ଏବଂ ଅଧିକ ଆର୍ଦ୍ର ସୂକ୍ଷ୍ମ ଜଳବାୟୁ ସୃଷ୍ଟି କରିପାରିଛି। ୮୦୦ ଫୁଟ ତଳେ ଥିବା ଜଳସ୍ତର ମାତ୍ର ୫ ବର୍ଷ ମଧ୍ୟରେ ୧୫ ଫୁଟ ଉପରକୁ ଭୂମିସ୍ତରକୁ ଉଠି ପାରିଛି। ଏହି ପଦକ୍ଷେପର ଅଂଶ ଭାବରେ ରୋପଣ କରାଯାଇଥିବା ଚାରାଗୁଡ଼ିକ ବିଭିନ୍ନ ପ୍ରକାରର ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତି ପାଇଁ ବାସସ୍ଥାନ ପ୍ରଦାନ କରିଛି, ଯାହା ଜୈବବିବିଧତା ବୃଦ୍ଧି ଓ ସୁରକ୍ଷାରେ ସହାୟକ ହୋଇଛି। ଚାରାରୋପଣ ଉଦ୍ୟମ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ମାଲିକାନା ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରିଛି।। କାରଣ ସେମାନେ ଗଛଗୁଡ଼ିକର ଯତ୍ନ ଏବଂ ସୁରକ୍ଷା ପାଇଁ ସଚେତନ ରହୁଛନ୍ତି।

ଭାରତରେ ଝିଅମାନଙ୍କୁ ଏକ ବଡ଼ ସମସ୍ୟା ବୋଲି ବିଚାର କରାଯାଏ। କାରଣ ସମାଜ ପୁଅ ସନ୍ତାନ ପ୍ରତି ଅତିଷ୍ଠ ଓ ବ୍ୟାକୁଳ ଏବଂ ଯୌତୁକ ପ୍ରଥା ଯୋଗୁଁ ଝିଅମାନଙ୍କୁ ଆର୍ଥିକ ବୋଝ ବୋଲି ବିବେଚନା କରନ୍ତି। କିନ୍ତୁ ପିପ୍ଲାଣ୍ଟ୍ରିରେ ୧୧୧ ଚାରାରୋପଣ ସଂକଳ୍ପ ଓ କାର୍ଯ୍ୟକ୍ରମ ଝିଅମାନଙ୍କ ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିଛି, ଯାହା ଫଳରେ ଗାଁର ସାମାଜିକ ଗତିଶୀଳତାରେ ପରିବର୍ତ୍ତନ ଆସି ପାରିଛି। ପିପ୍ଲାଣ୍ଟ୍ରି ଗ୍ରାମ ପରିବେଶଗତ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଦେଶରେ ଏକ ଉଦାହରଣ ପାଲଟିଛି ଏବଂ 'ଓଏସିସ୍' ମାନ୍ୟତା ମଧ୍ୟ ମିଳିଛି। ପିପ୍ଲାଣ୍ଟ୍ରିର ଏହି ଉଦ୍ୟମ ଦେଖାଇ ଦେଇଛି ଯେ, ଛୋଟ ଏକ ସମୁଦାୟ ମଧ୍ୟ ଏକ ମିଳିତ ପ୍ରୟାସ ଦ୍ୱାରା ବଡ଼ ପରିବର୍ତ୍ତନ ଆଣିପାରିବ। ଏହି ଅନନ୍ୟ ସାମୂହିକ ଅଭ୍ୟାସ କେବଳ ଜୀବନର ଉତ୍ସବର ପ୍ରତୀକ ନୁହେଁ, ବରଂ ପରିବେଶ ଏବଂ କନ୍ୟାସନ୍ତାନ ଉଭୟକୁ ପାଳନ ଏବଂ ସୁରକ୍ଷା ଦେବାର ପ୍ରତିଜ୍ଞା ଭାବରେ ମଧ୍ୟ କାର୍ଯ୍ୟ କରୁଛି।

ପରିବାରମାନେ ସେମାନଙ୍କ ଝିଅମାନଙ୍କୁ ପାଳନ କରିବା ସହିତ ଲଗାଇଥିବା ଚାରାଗୁଡ଼ିକର ଯତ୍ନ ନେବାର ଦାୟିତ୍ୱ ଗ୍ରହଣ କରନ୍ତି, ଗଛର ବୃଦ୍ଧି ଏବଂ ଝିଅମାନଙ୍କ ସଶକ୍ତୀକରଣ ମଧ୍ୟରେ ଏକ ଗଭୀର ସମ୍ପର୍କ ସ୍ଥାପନ କରନ୍ତି। ସଂରକ୍ଷଣ ଏବଂ ଲିଙ୍ଗ ସମାନତା ପାଇଁ ସାମଗ୍ରିକ ଦୃଷ୍ଟିକୋଣ ଗାଁକୁ ସ୍ଥାୟୀ ଜୀବନ ଏବଂ ସାମାଜିକ ପ୍ରଗତିରେ ପରିଣତ କରିଛି। ପରିବାରର ସଦସ୍ୟମାନେ ଗଛଗୁଡ଼ିକ ଫଳବାନ ହେବା ପର୍ଯ୍ୟନ୍ତ ସେମାନଙ୍କର ଯତ୍ନ ନେବାକୁ ସଂକଳ୍ପବଦ୍ଧ ହୋଇଛନ୍ତି। ରକ୍ଷା ବନ୍ଧନ ଉତ୍ସବରେ ଝିଅମାନେ ରାଖୀ ଗଛରେ ବାନ୍ଧିଥା'ନ୍ତି, ଯାହା ଭାଇଭଉଣୀ ଭାବରେ ଅପାର ପ୍ରେମ ଏବଂ ସୁରକ୍ଷାର ପ୍ରତୀକ ହୋଇ ରହିଛି।

ଏହି ସଂକଳ୍ପ ଯୋଗୁଁ ପିପ୍ଲାଣ୍ଟ୍ରିରେ ନିମ, ଶୀଶମ, ଆମ୍ବ, ଆମଳା, ଆଲୋଭେରା ସମେତ ପ୍ରାୟ ଚାରି ଲକ୍ଷରୁ ଅଧିକ ଗଛ ସମୃଦ୍ଧ ହୋଇପାରିଛି। ଏହି ସବୁଜ ବିପ୍ଳବ କେବଳ ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ ନାହିଁ ବରଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଜୈବ ବିବିଧତା ସଂରକ୍ଷଣରେ ମଧ୍ୟ ଯୋଗଦାନ ଦେଇଛି।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

# ମୂଷାର ସ୍ୱର ଉଚ୍ଚ ହେଲା

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ମୂଷାମାନେ ସାଧାରଣତଃ କେବେ କେମିତି ଚିଁ ଚିଁ ଶବ୍ଦ କରିଥା'ନ୍ତି। ଏହାରି ମାଧ୍ୟମରେ ଛୁଆ ତାଙ୍କ ମା' ସହିତ ଏବଂ ପ୍ରାପ୍ତ ବୟସ୍କ ତାଙ୍କ ପ୍ରଜନନ ସାଥୀ ସହିତ ଯୋଗାଯୋଗ କରନ୍ତି। ତେବେ ନିକଟରେ ଆମେରିକାର ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକମାନେ ତାଙ୍କଠାରେ ପ୍ରତିରୋପଣ କରିଛନ୍ତି 'ନୋଭା ୧', ମଣିଷର ଏକ ଜାତୀୟ ଜିନ୍। ଫଳରେ ସେମାନଙ୍କ ସ୍ୱର ବଦଳିଯାଉଛି।

ଏହି ଜିନ୍‌ର ପୂରାନାମ ହେଲା 'ନ୍ୟୁରୋ ଅଙ୍କୋଲୋଜିକାଲ୍ ଭେଂଟ୍ରାଲ ଆଣ୍ଟିଜିନ୍'। ଜୀବମାନଙ୍କର ମସ୍ତିଷ୍କର ବିକାଶ ଏବଂ ସ୍ନାୟବିକ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଏହା ଏ ପ୍ରକାର ଆର୍‌ଏନ୍‌ଏ ଅନୁବନ୍ଧିତ ପ୍ରୋଟିନ୍ ଉତ୍ପନ୍ନ କରାଏ। ଯାହାକି ଏଥିପାଇଁ ଅତ୍ୟାବଶ୍ୟକ। ତେବେ ମଣିଷଠାରେ ଥିବା ଏହି ଜିନ୍‌ର ଅନୁକ୍ରମରେ ମୂଷା ଆଦିଙ୍କ ତୁଳନାରେ କିଛି ବିଶେଷଧରଣର ପାର୍ଥକ୍ୟ ରହିଛି। ସେଥିପାଇଁ ଆମେ ବିଭିନ୍ନ ସ୍ୱର ଏବଂ ଭାଷାରେ କଥୋପକଥନ କରିପାରୁଛୁ, ଯାହାକି ଅନ୍ୟ ପ୍ରାଣୀମାନେ କରିବାକୁ ଅସମର୍ଥ। ମନେକରାଯାଏ ଯେ, ଏହା ହିଁ ଆମକୁ 'ଡେନିସୋଭାନ୍‌ସ୍' ଏବଂ 'ନିଏଣ୍ଡରଥାଲ୍'ମାନଙ୍କଠାରୁ ଭିନ୍ନ ରୂପେ ବିକଶିତ ହେବାକୁ ତଥା ବାର୍ତ୍ତାଳାପ ମାଧ୍ୟମରେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିବାରେ ସାହାଯ୍ୟ କରିଥିଲା।

ଉପରୋକ୍ତ ଗବେଷକମାନେ ମୂଷାଙ୍କ 'ଜିନୋମ୍' (ସମ୍ପୂର୍ଣ୍ଣ ଜିନୀୟ ବ୍ୟବସ୍ଥା)ରେ ମଣିଷର ଏହି ଜିନ୍ ପ୍ରତିରୋପଣ କରି କଥା କହିବା ପ୍ରକ୍ରିୟାର କିପରି ବିକାଶ ଘଟିଲା, ତାହାର ରହସ୍ୟ ଉନ୍ମୋଚନ କରିବାରେ ଲାଗିଛନ୍ତି। ଏହି ରୂପାନ୍ତର ପ୍ରକ୍ରିୟା ବିଶେଷକିଛି ଅଧିକ ନୁହେଁ, କିନ୍ତୁ ତାହା ଅତ୍ୟନ୍ତ ପ୍ରଭାବଶାଳୀ। କାରଣ ଏହା ସେମାନଙ୍କୁ ଚିଁ ଚିଁ ସ୍ୱର ସୃଷ୍ଟି କରିବାରୁ ମଣିଷ ଭଳି ଉଚ୍ଚ ସ୍ୱରର ଅଧିକାରୀ ହେବାରେ ସାହାଯ୍ୟ କରିଛି। ଅତଏବ ତହିଁରୁ ଆମଠାରେ ସ୍ମରଣଶକ୍ତି କିପରି ବିକାଶ ଘଟିଲା ତାହାର ସୂଚନା ମିଳିପାରିବ। ଗବେଷକମାନେ ଏ ପରୀକ୍ଷା ପାଇଁ ମୂଷାଙ୍କୁ ବାଛିବାର କାରଣ ମୂଳରେ ରହିଛି ଏହା ସହିତ ଆମ ଜିନୀୟ ପଦାର୍ଥ ଡିଏନ୍‌ଏର ସାମ୍ୟତା- ମୂଷା, ଗୋରୁଗାଈ ଏବଂ ହାତୀଠାରେ ଏହା ପ୍ରାୟ ୯୦ ଶତାଂଶ। ତେବେ ସେମାନଙ୍କଠାରେ ଏହି ଜିନ୍‌ର ପ୍ରତିରୋପଣ କରିବା ଦ୍ୱାରା ସେମାନଙ୍କ ସ୍ୱରରେ ସିନା ପରିବର୍ତ୍ତନ ଆସିଲା, ସେମାନେ ମଣିଷ ଭଳି ଶବ୍ଦ ଉଚ୍ଚାରଣ କରିବା ସମ୍ଭବ ହେଲାନାହିଁ କି ହୋଇପାରିବ ନାହିଁ। ଏହା ମୂଳରେ ରହିଛି ସେମାନଙ୍କ ଶାରୀରିକ, ବିଶେଷକରି ସ୍ୱର ବ୍ୟବସ୍ଥାର ଗଠନରେ ଥିବା ତାରତମ୍ୟ।

ସାଧାରଣତଃ ମୂଷା ଛୁଆମାନେ ତାଙ୍କ ମା'ମାନଙ୍କ ସହିତ ଯୋଗାଯୋଗ ପାଇଁ ପାରସ୍ପରିକ ଧ୍ୱନି ବା 'ଅଲଟ୍ରା ସାଉଣ୍ଡ' ବ୍ୟବହାର କରିଥା'ନ୍ତି। ତାଙ୍କର ଏ ଧ୍ୱନି ଚାରି ପ୍ରକାର (ଏସ୍, ଡି, ୟୁ, ଏମ୍)। ତାହା ତାଙ୍କର ପ୍ରତିକ୍ରିୟାର ବିଭିନ୍ନତା ପ୍ରକଟ କରେ। କିନ୍ତୁ ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକମାନେ ତାଙ୍କ 'ଜିନୋମ'ରେ ମଣିଷର 'ନୋଭା-୧' ଜିନ୍ ପ୍ରତିରୋପଣ କରିଦେଲା ପରେ ତାଙ୍କର ସ୍ୱରଗତ ସାମର୍ଥ୍ୟକୁ ପ୍ରଭାବିତ କରିଥିବାର ପ୍ରମାଣିତ ହେଲା। ମୂଷାମାନଙ୍କ ବୟସ ବୃଦ୍ଧି ସଂଗେ ସଂଗେ ଏହା (ସ୍ୱରଗତ ପ୍ରତିରୂପ) ଆହୁରି ଅଧିକ ବିକଶିତ ହେଲା।

ଏହି ଆବିଷ୍କାର ଏକ ବୃହତ୍ତର ସତ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ। ତାହା ହେଲା ଯେ ଜିନ୍‌ଗୁଡ଼ିକ କେବଳ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥାର ରୂପରେଖ ନିର୍ଦ୍ଧାରଣ କରନ୍ତି ନାହିଁ। ଏଥିସହିତ ସେଗୁଡ଼ିକ ଜୀବଟି କିପରି ଅନ୍ୟ ସହିତ ସମ୍ପର୍କ ଏବଂ ଯୋଗାଯୋଗ ସ୍ଥାପନ କରେ ତାହା ମଧ୍ୟ ସ୍ଥିର କରିଥାଏ। ପୁନଶ୍ଚ 'ନୋଭା ୧' ଜିନ୍ ନିଜେ ମସ୍ତିଷ୍କ ଏବଂ ସ୍ୱରର ରୂପରେଖକୁ ପ୍ରଭାବିତ କରିବା ସହିତ ଆଉ କେତେକ ଜିନ୍‌କୁ ତାହା କରିବାକୁ ପ୍ରରୋଚିତ କରୁଥିବାର ସେଥିରୁ ଜଣାପଡ଼ିଛି।

ଗବେଷକ ଦଳର ମୁଖ୍ୟ ପ୍ରଫେସର ରବର୍ଟ ଡେରନେଲ୍‌ଙ୍କ ମତରେ ଏହାକୁ ବିଜ୍ଞାନରେ ଏକ ବିସ୍ମୟକର ମୁହୂର୍ତ୍ତ ବୋଲି କୁହାଯାଇପାରିବ। 'ନୋଭା ୧' ଜିନ୍‌ର ଏ ପ୍ରକାର ସଂସ୍କରଣଟି ପ୍ରଥମେ ଆଫ୍ରିକୀୟମାନଙ୍କଠାରେ ଦେଖାଦେଇଥିଲା। ତତ୍ପରେ ତାହା ହେଲା ବିଶ୍ୱବ୍ୟାପୀ, ଯାହାକି ମଣିଷର ଶବ୍ଦ ଉଚ୍ଚାରଣ ସାମର୍ଥ୍ୟକୁ ବିକଶିତ କଲା ଏବଂ ଭାବର ଆଦାନ ପ୍ରଦାନ କରିପାରୁଥିବା ମଣିଷ (ହୋମୋସାପିଏନ୍)କୁ ତିଷ୍ଠି ରହିବାକୁ ଦେଲା। ଅନ୍ୟପକ୍ଷରେ ଏହାର ଅନୁପସ୍ଥିତି ଉପମାନବ (ହୋମିନି) ମାନଙ୍କର ବିଲୁପ୍ତିର କାରଣ ହେଲା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପିଏମଏଲଏ ଅଧିନିୟମରେ ସମ୍ପତ୍ତି ଜବତ ବେଳେ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କର: ହାଇକୋର୍ଟ

**କଟକ,୧୨।୫(ସମିସ):** ପ୍ରିଭେନସନ୍ ଅଫ୍ ମନିଲଣ୍ଡରିଂ (ପିଏମଏଲଏ) ଆକ୍ଟ ଅନୁସାରେ ପ୍ରାଧିକୃତ ଅଧିକାରୀ ସମ୍ପତ୍ତି ଜବତ ତଥା ବ୍ୟାଙ୍କ ଜମାଖାତାକୁ ଅଚଳ କରିବା ବେଳେ ଏହି ଆକ୍ଟ ବା ଅଧିନିୟମ ଅନ୍ତର୍ଗତ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ଯାଞ୍ଚ ଅଭିଯାନ ପୂର୍ବରୁ ଓ ସମ୍ପତ୍ତି ଜବତ ପରେ ସମ୍ପୃକ୍ତ ଅଧିକାରୀ ଜବତ କରିଥିବା ସାମଗ୍ରୀ ସହ ନିର୍ଣ୍ଣାୟକ ଅଧିକାରୀଙ୍କ ନିକଟକୁ ଏକ ମୁଦା ଲଫାପାରେ ନିର୍ଦ୍ଦିଷ୍ଟ କାରଣ ଦର୍ଶାଇବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଶ୍ରୀ ମନୋଲିଥିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ସମ୍ପୃକ୍ତ ଆବେଦନକାରୀ କମ୍ପାନୀ ନାମରେ ଥିବା ବିଏମଡବ୍ଲୁ କାର୍‌କୁ ଫେରସ୍ତ ସହ କମ୍ପାନୀର ବ୍ୟାଙ୍କ ଜମାଖାତାକୁ ସଚଳ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ରତିକାନ୍ତ ରାଉତ ନାମକ

**ଜବତ ବିଏମଡବ୍ଲୁ କାର ଫେରସ୍ତ ସହ ବ୍ୟାଙ୍କ ଖାତା ସଚଳ କରିବାକୁ ନିର୍ଦ୍ଦେଶ**

ଜଣେ ବ୍ୟକ୍ତିଙ୍କ ବିରୋଧରେ ବେଆଇନ ଖଣି ଉତ୍ତୋଳନ, ବିସ୍ଫୋରକ ସାମଗ୍ରୀ ଚାଲାଣ ଆଦି ପ୍ରସଙ୍ଗରେ ଇଡି ପକ୍ଷରୁ ତଦନ୍ତ ଜାରି ରହିଥିଲା। ରତିକାନ୍ତଙ୍କ ସହ କଟକ ମର୍କତନଗର ନିବାସୀ ଶ୍ରୀ କନଷ୍ଟ୍ରକ୍ସନର ନିର୍ଦ୍ଦେଶକ ଚନ୍ଦ୍ରଶେଖର ସାମଲଙ୍କ ଲିଙ୍କ୍ ରହିଥିବା ଅଭିଯୋଗରେ ଇଡି ପକ୍ଷରୁ ଚଢ଼ଉ କରାଯାଇଥିଲା। ସେତେବେଳେ ଚନ୍ଦ୍ରଶେଖରଙ୍କ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଏକ ବିଏମଡବ୍ଲୁ କାର୍‌କୁ ଇଡି ଜବତ କରିଥିଲା। ଏହି କାର୍‌ଟି ଆବେଦନକାରୀ ଶ୍ରୀ ମନୋଲିଥିକ୍ସ କମ୍ପାନୀ ନାମରେ ଥିବା ବେଳେ ଏହାକୁ କମ୍ପାନୀର ନିର୍ଦ୍ଦେଶିକା ତଥା ଚନ୍ଦ୍ରଶେଖରଙ୍କ ଝିଅ ଶୁଭଶ୍ରୀ ପ୍ରିୟଦର୍ଶିନୀ ନିଜ ଘରକୁ ଆଣିଥିଲେ। ପରେ ଇଡି ପକ୍ଷରୁ ମଧ ଆବେଦନକାରୀ କମ୍ପାନୀର ବ୍ୟାଙ୍କ ଜମା ଖାତା ଅଚଳ କରିଦିଆଯାଇଥିଲା। ଏହା ବିରୋଧରେ ଆବେଦନକାରୀ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପିଏମଏଲଏ ଆକ୍ଟ ଅନୁସାରେ ରୁଜୁ ମାମଲାରେ ଆବେଦନକାରୀ କମ୍ପାନୀ କିମ୍ବା ଚନ୍ଦ୍ରଶେଖରଙ୍କ କୌଣସି ଲିଙ୍କ୍ ରହିଥିବା ତଦନ୍ତକାରୀ ସଂସ୍ଥା ପକ୍ଷରୁ ଶୁଣାଣି ବେଳେ ଦର୍ଶାଯାଇପାରି ନଥିଲା।

**କଲେଜ ଅଧ୍ୟାପକ ନିଯୁକ୍ତିରେ ୟୁଜିସି ମାନଦଣ୍ଡକୁ ଉପେକ୍ଷା**

# ମିଳୁନି ଆଶାଜନକ ନାକ୍ ମାନ୍ୟତା

**ଭୁବନେଶ୍ୱର,୧୨।୫(ସମିସ):** ନାକ୍ ମାନ୍ୟତା ପାଇବାକୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରୟାସ କରୁଛନ୍ତି। ସେମାନଙ୍କୁ ସହଯୋଗ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଉଛି। ତଥ୍ୟ ଏକତ୍ରୀକରଣ ଓ ଉପସ୍ଥାପନ କିପରି କରିବେ ବରିଷ୍ଠ ଓ ଅଭିଜ୍ଞଙ୍କୁ ନେଇ କର୍ମଶାଳା କରୁଛନ୍ତି; ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକ ଆଶାଜନକ ମାନ୍ୟତା ପାଇପାରୁ ନାହାନ୍ତି। ଅଧ୍ୟାପକ ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ଏଥିରେ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଏପରିକି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଅଧ୍ୟାପକ ପଦରେ ନିଯୁକ୍ତି ହେଉ ନଥିବା ଅଭିଯୋଗ ହୋଇଛି।

ୟୁଜିସି ନିୟମ ଅନୁଯାୟୀ ଡିଗ୍ରୀ କଲେଜରେ ସହକାରୀ ପ୍ରଫେସର ଭାବେ ନିଯୁକ୍ତି ପାଇବା ପାଇଁ ସ୍ନାତକୋତ୍ତରରେ ଅନ୍ୟୁନ ୫୫ ପ୍ରତିଶତ ମାର୍କ ଥିବା ଆବଶ୍ୟକ। ଏହାସହ ଜାତୀୟ ପରୀକ୍ଷଣ ସଂସ୍ଥାଦ୍ୱାରା ଅନୁଷ୍ଠିତ ହେଉଥିବା ଜାତୀୟ ଯୋଗ୍ୟତା ପରୀକ୍ଷା ବା ରାଜ୍ୟ ଯୋଗ୍ୟତା ପରୀକ୍ଷା କିମ୍ବା ପିଏଚ୍‌ଡି କରିଥିବା ଅନିବାର୍ଯ୍ୟ। ହେଲେ ରାଜ୍ୟର ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟରେ ଏହାକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ନିଯୁକ୍ତି ଦେଉଛନ୍ତି ଉଚ୍ଚଶିକ୍ଷା ବିଭାଗ ଓ କଲେଜ ପରିଚାଳନା କମିଟି। କେବଳ ସ୍ନାତକୋତ୍ତରରେ ସାଧାରଣ ଓ ଓବିସି ବର୍ଗଙ୍କ ପାଇଁ ସର୍ବନିମ୍ନ ୫୫ ପ୍ରତିଶତ ନମ୍ବର ଧାର୍ଯ୍ୟ କରାଯାଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ସର୍ବନିମ୍ନ ୫୦ ପ୍ରତିଶତ ମାର୍କକୁ ମାନଦଣ୍ଡ ରଖି ନିଯୁକ୍ତି ଦିଆଯାଉଛି।

ନାକ୍ ଟିମ୍ ସଦସ୍ୟ ଥିବା ଅଧ୍ୟାପକ ଅଶୋକ କୁମାର ମହାନ୍ତିଙ୍କ କହିବା କଥା, ନାକ୍ ପ୍ରସ୍ତୁତି ସମୟରେ ଅନେକ ଶିକ୍ଷାନୁଷ୍ଠାନ ଭୁଲ୍ ଓ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ୟୁଜିସି ଯୋଗ୍ୟତା ମାନଦଣ୍ଡ ପୂରଣ କରୁ ନଥିବା ଅଧ୍ୟାପକ ନିଯୁକ୍ତ ହେଉଥିବାରୁ ନାକ୍ ମାନ୍ୟତା ପ୍ରଭାବିତ ହେଉଛି। ସମ୍ପ୍ରତି ସରକାର ଏଥିରେ ସୁଧାର ଆଣିବା ଆବଶ୍ୟକ। ନିଯୁକ୍ତି ଯୋଗ୍ୟତା ମାନଦଣ୍ଡକୁ କଡ଼ାକଡ଼ି କରିବା ସହ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ନିଯୁକ୍ତି କରାଗଲେ ଆଶାଜନକ ମାନ୍ୟତା ମିଳିପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଜାର @୩୦୦୦...

ଘଟିଛି। ତେବେ ଦୀର୍ଘ ୪ ବର୍ଷ ପରେ ପୁଞ୍ଜି ବଜାରରେ ଗୋଟିଏ କାରବାର ଦିବସରେ ସେନ୍‌ସେକ୍ସରେ ଏହା ସବୁଠୁ ବଡ଼ ବୃଦ୍ଧି ବୋଲି କୁହାଯାଉଛି। ଷ୍ଟକ୍ ବଜାରରେ ଏହି ବୃଦ୍ଧି ଯୋଗୁ ନିବେଶକମାନେ ଆଜି ଗୋଟିଏ ଦିନରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କାର ଲାଭ କମାଇଛନ୍ତି।

ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ସୋମବାର ସେନ୍‌ସେକ୍ସରେ ୨୯୭୫.୪୩ ପଏଣ୍ଟ ବା ୩.୭୪ ପ୍ରତିଶତ ବୃଦ୍ଧି ଘଟି ୮୨,୪୨୯.୯୦ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ୯୧୬ .୭୦ ପଏଣ୍ଟ ବା ୩.୮୨ ପ୍ରତିଶତ ବୃଦ୍ଧି ହୋଇ ୨୪,୯୨୪.୭୦ ପଏଣ୍ଟରେ କାରବାର ଶେଷ ହୋଇଛି। ତେବେ ୨୦୨୧ ଫେବୃଆରୀ ପରେ ଭାରତୀୟ ଷ୍ଟକ୍ ବଜାରରେ ଆଜି ସବୁଠାରୁ ବଡ଼ ଇନଷ୍ଟ୍ରା ଡେ’ ବୃଦ୍ଧି ଦେଖିବାକୁ ମିଳିଛି। ଆଜିର ଏହି ବୃଦ୍ଧି ଯୋଗୁଁ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୧୬ ଲକ୍ଷ କୋଟି ଟଙ୍କାରୁ ଅଧିକ ବଢ଼ିଛି।

ଭାରତ-ପାକିସ୍ତାନ ଅସ୍ତ୍ରବିରତି ସହ ଆମେରିକା-ଚୀନ ମଧ୍ୟରେ ଶୁଳ୍କ ବୁଝାମଣା ଘୋଷଣା ମଧ ନିବେଶକଙ୍କ ଆଜି ପୁଞ୍ଜି ବଜାରରେ ଉତ୍ସାହର ଅନ୍ୟତମ କାରଣ ଥିଲା। ଏହାର ପ୍ରଭାବରେ ନିଫ୍ଟିର ଆଇଟି ଇଣ୍ଡେକ୍ସ ୭.୧ ପ୍ରତିଶତ ବଢ଼ିଛି, ଯାହା ଗତ ୫ ବର୍ଷରେ ସବୁଠୁ ବଡ଼ ବୃଦ୍ଧି। ଅସ୍ତ୍ରବିରତି ପରେ ବଜାରରେ ସ୍ଥିରତା ଫେରିବା ଆଶାରେ ଟ୍ରାଭେଲ୍ ବୁକିଂ, ହୋଟେଲ୍ ଓ ଏୟାରଲାଇନ୍ କମ୍ପାନୀଗୁଡିକର ସେୟାର ମୂଲ୍ୟରେ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୪ ପ୍ରତିଶତ ବୃଦ୍ଧି ସହ ବନ୍ଦ ହୋଇଛି।

ଅପରପକ୍ଷେ ଆଜି ଘରୋଇ ସହ ବୈଶ୍ୱିକ ଉତ୍ତେଜନାରେ ହ୍ରାସର ପ୍ରଭାବ ସୁନା ବଜାର ଉପରେ ପଡିଛି। ଏଥିଯୋଗୁ ମାତ୍ର ଦିନକରେ ଘରୋଇ ବଜାରରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୩୦୦୦ ଟଙ୍କା ହ୍ରାସ ଘଟିଛି। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଅସ୍ତ୍ରବିରତି ଘୋଷଣା ପରେ ସେହି ଉତ୍ତେଜନା କମ୍ ହୋଇଛି। ଚଳିତବର୍ଷ ଜାନୁଆରୀ ପହିଲାଠାରୁ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୬,୯୧୪ ଟଙ୍କା ବୃଦ୍ଧି ଘଟିଛି। ଆଜି ନୂଆଦିଲ୍ଲୀରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୮,୯୩୦ ଟଙ୍କା ଏବଂ ୨୪ କ୍ୟାରେଟ୍ ସୁନା ୯୭,୦୩୦ ଟଙ୍କା ରହିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫,୪୫୦ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭,୫୦୦ ଟଙ୍କାକୁ ହ୍ରାସ ପାଇଛି। ଅପରପକ୍ଷେ ଏକ କିଲୋ ରୁପା ମୂଲ୍ୟ ଭୁବନେଶ୍ୱରରେ ୯୯,୦୦୦ ଟଙ୍କାରେ ପହଞ୍ଚିଛି।

### ରକ୍ତ ଓ ପାଣି...

ପହଲଗାମ ଆକ୍ରମଣର ଭାରତ ଏପରି ପ୍ରତିଶୋଧ ନେବ। ଆତଙ୍କବାଦ ବିରୋଧୀ ଯୁଦ୍ଧରେ ‘ଅପରେସନ ସିନ୍ଦୂର’ ଆମ ପାଇଁ ନୂଆ ନୀତି ହୋଇଛି। ଏବେ ଆକ୍ରମଣ ହେଲେ ଉଭୟ ଆତଙ୍କବାଦୀ ଏବଂ ସେମାନଙ୍କ ଆଶ୍ରୟଦାତାଙ୍କୁ ଆତଙ୍କବାଦୀ ରୂପେ ବିବେଚନା କରାଯିବ ଏବଂ ସେମାନଙ୍କୁ ସମୂଳେ ଧ୍ୱଂସ କରି ଦିଆଯିବ। ଆତଙ୍କବାଦୀମାନେ ପହଲଗାମରେ ଆମ ଭଉଣୀମାନଙ୍କର ସିନ୍ଦୂର ଉଜାଡ଼ିଥିଲେ, ଆମେ ସେମାନଙ୍କ ଭାଷାରେ ହିଁ ସେମାନଙ୍କର ଆଡ୍ଡାକୁ ଧ୍ୱଂସ କରିଦେଇଛୁ। ଆମର ଏହି କାର୍ଯ୍ୟାନୁଷ୍ଠାନ ବିଶ୍ୱବ୍ୟାପୀ ଆତଙ୍କବାଦୀଙ୍କ ପାଇଁ ବାର୍ତ୍ତା ଦେଇଛି ଯେ ଆତଙ୍କବାଦୀ ଭାରତ ଉପରେ ଆକ୍ରମଣ କଲେ ଆମେ ସେମାନଙ୍କର ମୂଳଦୁଆକୁ ଧ୍ୱଂସ କରିଦେବୁ। ଭାରତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରି ଏହାର ଅସୀମ ଶୌର୍ଯ୍ୟର ପ୍ରଦର୍ଶନ କରିଛି। ଏଥିରେ ଶତାଧିକ ଆତଙ୍କବାଦୀ ଏବଂ ସେମାନଙ୍କର ଗୁରୁ ସଫା ହୋଇଯାଇଛନ୍ତି। ପାକିସ୍ତାନ ବୁଝିବା ଉଚିତ ଯେ ଏକ ଦେଶ ଭାବେ ତିଷ୍ଠି ରହିବାକୁ ହେଲେ ଇସଲାମାବାଦ ଆତଙ୍କବାଦୀଙ୍କୁ ସଫା କରୁ। ଶାନ୍ତି ପାଇଁ ଏହା ଜରୁରୀ। ଏହି ଯୁଗ ଯୁଦ୍ଧର ନୁହେଁ କି, ଆତଙ୍କବାଦର ବି ନୁହେଁ। ଏହା ପାକିସ୍ତାନକୁ ବୁଝିବାକୁ ପଡ଼ିବ।

ପ୍ରଧାନମନ୍ତ୍ରୀ କହିଲେ ଯେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ପାକିସ୍ତାନରେ ଧ୍ୱଂସର ତାଣ୍ଡବ ରଚିଥିଲା। ଏଥିରେ ଭୟଭିତ ହୋଇ ପାକିସ୍ତାନ କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ବନ୍ଦ କରିବା ଲାଗି ଭାରତ ନିକଟରେ ବିକଳ ହୋଇ ଗୁହାରି କରିଥିଲା। ଭାରତ ତାର କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛି, କିନ୍ତୁ ବନ୍ଦ କରିନାହିଁ। ଭାରତ ସ୍ପଷ୍ଟ ଭାଷାରେ ଜଣାଇ ଦେଇଛି ଯେ ଭାରତରେ କୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣ ହେଲେ ଏହାର ଦୃଢ଼ତାର ସହ ଜବାବ ଦିଆଯିବ। ପାକିସ୍ତାନ ସିନ୍ଧୁ ନଦୀ ଚୁକ୍ତି ବହାଲ କରିବାକୁ ଚାହୁଁଥିଲା। କିନ୍ତୁ ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ ରକ୍ତ ଓ ପାଣି ଏକ ସମୟରେ ବହିପାରିବ ନାହିଁ। ଏବେ ପାକିସ୍ତାନ ସହିତ ଯେଉଁ କଥାବାର୍ତ୍ତା ହେବ, ତାହା କେବଳ ଆତଙ୍କବାଦ ଓ ପାକ୍ ଅଧିକୃତ କାଶ୍ମୀରକୁ ଭାରତ ଫେରାଇ ଆଣିବା ଲାଗି ହିଁ କଥାବାର୍ତ୍ତା ହେବ। କଶ୍ମୀର ଉପରେ କୌଣସି ଆଲୋଚନା ହେବନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂର କେବଳ ନାମ ନୁହେଁ, ଏହା ହେଉଛି ଆମ ଭାବାବେଗର ପ୍ରତୀକ। ଭାରତୀୟ ସେନାର ପରାକ୍ରମକୁ ସେ ଦେଶର ମାତା, ଝିଅ ଓ ଭଉଣୀଙ୍କୁ ସମର୍ପିତ କରି କହିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ପ୍ରତ୍ୟେକ ବର୍ଗ, ସଂପ୍ରଦାୟ, ଜାତି ଓ ଦଳର ଲୋକେ ଏକଜୁଟ ହୋଇ ଏକ ସ୍ୱରରେ ଦାବି କରିଥିଲେ। ଆମର ଏହି ଏକତା ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାରେ ସହାୟକ ହୋଇଛି। ପହଲଗାମେରେ ଆତଙ୍କବାଦୀମାନେ ଧର୍ମ ପଚାରି ହତ୍ୟା କରି ଆମ ଦେଶରେ ଯେଉଁ ବିଦ୍ୱେଶ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିଲେ, ଆମେ ତାହାକୁ ପ୍ରତିହତ କରିପାରିଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଶିଳ୍ପ ଯୁଗର...

ହୋଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ଏହି ଅଭିବୃଦ୍ଧି ହାର ଦେଶରେ ସର୍ବାଧିକ ବୋଲି ଜଣାପଡ଼ିଛି। ଓଡ଼ିଶାରେ ଏହି ସଫଳତାକୁ ନେଇ ବେଶ୍ ଖୁସି ପ୍ରକଟ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଗତ ଦଶନ୍ଧିରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ପୂର୍ବ ବିଜେଡି ସରକାର ଏକାଧିକ ନିଷ୍ପତ୍ତି ନେଇଥିଲେ। ସ୍ୱତନ୍ତ୍ର ଶିଳ୍ପ ନୀତି ସହ ଶିଳ୍ପ ପ୍ରସ୍ତାବଗୁଡ଼ିକର ସଅଳ ଏବଂ ତ୍ୱରିତ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ରାଜ୍ୟରେ ଶୃଙ୍ଖଳିତ ଆଇନ ବ୍ୟବସ୍ଥା ସହ ଶିଳ୍ପ ନୀତିରେ ଏକାଧିକ ଆକର୍ଷଣୀୟ ସୁବିଧା ସୁଯୋଗ ଦେଶ, ବିଦେଶର ପ୍ରତିଷ୍ଠିତ ଶିଳ୍ପପତିଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଥିଲା। ଫଳରେ ପୂର୍ବ ବିଜେଡି ସରକାର ଓଡ଼ିଶାରେ ଆରମ୍ଭ କରିଥିବା ମେକ୍ ଇନ୍ ଓଡ଼ିଶା ଅଭିଯାନକୁ ଆଖିଦୃଶିଆ ସଫଳତା ମିଳିଥିଲା। ଯାହାକୁ ଆଇସିଆରଏଏଲ ଏହି ରିପୋର୍ଟାରେ ସ୍ପଷ୍ଟ ଭାବେ ସ୍ୱୀକାର କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଏ ନେଇ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଗତ ସରକାର ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ନିବେଶକଙ୍କୁ ଆକୃଷ୍ଟ କରିବାକୁ ଭରପୂର ଉଦ୍ୟମ କରିଥିବା ବେଳେ ରାଜ୍ୟରେ ଶିଳ୍ପ ବାତାବରଣର ଅଭିବୃଦ୍ଧି ପାଇଁ ଏକାଧିକ ପଦକ୍ଷେପ ନେଇଥିଲେ। ଯାହାଫଳରେ ୨୦୨୪ରେ ଜିଏସଭିଏ(ଗ୍ରସ ଷ୍ଟେଟ ଭ୍ୟାଲୁ ଆଡେଡ)ରେ ଶିଳ୍ପ ସେୟାର ୫୧ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲା। ଯାହା ଦେଶରେ ସର୍ବାଧିକ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସେହିପରି ସ୍ଥିର ମୂଲ୍ୟରେ ଜିଏସଭିଏ ଅଭିବୃଦ୍ଧି ୭ ପ୍ରତିଶତରୁ ଅଧିକ ରହିଛି। ଏହି ଅବିବୃଦ୍ଧି ସାରା ଦେଶରେ ଦ୍ୱିତୀୟ ସର୍ବାଧିକ ହୋଇଥିବା ବେଳେ ସମାନ ଅବଧିରେ ଦେଶର ଅଭିବୃଦ୍ଧି ୫.୮ ପ୍ରତିଶତ ରହିଛି। ନବୀନ କହିଛନ୍ତି ଯେ ଏହି ନିରନ୍ତର ଶିଳ୍ପ ଅଭିବୃଦ୍ଧି କେବଳ ଓଡ଼ିଶାର ଅର୍ଥନୀତିରେ ରୂପାନ୍ତରଣ ଆଣିନାହିଁ ବରଂ ଲୋକଙ୍କ ପାଇଁ ସମୃଦ୍ଧି ଆଣିପାରିଛି। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସହଯୋଗ ବିନା ଏହା ସମ୍ଭବପର ହୋଇପାରିନଥାନ୍ତା। ଏହି ରୂପାନ୍ତରଣ ଯାତ୍ରାରେ ସହଯାତ୍ରୀ ହୋଇଥିବାରୁ ନବୀନ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କେବଳ ଶିଳ୍ପ ଅଭିବୃଦ୍ଧି ନୁହେଁ, ବରଂ ନିବେଶ ପ୍ରସ୍ତାବ ପ୍ରାପ୍ତିରେ ମଧ ଓଡ଼ିଶା ବିଭିନ୍ନ ସମୟରେ ଦେଶରେ ଏକ ନମ୍ବର ସ୍ଥାନରେ ରହି ଆସିଛି। ୨୦୨୩ ମସିହାରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୨୦୨୩ ବର୍ଷରେ ସାରା ଦେଶର ବିଭିନ୍ନ ରାଜ୍ୟକୁ ୫ ଲକ୍ଷ ୧୦ ହଜାର ୮୫୨ କୋଟି ନିବେଶ ପ୍ରସ୍ତାବ ଆସିଥିବା ବେଳେ, ଏଥିରୁ ଓଡ଼ିଶାକୁ ସର୍ବାଧିକ ୨ ଲକ୍ଷ ୧୦ ହଜାର ୮୩୭ କୋଟି ଟଙ୍କାର ପ୍ରସ୍ତାବ ମିଳିଥିଲା। ଯାହା ମୋଟ ନିବେଶ ପ୍ରସ୍ତାବର ପ୍ରାୟ ୪୦ ପ୍ରତିଶତ ଥିଲା। ସେହିପରି ଶିଳ୍ପ ଅନୁକୂଳ ବାତାବରଣ କ୍ଷେତ୍ରରେ ଓଡ଼ିଶା ବିଭିନ୍ନ ସମୟରେ ଦେଶରେ ପ୍ରମୁଖ ରାଜ୍ୟମାନଙ୍କ ତାଲିକାରେ ପ୍ରଥମ ୫ ରାଜ୍ୟ ମଧ୍ୟରେ ରହିଆସିଛି। ଯାହା ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱ, ୫-ଟି ଉପକ୍ରମର ପ୍ରଭାବ ଏବଂ ଶୃଙ୍ଖଳିତ ପ୍ରଶାସନିକ ନିଷ୍ପତ୍ତି ପାଇଁ ସମ୍ଭବ ହୋଇପାରିଥିଲା ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି।

### ଯୁବକଙ୍କୁ ଗୋଡ଼େଇ...

ଦୁର୍ବୃତ୍ତମାନେ ଖଣ୍ଡାରେ ହାଣିଛନ୍ତି। ଆହତ ଯୁବକ ଜଣଙ୍କ ହେଲେ, ପଳାସପଲ୍ଲୀର ବିକି ନାୟକ। ତାଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିକିଙ୍କ ହାତ ଏବଂ ଗୋଡ଼ରେ ଗଭୀର କ୍ଷତ ହୋଇଛି। ଖବର ପାଇ ପୁଲିସ ଛାନବିନ୍ ଆରମ୍ଭ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ ଚଳାଇଥିବା ଖବର ମିଳିଛି। ପୁଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ କରୁଛି। ଆକ୍ରମଣର କାରଣ ଜଣାପଡ଼ିନଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି କାଣ୍ଡ ହୋଇଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁସାରେ, ଆଜି ରାତି ପ୍ରାୟ ୯ଟାରେ ବିକି ଏବଂ ତାଙ୍କ ସାଙ୍ଗମାନେ ନୂଆ ଫରେଷ୍ଟ ପାର୍କ ଜିନ୍ଦଲ ଅଫିସ୍ ନିକଟ ଗଳିରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ କାର୍‌ରେ ୭ଜଣ ଯୁବକ ଆସିଥିଲେ। କେହି କିଛି ବୁଝିବା ଆଗରୁ ପ୍ରଥମେ ଲୁହା ପାଇପ୍‌ରେ ବିକିର ମୁଣ୍ଡକୁ ପିଟିଥିଲେ। ବିକି ତଳେ ପଡ଼ି ଚିତ୍କାର କରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ହାଣିଥିଲେ। ଜୀବନ ବଞ୍ଚାଇବାକୁ ବିକି ରାସ୍ତାରେ ଦୌଡୁଥିବା ବେଳେ ଅଭିଯୁକ୍ତମାନେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଶେଷରେ ବିକି ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ।

**■ ବିଡ଼ିଏ ଆଲର୍ଟମେଣ୍ଟ ସେକ୍ସନରୁ ଫାଇଲ ଗାଏବ**

# ବଡ଼ବଡ଼ିଆଙ୍କୁ ଛାଡ଼, ତଳତଳିଆଙ୍କୁ ମାଡ଼

**ଭୁବନେଶ୍ୱର,୧୨।୫(ସମିସ):** ବିଡିଏ ଆଲର୍ଟମେଣ୍ଟ ସେକ୍ସନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଗାଏବ। ଏହି ଫାଇଲ କୁଆଡ଼େ ଗଲା, କିଏ ନେଲା ତାହାର ପତ୍ତା ମିଳୁନାହିଁ। ପୂର୍ବରୁ ବିଡ଼ିଏ ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ଓ ବଦନାମ ହୋଇ ରହିଥିବାବେଳେ ଏବେ ଗାଏବ ଫାଇଲକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏପରିକି ଗତବର୍ଷ ଯେଉଁ ଫାଇଲ୍‌ଗୁଡ଼ିକୁ ଝାଡ଼ିଝୁଡ଼ି ସଜାଡ଼ି ରଖାଯାଇଥିଲା, ଏ ବର୍ଷ ସେହି ଫାଇଲ ଉଭାନ ହୋଇଯିବା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିପାଇଁ ୨ ଜଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି ଓ କିଛି କର୍ମଚାରୀଙ୍କ ବେତନ ବନ୍ଦ କରାଯାଇଛି। ମାତ୍ର ତଳତଳିଆ କର୍ମଚାରୀଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ବଡ଼ବଡ଼ିଆ ଅଧିକାରୀଙ୍କୁ କାହିଁକି ମାଫ୍ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବିଡ଼ିଏର ଆଲଟମେଣ୍ଟ ସେକ୍ସନରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଆବଣ୍ଟନ ହୋଇଥିବା ଜମି ଓ ଘର ସଂକ୍ରାନ୍ତ ଫାଇଲ ରହିଥାଏ। କେଉଁ ଲୋକ ଘର ପାଇଲେ, କିଏ ବିଡ଼ିଏରୁ ଜମି କିଣିଲା। କାହାର ଜମି କେତେ ଓ କେଉଁ ସ୍ଥାନରେ ରହିଛି ସବୁ ତଥ୍ୟ ସମ୍ବଳିତ ଫାଇଲ ରଖିବା ଦାୟିତ୍ୱ ଆଲଟମେଣ୍ଟ ବିଭାଗ ନିକଟରେ ଥାଏ। ସମ୍ପ୍ରତି ବିଡ଼ିଏର ନୂଆ ନିୟମ ଅନୁସାରେ ଜମି ଏବଂ ଘରକୁ ଲିଜ୍ ହୋଲ୍ଡ ବଦଳରେ ଫ୍ରି ହୋଲ୍ଡ କରିବାକୁ ଅନୁମତି ଦିଆଯାଇଛି। ଏଥିପାଇଁ ଜମି ପାଇଥିବା ଲୋକେ ଫ୍ରି ହୋଲ୍ଡ କରିବାକୁ ବିଡ଼ିଏ କାର୍ଯ୍ୟାଳୟକୁ ଆସୁଛନ୍ତି; ମାତ୍ର ସେମାନଙ୍କ ଫାଇଲ ମିଳୁନାହିଁ। ଆଲଟମେଣ୍ଟ ସେକ୍ସନର ଅଧିକାରୀ ଓ କର୍ମଚାରୀ ସେମାନଙ୍କୁ ବିଭିନ୍ନ ବାହାନା ଦେଖାଇ ବାରମ୍ବାର ଫେରାଉଛନ୍ତି ।

ଏ ସମ୍ପର୍କରେ ବହୁ ବ୍ୟକ୍ତି ବିଡ଼ିଏ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ପରେ ଅନ୍ୟ ବିଭାଗର କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି; ମାତ୍ର ବିଡ଼ମ୍ବନା ହେଉଛି ଯେଉଁ ଆଲଟମେଣ୍ଟ ସେକ୍ସନରେ ଫାଇଲ ମିଳୁନାହିଁ, ସେହି ବିଭାଗର ଅଧିକାରୀଙ୍କୁ ଦରମା ବନ୍ଦ ନିର୍ଦ୍ଦେଶରୁ ବାଦ ଦିଆଯାଇଛି।

ଯଦି ବିଭାଗର ସମସ୍ତ କର୍ମଚାରୀ ଏଭଳି କାର୍ଯ୍ୟକଳାପ ପାଇଁ ଦାୟୀ ତେବେ ଆଲଟମେଣ୍ଟ ଅଫିସ୍‌ରାଙ୍କ ଦରମା ବନ୍ଦ ନ ହେବା ବିଡ଼ିଏ କାର୍ଯ୍ୟାଳୟରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ପଦୋନ୍ନତି ପରେ ଅନ୍ୟ ବିଭାଗକୁ ବଦଳି ହୋଇଥିବା କିଛି ଅଧିକାରୀ ଏବେ ବି ଆଲଟମେଣ୍ଟ ସେକ୍ସନର ଡ଼ୋରି ଧରି ବସିଛନ୍ତି। ବିଭାଗରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଅଧିକାରୀ କିପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଡ଼ିଏରୁ ବାରମ୍ବାର ହତାଶ ହୋଇଥିବା ଜଣେ ସାଧାରଣ ବ୍ୟକ୍ତି ନିଜ ନାମ ଉଲ୍ଲେଖ ନ କରିବା ସର୍ତ୍ତରେ କହିଛନ୍ତି ଯେ ଜମି କିମ୍ବା ଘରର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ପାଇଁ ଟଙ୍କା ନଦେଲେ ଫାଇଲ ଆଗେକୁ ଯାଉନି। ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି କରଜ କରି ଘର କି ଜମି ବିଡିଏ ଠାରୁ କିଣିବ, ପୁଣି ମାଲିକାନା ସତ୍ତ୍ୱ ପରିବର୍ତ୍ତନ ପାଇଁ ହଜାର ହଜାର ଟଙ୍କା କାହିଁକି ଦେବ ? କିଛି କର୍ମଚାରୀ ଏଠି ବେପାର ମେଲାଇଛନ୍ତି ଓ ସେମାନଙ୍କ ଉପରେ ବଡ଼ ଅଧିକାରୀଙ୍କ ଆଶୀର୍ବାଦ ଅଛି। ସେଥିପାଇଁ ସାଧାରଣ ଲୋକମାନେ ଶୋଷିତ ହେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

**ପୁତୁରା ଘରେ ନିଆଁ ଲଗାଇଦେଲା ଦାଦା**

# ଅଳ୍ପକେ ବର୍ତ୍ତିଲେ ପରିବାରର ୫ ସଦସ୍ୟ

**କପ୍ତିପଦା,୧୨।୫(ସମିସ):** ଦାଦା ରଚିଲା ନାରକୀୟ କାଣ୍ଡ। ଘରେ ଶୋଇଥିବା ଅବସ୍ଥାରେ ପୋଡି ମାରିବା ପାଇଁ ବାହାରୁ କବାଟ ବନ୍ଦକରି ଜାଳିଦେଲା ଘର। ଅଳ୍ପକେ ବର୍ତ୍ତିଲେ ପରିବାର ଦୁଇ ଶିଶୁ ସମେତ ୫ ଜଣ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ଗେଣ୍ଡାଗଡିଆ ଗ୍ରାମରେ। ସୂଚନା ଅନୁସାରେ, ଗେଣ୍ଡାଗଡିଆ ଗ୍ରାମର ଟୁନା ମହୁରିଆ ଏବଂ ତାଙ୍କ ଭାଇ ଟିମା ମହୁରିଆଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ରବିବାର ରାତିରେ ଟୁନା ମହୁରିଆ ଘରେ ନ ଥିବାବେଳେ ତାଙ୍କ ପୁଅ ମାନସ ମହୁରିଆ ଏବଂ ମାନସଙ୍କ ସ୍ତ୍ରୀ, ଶିଶୁକନ୍ୟା, ଭଉଣୀ ଏବଂ ୨ ମାସର ଭଣଜା ଚାଳ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ମାନସଙ୍କ ଦାଦା ଟିମା ମହୁରିଆ ତାଙ୍କ ଘରର ବାହାରପଟୁ କବାଟ ବନ୍ଦ କରିଦେଇ ପରିବାରକୁ ଜୀବନରୁ ମାରିଦେବା ନିମନ୍ତେ ନିଆଁ ଲଗାଇ ଦେଇଥିଲା। ନିଆଁ ଲାଗିବା ପରେ ଘରୁ ବାହାରିବା ପାଇଁ ସମସ୍ତେ ଚେଷ୍ଟା କରିଥିଲେ ସୁଦ୍ଧା ବାହାରି ପାରି ନ ଥିଲେ। ସେମାନେ ଚିତ୍କାର କରିବାରୁ ପଡୋଶୀ ଆସି କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ଫଳରେ ପରିବାରର ୫ ଜଣ ବର୍ତ୍ତି ଯାଇଥିଲେ। ପରେ ଦମକଳବାହିନୀ ପହଞ୍ଚି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଭିଯୁକ୍ତ ଟିମା ବେହେରା ଫେରାର ହୋଇଯାଇଛି। ଅନ୍ୟପଟେ ଏ ନେଇ କପ୍ତିପଦା ଥାନାରେ ଟୁନା ମହୁରିଆ ପରିବାର ଲିଖିତ ଅଭିଯୋଗ କରିଛନ୍ତି।

## ଡ୍ୟୁଟିରେ ପୁଲିସ ବାବୁ ମାତାଲ



**କପ୍ତିପଦା,୧୨।୫(ସମିସ):** କପ୍ତିପଦା ଥାନାର ଜଣେ ପୁଲିସ ଅଧିକାରୀ ଡ୍ୟୁଟିରେ ରହି ମଦ ପିଉଥିବା ଏକ ଭିଡିଓରୁ ଜଣାପଡିଛି। ପୁଲିସ ବାବୁଜଣକ ହେଲେ କପ୍ତିପଦା ଥାନାର ଏଏସଆଇ ମିତ୍ରଭାନୁ ବାରିକ। ପୁଲିସ ପୋଷାକରେ ଥାଇ ମଦ ପିଉଛନ୍ତି ଶ୍ରୀ ବାରିକ। ଯାହାର ଏକ ଫଟୋ ଭିଡିଓରୁ ଜଣାପଡିଛି। ଭିଡିଓଟି କିଛି ଦିନ ପୂର୍ବର ହୋଇଥିବା ବେଳେ ସେ ଏକ ଗ୍ରାମକୁ କୌଣସି କାମରେ ଯାଇଥିବାବେଳେ ପୁଲିସ ପୋଷାକରେ ଥାଇ ମଦ ପିଉଛନ୍ତି। ଏ ନେଇ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନାରେ ମୁହଁ ଖୋଲିବାକୁ ନାରାଜ ହୋଇଥିଲେ।

## ବଜ୍ରପାତରେ ତିନି ମୃତ

**ପାତ୍ରପୁର/ କଳାବାଡିଆ/ଝାରପୋଖରିଆ, ୧୨।୫ (ସମିସ):** ଆଜି ବଜ୍ରପାତ ରାଜ୍ୟରେ ୩ ଜଣଙ୍କ ଜୀବନ ନେଇଛି। ଗଞ୍ଜାମ ଜିଲ୍ଲାରେ ଅଜା-ନାତିଙ୍କ ମୃତ୍ୟୁ ଘଟିଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଅନ୍ୟ ଜଣେ ପ୍ରାଣ ହରାଇଛନ୍ତି। ପାତ୍ରପୁର ବ୍ଲକ୍ ଜରଡ଼ା ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ମଇଁଷି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଅଜା-ନାତିଙ୍କ ଜୀବନ ଯାଇଛି। ମୃତକ ହେଲେ, ଉକ୍ତ ଗ୍ରାମର ସାକିଲି କନ୍ୟାରି (୫୫) ଓ ତାଙ୍କ ନାତି ଭୁବେଶ କନ୍ୟାରି (୧୭)। ସାକିଲି ଓ ଭୁବେଶ ଆଜି ଗ୍ରାମ ନିକଟ ନଦୀ ପାଖ ତୋଟାରେ ଗାଈ ମଇଁଷି ଛାଡ଼ି ଗଛ ତଳେ ରୋଷେଇ କରୁଥିଲେ। ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ବଜ୍ରପାତ ହୋଇଥିଲା। ଏଥିରେ ଅଜା-ନାତିଙ୍କ ମୃତ୍ୟୁ ହୋଇଥିଲା। ସେହିପରି ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ତଥା ଝାରପୋଖରିଆ ଥାନା ଅଧୀନ ତଳକ ଗ୍ରାମର ସୁରେନ୍ଦ୍ର ମହାନ୍ତଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି।

## ତୀର ମାରି ଦୁଇ ଶଳାଙ୍କୁ ହତ୍ୟା

**ଚିତ୍ରକୋଣ୍ଡା,୧୨।୫(ସମିସ):** ଭିଣୋଇର ତୀରମାଡ଼ରେ ଅକାଳରେ ଚାଲିଗଲା ଦୁଇ ଶଳାଙ୍କ ଜୀବନ। ମୃତକଦ୍ୱୟ ହେଲେ, ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ କୁପାଗୁଡ଼ା ଗ୍ରାମର କ୍ରିଷ୍ଣା ଖେମୁଡୁ ଓ କୁଞ୍ଜା ଖେମୁଡୁ। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସିଲେରୁରେ ଏହି ଆପରାଧିକ ଘଟଣା ଘଟିଛି। ସେଠାକାର ପୁଲିସ୍ ଦୁହିଁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଭିଣୋଇ ଘେନୁ ହନ୍ତାଲକୁ ଅଟକ ରଖିଛି। ସୂଚନାନୁଯାୟୀ, ଏକ ଦଶାହ କାର୍ଯ୍ୟରେ ଯୋଗଦେବା ରାଜୁ ଖେମୁଡୁ, କୁଞ୍ଜା ଖେମୁଡୁ ଓ କ୍ରିଷ୍ଣା ଖେମୁଡୁ ଭଉଣୀ ଘର ସିଲେରୁକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଭିଣୋଇ ଘେନୁଙ୍କ ସହ ଏମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଘେନୁ ଉତ୍ତ୍ୟକ୍ତ ହୋଇପଡ଼ିଥିଲା। ରାତିରେ ୩ ଶଳା ଶୋଇଥିବା ବେଳେ ଘେନୁ ସେମାନଙ୍କୁ ତୀର ମାରି ଦରମରା କରିଥିଲା।

**ଯାତ୍ରା ଆୟୋଜନକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ**

# ପୁଲିସକୁ ଢେଲାମାଡ଼

**ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୧୨।୫(ସମିସ):** ‘ଯୋଗାମ୍ମା’ ଯାତ୍ରା ଆୟୋଜନର ଦିନ ଧାର୍ଯ୍ୟକୁ କେନ୍ଦ୍ର କରି ଗୋଳନ୍ଥରା ଥାନା ଅନ୍ତର୍ଗତ ପାତିସୁନାପୁର ଗାଁରେ ତୁମୁଳକାଣ୍ଡ ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ବେଳେ ପୁଲିସ୍‌କୁ ଢେଲାମାଡ଼ କରିଛନ୍ତି। ଏଥିରେ ୬ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ଏପରିକି, ଠେଙ୍ଗା, ପଥର, ପେଟ୍ରୋଲ ବୋମା ଓ ହାତବୋମା ଧରି ଗାଁଲୋକ ରାସ୍ତା ଅବରୋଧ କରିବା ଦ୍ୱାରା ଘଣ୍ଟାଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ଘଟଣାରେ ପୁଲିସ୍ ୧୮ ମହିଳାଙ୍କ ସମେତ ମୋଟ ୨୨ଜଣଙ୍କୁ ଗିରଫ କରିଛି। ଅପରପକ୍ଷେ, ଗ୍ରାମରେ ଉତ୍ତେଜନା ଜାରି ରହିଥିବାରୁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି। ଗ୍ରାମର ଗୋଟିଏ ଗୋଷ୍ଠୀ ଗତ ୧୧ ତାରିଖରେ ‘ଯୋଗାମ୍ମା’ ଯାତ୍ରା କରିବାକୁ ଚାହୁଁଥିବା ବେଳେ ଅନ୍ୟ ଗୋଷ୍ଠୀ ଚଳିତ ମାସ ଶେଷ ଆଡ଼କୁ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି, ଏହାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହେବାରୁ ୧୧ ତାରିଖରେ ଯାତ୍ରା ସମ୍ଭବପର ହୋଇନଥିଲା। କେବଳ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ରାତିରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଗ୍ରାମରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଲାଗୁ କରାଯିବା ସହ ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଗ୍ରାମରେ ଚିକିଟି ତହସିଲଦାର ଓ ବରିଷ୍ଠ ପୁଲିସ ଅଧିକାରୀ ଆଇନଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ।

ରବିବାର ରାତିରେ ହଠାତ୍ ୧୦୦ରୁ ୧୫୦ ପୁରୁଷ ଓ ମହିଳା ହାତରେ ଠେଙ୍ଗା, ପଥର, ପେଟ୍ରୋଲ ବୋମା ଓ ହାତବୋମା ଆଦି ଧରି ରାସ୍ତା ଅବରୋଧ କରିବା ସହ ଗାଁରେ ଚାଲିଥିବା ପୂଜାର୍ଚ୍ଚନାକୁ ବନ୍ଦ କରିବାକୁ ଅଡ଼ି ବସିଥିଲେ। ଖବର ପାଇ ପୁଲିସ ତୁରନ୍ତ ମାଜିଷ୍ଟ୍ରେଟ୍‌ଙ୍କ ସହ ଘଟଣାସ୍ଥଳକୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। କିନ୍ତୁ ଆନ୍ଦୋଳନକାରୀମାନେ ସେଠାରେ ନିୟୋଜିତ ପୁଲିସ କର୍ମଚାରୀଙ୍କୁ ଢେଲାମାଡ଼ କରିବା ସହ ପୁଲିସ ଗାଡ଼ି ଭାଙ୍ଗି ଦେଇଥିଲେ।

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact
GADHWAL GROUP
M.: 9437015112

**AFFIDAVIT**

By virtue of an affidavit No. 4147/2025, dt. 02.04.2025 sworn before the Executive Magistrate, Balasore, Odisha I, Sultan Ali Khan, S/o. Ejhar Saha, At.Mirjapur, Po. Balaramgadi, Ps- Marine, Dist. Balasore, Odisha declare that unfortunately my name is mentioned as Sultan Saha in some valuable documents is same and one person. Henceforth, I shall be known as **Sultan Ali Khan** for all purposes.

**AFFIDAVIT**

By virtue of an affidavit sworn before the Notary Gunupur, dist-Rayagada, odisha, vide affidavit sl.no.374/2025, dated-06/05/2025, that Sri Bhima kadraka of village-Jambaguda, Po-Kankubadi P.s-Bissam Cuttack changed the name of his minor Daughter Archita Kadraka instead of Laxmi Kadraka. Hence forth the minor Daughter shall be known as **Archita kadraka** In Her Aadhar And for all purposes.



# ନକ୍ଷତ୍ରଚଳନରୁ ଗ୍ରହ ଖଣ୍ଡନ; ମୁଦି ହିଁ ଭରସା



ଭୁବନେଶ୍ୱର, ୧୨।୫(ସମିସ)

ଭାଗ୍ୟରେ କ'ଣ ଲେଖା ଅଛି କି ଆଗକୁ କାହା ଜୀବନରେ କ'ଣ ଘଟିବ ଏହା କେହି କହିପାରିବେ ନାହିଁ। ତଥାପି ଲୋକମାନେ ଜୀବନରେ ରାଶି ଅଧିପତି, ଗ୍ରହ ନକ୍ଷତ୍ରଙ୍କ ଚଳନ ଓ ରିଷ୍ଟ ଖଣ୍ଡନ ପାଇଁ ବିଭିନ୍ନ ପ୍ରକାରର ରତ୍ନପଥର ମୁଦି ଉପରେ ଭରସା କରି ହାତରେ ଧାରଣ କରୁଛନ୍ତି। ଲୋକଙ୍କ ଏଭଳି ବିଶ୍ୱାସ ଓ ଭରସା ଉପରେ ଅନେକଙ୍କ ପେଟପାଟଣା ନିର୍ଭର କରୁଛନ୍ତି।

କଳ୍ପନା ଛକର ରାସ୍ତା କଡ଼ରେ ଦୀର୍ଘବର୍ଷ ଧରି ରତ୍ନପଥର ମୁଦି ବିକ୍ରି କରୁଛନ୍ତି ତାପସ ଅଧିକାରୀ। ତାପସଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ପିପିଲିରେ ରହୁଛନ୍ତି। ପ୍ରତ୍ୟେହ ସକାଳ ୭ଟା ଭିତରେ ଘରୁ ବାହାରି ଆସନ୍ତି ଭୁବନେଶ୍ୱର। ଦିନ ପ୍ରାୟ ୯ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଠାରେ ମୁଦି ବେପାର କରିଥାନ୍ତି। ତାଙ୍କ ପାଖରେ ଥିବା ଛୋଟ ପଥର ମୁଦି ଶହେରୁ ଦୁଇଶହରୁ ଆରମ୍ଭ ହୋଇଥିବା ବେଳେ ବଡ଼ ମୁଦି ହଜାରେ ଟଙ୍କାରୁ ଆରମ୍ଭ ହୋଇଛି। ତାଙ୍କ କହିବାନୁଯାୟୀ ଛୋଟ ମୁଦିଗୁଡ଼ିକ ଅଳ୍ପ ଦିନ ପାଇଁ କାର୍ଯ୍ୟ କରୁଥିବା ବେଳେ ବଡ଼ ମୁଦିଗୁଡ଼ିକ ଅଧିକ ଦିନ ପର୍ଯ୍ୟନ୍ତ କାମ କରିଥାଏ। ଏହି ସବୁ ମୁଦି ଅଷ୍ଟଧାତୁରେ ନିର୍ମିତ ହୋଇଛି। ତାଙ୍କ କହିବାନୁଯାୟୀ ଏହି ମୁଦିଗୁଡ଼ିକ କୋଲକାତାକରୁ ଆଣି ଏଠାରେ ବିକ୍ରି କରି ଆସୁଛନ୍ତି। କେବଳ ଗ୍ରହ ନକ୍ଷତ୍ରଙ୍କ ଚଳନ ଓ ରିଷ୍ଟ ଠିକ୍ କରିବାକୁ ଲୋକମାନେ ନେଉନାହାନ୍ତି ଅନେକ ଲୋକ ରୋଗ ଭଲହେବା ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି ବୋଲି ସେ କହିଛନ୍ତି। ଗଞ୍ଜାମରୁ ଶୁଭେନ୍ଦୁ ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାପସଙ୍କ ନିକଟରୁ ମୁଦି କିଣିଥିଲେ। ତାଙ୍କର କନ୍ୟା ରାଶି ହୋଇଥିବାରୁ ପନ୍ନା ମାନକ ରତ୍ନପଥର ମୁଦି କିଣିଛି। ଦେଖାଯାଉ ରାସ୍ତାକଡ଼ର ମୁଦିରେ ଭାଗ୍ୟ କଣ ପରିବର୍ତ୍ତନ ହେଉଛି କି ନାହିଁ ବୋଲି କହିଛନ୍ତି। ସେହିପରି ବାଲିପାଟଣାରୁ ଆସିଥିବା ଅନ୍ୟଜଣେ ଗ୍ରାହକ ଏକା ସାଙ୍ଗେ ନବରତ୍ନ ପଥର ଥିବା ମୁଦିକୁ ପେଟ ରୋଗପାଇଁ ଭଲହେବା ପାଇଁ କିଣିଥିଲେ। କେବଳ ବିଶ୍ୱାସ ଓ ଭରସାରେ ନେବା କଥା ବୋଲି ଗ୍ରାହକ ଜଣକ କହିଛନ୍ତି।

ତାପସଙ୍କ ଭଳି ରାଜଧାନୀର ବିଭିନ୍ନ ଛକ ଓ ଗଳିକନ୍ଦିରେ ଜ୍ୟୋତିଷମାନେ ଭାଗ୍ୟ ଭବିଷ୍ୟ ଗଣନା କରୁଥିବା ବେଳେ ଲୋକଙ୍କ ଗ୍ରହକୁ ଦୃଷ୍ଟିରୁ ମୁଦି ମଧ୍ୟ ବିକ୍ରି କରି ଆସୁଛନ୍ତି। ରାସ୍ତାରେ ବେପାରୀମାନେ ରାଶିଅନୁଯାଇ ନବରତ୍ନ ପଥର ମୁଦି ବିକ୍ରି କରୁଛନ୍ତି। ଏହି ବେପାରୀମାନଙ୍କ ପାଖରେ ୧୨ ଟି ରାଶି ଅନୁଯାୟୀ ପାନ୍ନା, ମାଣିକ୍ୟ, ମୋତି, ଡାଇମଣ୍ଡ, ହୀରା, ଲାଲପ୍ରବାଳ, ନୀଳା, ପୁଖରାଜ, ମୁକ୍ତା ଆଦି ୯ ଟି ରତ୍ନପଥର ମୁଦି ରହିଛି। ଏହି ମୁଦିକୁ କିଏ ଭାଗ୍ୟରେଖାରେ ଗ୍ରହ ନକ୍ଷତ୍ରର ଚଳନ ଠିକ୍ କରିବା ପାଇଁ ନେଉଛନ୍ତି ତ ଆଉ କିଏ ଦେହର ରୋଗ ଭଲ ହେବା ପାଇ ଏବଂ ଆଉ କିଏ ଚାକିରି ସମସ୍ୟା, ବିବାହ, କଳହ ଆଦିର ସମାଧାନ କରିବା ପାଇଁ ଜ୍ୟୋତିଷଙ୍କ ପରାମର୍ଶରେ ଏହି ନବରତ୍ନ ମୁଦି କିଣୁଛନ୍ତି। ବିଶେଷକରି ନିସନ୍ତାନ ସମ୍ପତ୍ତି, ଚାକିରି କରୁଥିବା ଯୁବଗୋଷ୍ଠୀ ତଥା ବିବାହ ଆଦି ଶୁଭ କାର୍ଯ୍ୟ ହୋଇପାରୁ ନ ଥିବା ପରିବାର ଲୋକେ ଏମାନଙ୍କ ନିକଟକୁ ଆସିଥାନ୍ତି। ଏସବୁ ପ୍ରକୃତରେ କେତେ କାମ କରେ ବା କେତେ ସଫଳତା ଦେଇଥାଏ ସେ ନେଇ ତାପସଙ୍କୁ ପଚାରିବାକୁ ସେ ଓଲଟା କୁହନ୍ତି ଲୋକଙ୍କ କାର୍ଯ୍ୟ ସଫଳ ନ ହେଉଥିଲେ କାହିଁକି ସେମାନେ ଏଠାରୁ ମୁଦି ନିଅନ୍ତି ବୋଲି କହିଛନ୍ତି ତାପସ।

## ଜୟନ୍ତୀରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୨।୫(ସମିସ): ଶହେ ବର୍ଷ ତଳେ ବିଲୁପ୍ତପ୍ରାୟ ସାନ୍ତାଳୀ ଭାଷା ଆଜି ବିଶ୍ୱ ଦରବାରରେ ଗୌରବର ସହ ଦଣ୍ଡାୟମାନ। ଏହି ଭାଷାକୁ ମୃତ୍ୟୁ ସଞ୍ଜିବନୀ ପ୍ରଦାନ କରିଛନ୍ତି ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ। ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ଜନ୍ମିତ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଆଜି ୧୨୦ତମ ଜୟନ୍ତୀ। ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଗ୍ରାମରେ ତାଙ୍କ ଜନ୍ମ। ଆଜି ସାନ୍ତାଳୀ ଭାଷା ପୁନର୍ଜୀବନ ପାଇଛି ଓ ସାନ୍ତାଳୀ ଶିକ୍ଷା ଏକ ବିପ୍ଳବର ରୂପ ନେଇଛି। ଆଜି 'ଅଲ୍‌ଚିକି' ଲିପି ୧୦୦ ବର୍ଷରେ ପଦାର୍ପଣ କରିଥିବାବେଳେ ଭାରତର ବହୁବର୍ଣ୍ଣ ଭାଷା-ସାହିତ୍ୟ ଜଗତରେ ଏହାର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ।

ସୋମବାର ଓଡ଼ିଶା ବିଧାନସଭାଠାରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଉପସଚିବ ଆଶିଷ ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ପ୍ରତିଭା ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକୋତ୍ସବ




ଭୁବନେଶ୍ୱର, ୧୨।୫(ସମିସ): ପ୍ରତିଭା ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୨୧ ତମ ବାର୍ଷିକ ଉତ୍ସବ ଓ ଅନ୍ତର୍ଜାତୀୟ ନର୍ସ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି ଯୋଗଦେଇଥିବାବେଳେ ବିଧାୟକ ଅମର କୁମାର ନାୟକ, ଅମରେନ୍ଦ୍ର ଦାସ୍, ଆପୋଲୋ ହସ୍ପିଟାଲ ସିଓଓ ଡ. ଆଲୋକ ଶ୍ରୀବାସ୍ତବ, ଅବସରପ୍ରାପ୍ତ ଆଇଏଏସ୍ ସୁରେଶ ଚନ୍ଦ୍ର ପଣ୍ଡା, ପ୍ରତିଷ୍ଠାନର ଚେୟାରମ୍ୟାନ ସୁନିଲ କୁମାର ରାଉତ, ଡାଇରେକ୍ଟର ଅନିଲ କୁମାର ରାଉତ, ଅଧ୍ୟକ୍ଷା କାଜଲ ରାଣୀ ସିହ୍ନା ପ୍ରମୁଖ ଯୋଗଦେଇ ସେବା କ୍ଷେତ୍ରରେ ଭବିଷ୍ୟତରେ ଭାରତ ବୈଶ୍ୱିକ ଶକ୍ତି ଭାବେ ଉଭା ହେବ ବୋଲି କହିଛନ୍ତି। ସେହିପରି ଏକାଡେମିକ୍ ଆଡମିନିଷ୍ଟ୍ରେଟର ଆଶିଷ ରଞ୍ଜନ ମହାନ୍ତି, ଏସ୍‌ସିବି କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା ମମତା ଆଚାର୍ଯ୍ୟ, ଓ ନର୍ସିଂ ବୋର୍ଡର ସମ୍ପାଦିକା ବାସନ୍ତୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସେବା ପାଇଁ ସମର୍ପିତ ହେବାକୁ ଶପଥପାଠ କରାଇଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରଛାତ୍ରୀ ସାମିଲ ଥିଲେ।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଲୁପସ୍ ଦିବସରେ ସଚେତନତା ଶୋଭାଯାତ୍ରା

ଭୁବନେଶ୍ୱର, ୧୨।୫(ସମିସ): ବିଶ୍ୱ ଲୁପସ୍ ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଷ୍ଟର କ୍ୟାଣ୍ଟିନ୍ ଛକ ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶୋଭାଯାତ୍ରାକୁ ଏକାମ୍ର ବିଧାୟକ ବାବୁ ସିଂ ଶୁଭାରମ୍ଭ କରିଥିଲେ। ସମ୍ ହସ୍ପିଟାଲ କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ରୋ ଲୁପସ୍ ରୋଗ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ସହ ୧୫ ରୁ ୫୦ ବର୍ଷ ମଧ୍ୟରେ ଥିବା ବାଳିକା ଓ ମହିଳାମାନଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ନର୍ସିଂ ସୁପରିନଟେଣ୍ଡେଣ୍ଟ ମିନତୀ ମିଶ୍ର, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସାମିଲ ହୋଇଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆୟୋଜିତ ସିଏମ୍‌ଇରେ ଆଡିସ୍‌ନାଲ୍ ଡିଜି ଆଇସିଏମ୍‌ଆର ଏବଂ ଆଇସିଏମ୍‌ଆର୍-ଆରଏମ୍‌ଆର୍‌ସି, ଭୁବନେଶ୍ୱରର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଯୋଗ ଦେଇଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ସୋଆର ପ୍ରମୁଖ ଉପଦେଷ୍ଟା ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହସ୍ପିଟାଲ୍‌ର କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ଆସିଷ୍ଟାଂଟ ପ୍ରଫେସର ଡ. ସୁମନ୍ତ ମଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଗମେଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଯାଁଳା, ୧୨।୫ (ସମିସ): ଭୁବନେଶ୍ୱର ଉପକଣ୍ଠ ଗ୍ରାମଡ଼ିହ ଓ ଗମେଇ ଗ୍ରାମର ଇଷ୍ଟଦେବୀ ମା' ଗମେଇଙ୍କ ପୀଠରେ ୧୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଏହି ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଯାଇଛି। ୯ ତାରିଖରେ ଅଙ୍କୁରାରୋପଣ, ମଣ୍ଡଳାଧିବାସୀ ହୋଇଥିବା ବେଳେ ୧୦ରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସୋମବାର ଚଣ୍ଡୀ ଆହୂତି ସହିତ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଯାଇଛି।

## ଧଉଳି ଚାରୁକଳା ମହାବିଦ୍ୟାଳୟକୁ ୩୦ ବର୍ଷ ପୂର୍ତ୍ତି

ଭୁବନେଶ୍ୱର, ୧୨।୫(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟର ୩୦ ବର୍ଷ ପୂର୍ତ୍ତି ଅବସରରେ ପୁରାତନ ଛାତ୍ର, ଅଧ୍ୟାପକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୯୯୪ ମସିହାରୁ ପୁରାତନ ଛାତ୍ରଛାତ୍ରୀ ଯେଉଁମାନେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜ ନିଜ ଭାବ ବିନିମୟ ସହିତ ମହାବିଦ୍ୟାଳୟ ଇତିହାସ ସମ୍ପର୍କିତ ପୁସ୍ତକ ପ୍ରକାଶନ କରିବାପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଚିତ୍ର ଓ ଭାସ୍କର୍ଯ୍ୟ କଳାକୁ ନେଇ ମଧ୍ୟ ଏକ କଳା ପ୍ରଦର୍ଶନୀ ଆୟୋଜିତ ହେବେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ, ପୂର୍ବତନ ଅଧ୍ୟାପକ ପ୍ରବୀର ଦଳାଇ, ଚନ୍ଦନ କୁମାର ସାମଲ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବିଧିବଦ୍ଧ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ଏବେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ଚୟନ କରାଯାଇଥିଲା।

## ରୟାଲ୍ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଶ୍ରେଷ୍ଠ +୨ କଲେଜ



ଭୁବନେଶ୍ୱର, ୧୨।୫(ସମିସ): କନକ ନ୍ୟୁଜ୍ ପକ୍ଷରୁ ଅନୁଷ୍ଠିତ ଶିକ୍ଷା ସମ୍ମିଳନୀ 'ଉତ୍କର୍ଷ-୨୦୨୫'ରେ ରୟାଲ୍ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିକୁ ଶ୍ରେଷ୍ଠ +୨ କଲେଜ ଭାବେ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତିଙ୍କୁ ସମ୍ମାନୀତ କରିଛନ୍ତି। ଏହି ଅବସରରେ ଶ୍ରୀ ମହାନ୍ତି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କୁ ବୋଧଗମ୍ୟ ଶିକ୍ଷା ସରଳ ଭାବରେ ପ୍ରଦାନ କରିବାକୁ ସେମାନେ ଗୁରୁତ୍ୱାରୋପ କରୁଛନ୍ତି। ୨୦୦୩ ମସିହାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାଠାରୁ ଏଯାଏଁ ସଫଳତା ସିଡ଼ି ଚଢ଼ି ଚାଲିଛନ୍ତି ଓ ଛାତ୍ରଛାତ୍ରୀମାନେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଛନ୍ତି। ଏହାସହ ସମ୍ମାନୀତ କରିଥିବାରୁ ସେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ କନକ ଓ ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୫ ପ୍ରମୁଖ ଦାବି

ଭୁବନେଶ୍ୱର, ୧୨।୫(ସମିସ)

ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୫ ଦଫା ପ୍ରମୁଖ ଦାବି ନେଇ ରବିବାର ୟୁନିଟ-୨ ସ୍ଥିତ କର୍ମଚାରୀ ଭବନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ବର୍ଗର କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ପ୍ରଦାନ ଓ ପୁରୁଣା ପେନ୍‌ସନ୍ ଲାଗୁ କରିବା ଓ ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ସହ ସମସ୍ତ ବିଭାଗରେ ଠିକାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସମନ୍ୱୟ ସମିତି ତରଫରୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଏକ ବୃହତ୍ ଆନ୍ଦୋଳନର ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି କର୍ମଚାରୀ ନେତାମାନେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ପାତ୍ର, ମାର୍ଗଦର୍ଶକ ପ୍ରସନ୍ନ କୁମାର ତ୍ରିପାଠୀ, ଅଧ୍ୟକ୍ଷ ସୁନନ୍ଦ କାନୁନଗୋ, ସଭାପତି ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଦାସ, ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ବରିଷ୍ଠ ଉପସଭାପତି ତଥା ଓଡ଼ିଶା ଫାର୍ମାସିଷ୍ଟ ସଂଘର ସଭାପତି ଚିନ୍ମୟ ଚିହ୍ନା, ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ମାଳି ସଂଘର ସାଧାରଣ ସମ୍ପାଦକ ହାଡିବନ୍ଧୁ ଦାସ, ଉପସଭାପତି ଶଶିଭୂଷଣ ଦାସ, ସଦର ମହକୁମାର ସମ୍ପାଦକ ପ୍ରଶାନ୍ତ ସାମନ୍ତରାୟ, ମିଡିଆ ସମ୍ପାଦକ ସୁଶାନ୍ତ କୁମାର କଣ୍ଡୁ, କୋଷାଧ୍ୟକ୍ଷ କିରଣ କୁମାର ପା?ୀ, ସଂଗଠନ ସମ୍ପାଦକ ଏମ୍. ପର୍ଶୁରାମ ପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ବରିଷ୍ଠ ନାଗରିକଙ୍କ ଜୀବନଚର୍ଯ୍ୟା କୌଶଳ କର୍ମଶାଳା

ଭୁବନେଶ୍ୱର, ୧୨।୫(ସମିସ): ବରିଷ୍ଠ ନାଗରିକ ସଂଘ ପକ୍ଷରୁ ନୂଆପଲ୍ଲୀ ନୀଳକଣ୍ଠନଗରସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର କମ୍ୟୁନିଟି କେନ୍ଦ୍ର ହଲ୍‌ଠାରେ ବରିଷ୍ଠ ନାଗରିକମାନଙ୍କ ସୁସ୍ଥ ଜୀବନଯାପନ ପ୍ରଣାଳୀ ଶୀର୍ଷକ ଏକ ଆଲୋଚନା ହୋଇଛି। କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଜେରେଣ୍ଟୋଲୋଜି ଗବେଷକ ପ୍ରଫେସର ଇମରେଟସ୍ ଡ. ଚତୁର୍ଭୁଜ ଭୂୟାଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାରେ ୫୦ ଜଣ ବରିଷ୍ଠ ନାଗରିକ ଭାଗ ନେଇ ଅନେକ ଉପାଦେୟ ପୁସ୍ତକ ସଂଗ୍ରହ କରିଥିଲେ। ସଂଘର ଉପସଭାପତି ପ୍ରଦ୍ୟୁମ୍ନ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ସମ୍ପାଦକ ଗଣେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ


# ଅଶ୍ୱତ୍ଥାମା ପାହାଡ଼ରେ ଅଶୋକଙ୍କ ଶିଳାଲେଖ



ଭୁବନେଶ୍ୱର, ୧୨।୫(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ପ୍ରତି ଛକ, ପ୍ରତି ଗଳିରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୂକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଓଡ଼ିଶା ଇତିହାସର ଏପରି ଏନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର। ଧର୍ମ, ସାହିତ୍ୟ, ସଂସ୍କୃତି, ନୃତ୍ୟ ଓ ସଙ୍ଗୀତ କେତେ ଯେ ଉତ୍କୃଷ୍ଟ କଳାରେ ଭରି ହୋଇ ରହିଛି। ସେହି ଇତିହାସ ପୃଷ୍ଠାର ଅନ୍ୟତମ କୀର୍ତ୍ତିରାଜୀ ହେଉଛି ଅଶୋକଙ୍କ ପ୍ରାଚୀନ ଶିଳାଲେଖ।

ଭୁବନେଶ୍ୱର ଉପକଣ୍ଠ ଧଉଳି ପାହାଡ଼କୁ ଯିବା ବାଟରେ ଥିବା ଅଶ୍ୱତ୍ଥାମା ପାହାଡ଼ ଉପରେ ରହିଛି ତୃତୀୟ ଶତାବ୍ଦୀର ଶିଳାଲେଖ। ଯେଉଁଠି ରହିଛି ପଥରରେ ଲେଖାଥିବା ଅଶୋକଙ୍କ କୀର୍ତ୍ତିରାଜି। ଏଠାରେ ହିଁ କଳିଙ୍ଗ ଯୁଦ୍ଧରେ ସେ ବିଜୟ ହୋଇଥିଲେ ଓ ପରେ ପରେ ଏହା ତାଙ୍କ ଜୀବନରେ ଏକ ନୂଆ ମୋଡ଼ ଆଣି ଦେଇଥିଲା। ଏନେଇ କଳିଙ୍ଗର ଲୋକମାନଙ୍କର ଶାନ୍ତି ପ୍ରତିଷ୍ଠା ପାଇଁ ସେ ପ୍ରାଚୀନ ଭାଷାରେ ପଥରରେ ଲେଖିଯାଇଛନ୍ତି ତାଙ୍କ କୀର୍ତ୍ତି। ଯାହା ହାତୀର ଶରୀରରେ ଖୋଦିତ ହୋଇ ରହିଛି। ଏହା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସଂରକ୍ଷିତ। କୁହାଯାଏ ଏହି ସ୍ଥାନରେ ପଥର, ଗୁମ୍ଫା କାନ୍ଥ ଏବଂ ସ୍ତମ୍ଭରେ ଖୋଦିତ ୩୩ ଟି ପୃଥକ ଶିଳାଲେଖ ରହିଛି। ଏହାର ପ୍ରମୁଖ ଆକର୍ଷଣ ହେଉଛି ପଥରରେ ଖୋଦିତ ହାତୀର ଶରୀରରେ ଲେଖା। ଯାହା ପ୍ରକୃତ ଭାଷାରେ ଲେଖା ହୋଇଛି ଏବଂ ଏହି ଭାଷା କେବଳ ସେହି ସମୟର ମୌର୍ଯ୍ୟ ବଂଶର ଲୋକ ହିଁ ବୁଝିପାରୁଥିଲେ ବୋଲି କୁହାଯାଏ। କଳିଙ୍ଗ ଯୁଦ୍ଧର ପରିଣାମ ଅଶୋକଙ୍କ ମନ ପରିବର୍ତ୍ତନ କରିବା ସହ ଯୁଦ୍ଧର ପ୍ରକୃତ ସତ୍ୟ ଜଣେଇବାରେ ସହାୟକ ହୋଇଥିଲେ। ଏହି ଯୁଦ୍ଧ ହିଁ ତାଙ୍କ ପଥ ପରିବର୍ତ୍ତନ କରି ବୌଦ୍ଧ ଧର୍ମର ବିଚାରକୁ ଆପଣାଇ ଥିଲେ। ଏହି ଘଟଣା ହିଁ ପରବର୍ତ୍ତୀ ସମୟରେ ଅଶୋକଙ୍କ ଶିଳାଲେଖ ଭାବେ ମୁକସାକ୍ଷୀ ସାଜିଲା।

ଏବେ କେମିତି ରହିଛି



ପ୍ରତ୍ୟେକ ଦିନ ଏଠାକୁ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ହେଲେ ଅନେକଙ୍କୁ ଏହି ଐତିହ୍ୟ ସ୍ଥାନ ବିଷୟରେ ଜଣା ନାହିଁ। ବାହାରେ ବୋର୍ଡ ଦେଖି ସେଠାକୁ ବୁଲିବାକୁ ଯାଉଛନ୍ତି ହେଲେ ପର୍ଯ୍ୟଟକଙ୍କୁ ଏହାର ଇତିହାସ ସମ୍ପର୍କରେ ଅବଗତ କରାଇବାକୁ କେହି ଗାଇଡ ନାହାନ୍ତି। କିଏ ଗାଇଡଙ୍କ ଅଭାବରୁ ନିରାଶା ପ୍ରକାଶ କରିଛନ୍ତି ତ କିଏ ଶୌଚାଳୟ ଓ ପାଣି ବ୍ୟବସ୍ଥା ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସକାଳ THE SAKALA

ମଙ୍ଗଳବାର ୧୩ ମେ ୨୦୨୫ | ୦୯

www.sakalaepaper.com




**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୩୭ • ପାଉଣ୍ଡ ୧୧୩.୪୫
- ୟୁରୋ ୯୬.୦୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୭,୫୦୦ (ଭୁବନେଶ୍ୱର)
- ରୁପା : ୯୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୨୯.୦୦
- ନିଫ୍ଟି ୨୪,୯୨୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଅଟକିଲା ବାଣିଜ୍ୟ ଯୁଦ୍ଧ

# ଆମେରିକା-ଚୀନ ଶୁଳ୍କ ବୁଝାମଣା

### ପରସ୍ପର ଉପରୁ ସିଧାସଳଖ ୧୧୫% ଶୁଳ୍କ ହ୍ରାସ କଲେ

### ୯୦ ଦିନ ପାଇଁ ଅଧିକ ଶୁଳ୍କ ହ୍ରାସ କରିବା ନେଇ ସହମତି

ୱାଶିଟନ୍, ୧୨।୫(ଏଜେନ୍ସି)




ଆମେରିକା ଏବଂ ଚୀନ୍ ସେମାନଙ୍କର ବୃଦ୍ଧି ପାଉଥିବା ଶୁଳ୍କ ଯୁଦ୍ଧ ପ୍ରାୟ ସମାପ୍ତ କରିସାରିଛନ୍ତି। ବିଶ୍ୱର ଏହି ଦୁଇ ବୃହତ୍ ଅର୍ଥନୀତି ଆମେରିକା ଓ ଚୀନ୍ ପାରସ୍ପାରିକ ବାଣିଜ୍ୟ ବିବାଦ ଦୂର କରିବା ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଭୟ ଦେଶ ଆଗାମୀ ୯୦ ଦିନ ପାଇଁ ଅଧିକ ଆମଦାନୀ ଶୁଳ୍କ ହ୍ରାସ କରିବା ପାଇଁ ସହମତ ହୋଇଛନ୍ତି। ଏ ନେଇ ଦୁଇ ଦେଶ ଜେନେଭାଠାରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏଥିରେ ପରସ୍ପର ଉପରୁ ସିଧାସଳଖ ୧୧୫% ଶୁଳ୍କ ହ୍ରାସ ଘୋଷଣା କରାଯାଇଛି। ଏ ପର୍ଯ୍ୟନ୍ତ ଉଭୟ ଦେଶ ପରସ୍ପର ଉପରେ ୧୨୫% ପର୍ଯ୍ୟନ୍ତ ବାଣିଜ୍ୟ ଶୁଳ୍କ ଲଗାଉଥିଲେ, ଯାହାକୁ ହ୍ରାସ କରି ୧୦% କରିଦିଆଯାଇଛି। ଅର୍ଥାତ ଶୁଳ୍କରେ ସିଧାସଳଖ ୧୧୫% କାଟ୍ କରାଯାଇଛି।

ପୂର୍ବରୁ ଆମେରିକା ଚୀନ୍ ସାମଗ୍ରୀ ଉପରେ ୧୪୫% ଏବଂ ଚୀନ୍ ଆମେରିକୀୟ ସାମଗ୍ରୀ ଉପରେ ୧୨୫% ଶୁଳ୍କ ଲାଗୁ କରିଥିଲା। ଏହି ହ୍ରାସ ପରେ, ଏବେ ଚୀନ୍ ଉପରେ ୩୦% ଏବଂ ଆମେରିକା ଉପରେ ୧୦% ଶୁଳ୍କ ଲାଗୁ ହେବ। ଏହି ଚୁକ୍ତିନାମା ଉପରେ ଆମେରିକା କହିଛି ଯେ ଚୀନ୍ ସହିତ ମତଭେଦ ଏତେ ବଡ଼ ନୁହେଁ, ଯାହା ଚିନ୍ତା କରାଯାଇଥିଲା। ତେବେ ଫେଣ୍ଟାନିଲ ସମ୍ପର୍କିତ ଚୀନ୍ ସାମଗ୍ରୀ ଉପରେ ଆମେରିକାର ୨୦% ଶୁଳ୍କ ପୂର୍ବବତ୍ ଜାରି ରହିବ, ଏହା ଦ୍ୱାରା ଚୀନ୍ ଉପରେ ମୋଟ ଶୁଳ୍କ ୩୦% ରହିବ। ଏହି ବୁଝାମଣା ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଏକ ସପ୍ତାହନ୍ତ ବୈଠକ କାଳରେ ହୋଇଛି। ଏଥିରେ ଆମେରିକା ଟ୍ରେଜରୀ ସଚିବ ସ୍କଟ ବେସେଣ୍ଟ ଓ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରେୟର ଅଂଶଗ୍ରହଣ କରିଥିଲେ। ସ୍କଟ କହିଛନ୍ତି ଯେ ଆମର ଆଲୋଚନା ବେଶ୍ ସଫଳ ରହିଛି। ସ୍କଟ କହିଛନ୍ତି ଯେ ୯୦ ଦିନ ପର୍ଯ୍ୟନ୍ତ ଉଭୟ ପକ୍ଷ ଟାରିଫରେ ଭାରି ହ୍ରାସ କରିବେ ଓ ଏହି ସମୟରେ ଦୁଇ ଦେଶଙ୍କ ଆର୍ଥିକ ଓ ବ୍ୟାପାର ନୀତିଗୁଡ଼ିକ ଉପରେ ଆଲୋଚନା ଜାରି ରହିବ।

ଏହି ନିଷ୍ପତ୍ତି ଫଳରେ ବୈଶ୍ୱିକ ବଜାରରେ ଆଶ୍ୱସ୍ତି ଆଶା କରାଯାଉଛି। ଏହା ସହିତ ଆମେରିକା-ଚୀନ ସମ୍ପର୍କରେ ଉପୁଜିଥିବା ଉତ୍ତେଜନା ମଧ୍ୟ ହ୍ରାସ ହେବ ବୋଲି ଅନୁମାନ କରାଯାଉଛି। ହେଲେ ଏହି ଚୁକ୍ତିନାମା ପାଇଁ ଦାୟୀ ଆହୁରି ଅନେକ କାରଣ ରହିଛି। ସେଗୁଡିକ ହେଉଛି, ଚୀନ୍ ଆମଦାନୀ ଉପରେ ଆମେରିକାର ୧୪୫% ଶୁଳ୍କ ଏବଂ ଚୀନ୍‌ର ୧୨୫% ପ୍ରତିଶୋଧମୂଳକ ଶୁଳ୍କ ଉଭୟଙ୍କ ମଧ୍ୟରେ ହାରାହାରି ବାର୍ଷିକ ୬୯୦ ବିଲିୟନ ଡଲାର ବାଣିଜ୍ୟ ଉପରେ ବହୁତ ଚାପ ପକାଇଥିଲା। ବୃଦ୍ଧି ପାଉଥିବା ମୂଲ୍ୟ ଦ୍ୱାରା ଆମେରିକୀୟ ଖୁଚୁରା ବ୍ୟବସାୟ ସିଧାସଳଖ ପ୍ରଭାବିତ ହୋଇଥିଲା। ଏହି କାରଣରୁ, ଗ୍ରାହକଙ୍କ ଖର୍ଚ୍ଚ ହ୍ରାସ ପାଉଥିଲା। ଅନ୍ୟପକ୍ଷରେ, ଆମେରିକାରେ ଚାହିଦା କମ ଥିବାରୁ ଚୀନ୍ କାରଖାନାଗୁଡ଼ିକରେ ଉତ୍ପାଦନ ହ୍ରାସ ପାଇଥିଲା। ଶୁଳ୍କ ହ୍ରାସ କରିବା ପଛରେ ଉଦ୍ଦେଶ୍ୟ ହେଉଛି ଏହି ଚାପକୁ ହ୍ରାସ କରିବା ଏବଂ ବଜାରକୁ ସ୍ଥିର କରିବା।

ଏହା ବ୍ୟତୀତ ଅନ୍ୟ ଏକ କାରଣ ହେଉଛି, ବଢୁଥିବା ବାଣିଜ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ବହୁତ ଅନିଶ୍ଚିତତା ଦେଖାଦେଇଥିଲା। ଯୋଗାଣ ଶୃଙ୍ଖଳା ବାଧା ଏବଂ ବାଣିଜ୍ୟ ପ୍ରବାହ ହ୍ରାସ ପାଇବା ଯୋଗୁଁ ବିଶ୍ୱ ମାନ୍ଦାବସ୍ଥାର ଆଶଙ୍କା ସୃଷ୍ଟି ହୋଇଛି। ବିଶ୍ୱର ସର୍ବବୃହତ ଅର୍ଥନୀତି ଭାବରେ ଏକ ବଡ଼ ଆର୍ଥିକ ମାନ୍ଦାବସ୍ଥାକୁ ରୋକିବା ପାଇଁ ଉଭୟ ଦେଶ ମଧ୍ୟରେ ଉତ୍ତେଜନା କମ୍ କରିବା ଲାଗି ସାରା ବିଶ୍ୱରୁ ଚାପ ପଡୁଛି। ଏହାବବ୍ୟତୀତ ଆମେରିକା ଚୀନ ସହିତ ୧.୨ ଟ୍ରିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟକୁ ଜାତୀୟ ଜରୁରୀକାଳୀନ ଘୋଷଣା କରିଥିଲା। ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ଶୁଳ୍କ ହ୍ରାସ ଉପରେ ଆଲୋଚନା ରଣନୀତିର ଏକ ଅଂଶ। ଏଥିରେ, ଆମେରିକା ନିରପେକ୍ଷ ବାଣିଜ୍ୟର ସର୍ତ୍ତାବଳୀ ଉପରେ ଗୁରୁତ୍ୱ ଦେଉଛି ଏବଂ ଚୀନରେ ଏହାର ସାମଗ୍ରୀର ବିକ୍ରି ବୃଦ୍ଧି କରୁଛି। ଏହା ମୁଖ୍ୟତଃ ଜେନେଭା ଚୁକ୍ତିନାମାରେ ଆଲୋଚନା ହୋଇଥିଲା।

ଏହାର ଅନ୍ୟ ଏକ କାରଣ ହେଉଛି, ଆମେରିକାରେ ବ୍ୟବସାୟୀ ଏବଂ ଗ୍ରାହକମାନେ ଉଚ୍ଚ ମୂଲ୍ୟ ଯୋଗୁଁ ଅସୁବିଧାରେ ପଡ଼ିଥିଲେ। ସେହି ସମୟରେ, ଚୀନରେ ଉତ୍ପାଦନ ଏବଂ ରପ୍ତାନି ହ୍ରାସ ହେତୁ ଆର୍ଥିକ ମାନ୍ଦାବସ୍ଥାର ଆଶଙ୍କା ଦେଖାଦେଇଥିଲା। ଯାହା ଯୋଗୁଁ ବାଣିଜ୍ୟ ଯୁଦ୍ଧ ସମାପ୍ତ କରିବା ପାଇଁ ଉଭୟ ଦେଶର ନେତୃତ୍ୱ ଉପରେ ଆଭ୍ୟନ୍ତରୀଣ ଚାପ ଥିଲା।

## ଅରୁନ୍ଧତୀ ଜୁଏଲର୍ସ ଭବାନୀପାଟଣା ଶାଖାର ୧୪ତମ ବାର୍ଷିକୋତ୍ସବ



ଭୁବନେଶ୍ୱର,୧୨।୫(ସମିସ): ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ଭବାନୀପାଟଣା ଶାଖାର ୧୪ତମ ବାର୍ଷିକୀ ପାଳିତ ହୋଇଯାଇଛି। ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ କରି ସାରା ରାଜ୍ୟରେ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ ବର୍ଷର ସଫଳ ଯାତ୍ରାର ଏହି ସ୍ୱତନ୍ତ୍ର ବାର୍ଷିକୀ ସମାରୋହରେ ଭବାନୀପାଟଣା ଶାଖାର ୧୪ତମ ବର୍ଷ ପୂର୍ତ୍ତି ଅନ୍ୟତମ ଉପଲବ୍ଧି। ସର୍ବଦା ନିଜର ଶ୍ରେଷ୍ଠ ମୁହୂର୍ତ୍ତକୁ ଗ୍ରାହକବନ୍ଧୁଙ୍କ ସହ ପାଳନ କରୁଥିବା ଅରୁନ୍ଧତୀ ଜୁଏଲର୍ସ ସେହି ସ୍ୱାଭାବିକ ଢଙ୍ଗରେ ଏଥର ମଧ୍ୟ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କ ସହ ବିଶେଷ ମୁହୂର୍ତ୍ତକୁ ପାଳନ କରିଥିଲା। ଏଥିରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ସ୍ୱତନ୍ତ୍ର ବାର୍ଷିକୀ ଗ୍ରେଟ୍ ୱେଡିଂ ଡିଲ୍ ଅଫର ମାଧ୍ୟମରେ ସୁନାଗହଣାର ଗଢ଼ାମଜୁରୀରେ ୫୦% ପର୍ଯ୍ୟନ୍ତ ରିଆତି, ହୀରାଗହଣାର ହୀରା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିଆତି ଓ ରୁପାଗହଣାର ଗଢ଼ାମଜୁରୀ ଉପରେ ୫୦% ପର୍ଯ୍ୟନ୍ତ ରିଆତି ସହିତ ପ୍ରତ୍ୟେକ ବିବାହ କ୍ରୟ ଉପରେ ଏକ୍ସକ୍ଲୁସିଭ୍ ୱେଡିଂ ଗିଫ୍ଟ ରଖାଯାଇଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡିଶାବାସୀଙ୍କ ନିକଟରେ ଆମେ କୃତଜ୍ଞ। ଆମ୍ଭର ପ୍ରତିଟି ସଫଳତାର ବାସ୍ତବିକତା ଆପଣଙ୍କ ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢ଼ ବିଶ୍ୱାସ, ଅଦମ୍ୟ ସ୍ନେହର ଫଳାଫଳ ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟି ଦେବାକୁ ଯାଉଛି।

## ସାରା ଦେଶରେ ୟୁପିଆଇ ସେବା ଡାଉନ୍

ନୂଆଦିଲ୍ଲୀ,୧୨।୫(ଏଜେନ୍ସି):




ଏକ ଯାନ୍ତ୍ରିକ ସମସ୍ୟା ଯୋଗୁଁ ସାରା ଦେଶରେ ଆଜି ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ ) ସେବା ବନ୍ଦ ହୋଇଯାଇଥିଲା। ଏହି ବିଭ୍ରାଟ ଯୋଗୁଁ ଉପଭୋକ୍ତାମାନେ ଗୁଗୁଲ୍ ପେ, ଫୋନ୍ ପେ ଏବଂ ପେଟିଏମ୍ ଭଳି ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ମାଧ୍ୟମରେ ପେମେଣ୍ଟ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୱେବସାଇଟ୍ ଏବଂ ଅନଲାଇନ୍ ସେବାର ପ୍ରକୃତ ସମୟ ସ୍ଥିତି ପ୍ରଦାନ କରୁଥିବା ପ୍ଲାଟଫର୍ମ ଡାଉନ୍ ଡିଟେକ୍ଟରର ରିପୋର୍ଟ ଅନୁସାରେ, ସମସ୍ୟା ସନ୍ଧ୍ୟା ପ୍ରାୟ ୫ଟାରେ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୭ଟା ବେଳକୁ ଏ ନେଇ ସର୍ବାଧିକ ୯୧୩ ଅଭିଯୋଗ ପଞ୍ଜିକୃତ ହୋଇଥିଲା।

ୟୁପିଆଇ ସେବା ଡାଉନ୍ ହେବା ଯୋଗୁ ପ୍ରାୟ ୩୧% ଲୋକଙ୍କୁ ପେମେଣ୍ଟ କରିବାରେ ଅସୁବିଧା ହୋଇଥିଲା। ୪୭% ଲୋକ ପାଣ୍ଠି ସ୍ଥାନାନ୍ତର କରିବାରେ ଏବଂ ପ୍ରାୟ ୨୧% ଲୋକ କ୍ରୟ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନେକ ଉପଭୋକ୍ତା ସୋସିଆଲ ମିଡିଆ ପ୍ଲାଟଫର୍ମରେ ୟୁପିଆଇ ସେବା ବନ୍ଦ ହେବା ବିଷୟରେ ମଧ୍ୟ ଅଭିଯୋଗ କରିଛନ୍ତି। ପେଟିଏମ୍ ମାଧ୍ୟମରେ ପେମେଣ୍ଟ କରିବା ସମୟରେ, ଏକ ତ୍ରୁଟି ମେସେଜ୍ ଦେଖାଯାଉଛି - 'ୟୁପିଆଇ ଆପରେ କିଛି ସମସ୍ୟା ହେଉଛି'। ଏଠାରେ ସୂଚନା ଯୋଗ୍ୟ ଯେ, ଗତ ଗୋଟିଏ ମାସ ମଧ୍ୟରେ ଏହା ତୃତୀୟ ଥର ପାଇଁ ୟୁପିଆଇ ସେବା ବନ୍ଦ ହୋଇଯାଇଛି।

ଭାରତରେ, ଆର୍‌ଟିଜିଏସ୍ ଏବଂ ନେଫ୍ଟ ପେମେଣ୍ଟ ସିଷ୍ଟମର କାର୍ଯ୍ୟ ଆର୍‌ବିଆଇ ପାଖରେ ରହିଛି। ଆଇଏମ୍‌ପିଏସ୍, ରୁପେ, ୟୁପିଆଇ ଭଳି ସିଷ୍ଟମଗୁଡ଼ିକ ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ଦ୍ୱାରା ପରିଚାଳିତ ହୁଏ। ସରକାର ୨୦୨୦ ଜାନୁଆରୀ ପହିଲା ରୁ ୟୁପିଆଇ କାରବାର ପାଇଁ ଏକ ଶୂନ୍ୟ-ଚାର୍ଜ ଫ୍ରେମୱାର୍କ ବାଧ୍ୟତାମୂଳକ କରିଥିଲେ। ୟୁପିଆଇ ସେବା ପାଇଁ ଆପଣଙ୍କୁ ଏକ ଭର୍ଚୁଆଲ୍ ପେମେଣ୍ଟ ଠିକଣା ସୃଷ୍ଟି କରିବାକୁ ପଡିବ। ଏହା ପରେ ଏହାକୁ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରିବାକୁ ପଡିବ। ଏହା ପରେ, ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ନମ୍ବର, ବ୍ୟାଙ୍କ ନାମ କିମ୍ବା ଆଇଏଫ୍‌ଏସ୍‌ସି କୋଡ୍ ଇତ୍ୟାଦି ମନେ ରଖିବାର ଆବଶ୍ୟକତା ନାହିଁ। ଦେୟକାରୀ କେବଳ ଆପଣଙ୍କ ମୋବାଇଲ୍ ନମ୍ବର ଆଧାରରେ ପେମେଣ୍ଟ ଅନୁରୋଧକୁ ପ୍ରକ୍ରିୟାକରଣ କରନ୍ତି। ଯଦି ଆପଣଙ୍କ ପାଖରେ ତାଙ୍କର ୟୁପିଆଇ ଆଇଡି (ଇମେଲ୍ ଆଇଡି, ମୋବାଇଲ୍ ନମ୍ବର କିମ୍ବା ଆଧାର ନମ୍ବର) ଅଛି, ତେବେ ଆପଣ ଆପଣଙ୍କ ସ୍ମାର୍ଟଫୋନ୍ ମାଧ୍ୟମରେ ସହଜରେ ଟଙ୍କା ପଠାଇ ପାରିବେ। କେବଳ ଟଙ୍କା ନୁହେଁ, ଆପଣ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ସିଷ୍ଟମ ମାଧ୍ୟମରେ ୟୁଟିଲିଟି ବିଲ୍ ପେମେଣ୍ଟ, ଅନଲାଇନ୍ ସପିଂ ଏବଂ କ୍ରୟ ମଧ୍ୟ କରିପାରିବେ।

## ପ୍ରାଇମ୍ ହସ୍ପିଟାଲ୍‌ରେ ଅନ୍ତର୍ଜାତୀୟ ସେବିକା ଦିବସ

କଟକ, ୧୨।୫ (ସମିସ)



ଆନ୍ତର୍ଜାତୀୟ ସେବିକା ଦିବସ ପ୍ରାଇମ ହସ୍ପିଟାଲ୍ ପରିସର ପାଳିତ ହୋଇଯାଇଛି। ଏହି ଅବସରରେ ହୃଦ୍ରୋଗ ବିଶେଷଜ୍ଞ ସତ୍ୟ ରଞ୍ଜନ ମହାନ୍ତି, ମେଡ଼ିସିନ୍ ବିଭାଗର ଡ଼କ୍ଟର ମନୋରଞ୍ଜନ ମଲ୍ଲିକ ଓ ଡ଼କ୍ଟର ଆଦର୍ଶ ପ୍ରମୁଖ ସେବିକା ଦିବସ ସମ୍ବନ୍ଧ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ହସ୍ପିଟାଲ୍‌ର ପୁରାତନ ବରିଷ୍ଠ କର୍ମଚାରୀ ସୁଜାତା ପଟ୍ଟନାୟକ ଜନ୍ମଦିନକୁ କେକ୍ କଟା ଯାଇ ପାଳନ କରାଯାଇଥିଲାକ୍ଷ ହସ୍ପିଟାଲ୍‌ର ସମସ୍ତ ସେବିକା ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ରୋଗୀ ସେବା ପାଇଁ ଶପଥ ପାଠ କରିଥିଲେ।

## ଟେଟ୍ରାହେଡ୍ରନ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ମାଟ୍ରିକ୍‌ର ଏ-୧ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



କଟକ,୧୨।୫ (ସମିସ) : ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଟାଙ୍ଗୀ-ଚୌଦ୍ୱାର ଓ ସାଲେପୁର ବ୍ଲକ୍‌ରୁ ଏ-୧ ଗ୍ରେଡ଼ ପାଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଟେଟ୍ରାହେଡ୍ରନ୍‌ର ନିୟୁ କ୍ୟାମ୍ପସ୍ ପରିସରରେ ଆୟୋଜିତ ସଭାରେ ଅଧକ୍ଷ ତ୍ରିଦେବ ବେହେରା ପୌରୋହିତ୍ୟ କରିଥିବାବେଳେ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି, ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ କୁନ୍ତଳା ଖଟୁଆ ମୁଖ୍ୟବକ୍ତା, କଟକ ଜିଲ୍ଲା ଯୁବ ରେଡ଼କ୍ରସ୍ ସଂଯୋଜିକା ଡଃ ସସ୍ମିତା ପଟ୍ଟନାୟକ ଓ ଆଇଆଇଟି ଖଡ଼ଗପୁରର ଛାତ୍ର ତଥା ଟେଟ୍ରାହେଡ୍ରନ୍ ଏକାଡ଼େମୀ ଅଧକ୍ଷ ତାପସ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟାଙ୍ଗୀ ତଥା ସାଲେପୁର ବ୍ଲକ୍‌ରୁ ଏ-୧ ଗ୍ରେଡ଼ ପାଇଥିବା ୨୮ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସଦାସର୍ବଦା ସାହାଯ୍ୟର ହାତ ବଢ଼ାଇବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

### ଅସ୍ତ୍ର ବିରତି ପରେ ରେକର୍ଡ କଲେ ଆଦାନୀ

# ଦିନକରେ କମାଇଲେ ୭୦ ହଜାର କୋଟି

ମୁମ୍ବଇ, ୧୨।୫(ଏଜେନ୍ସି)



ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଉତ୍ତେଜନା କମିଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପରେ ସେୟାର ବଜାରରେ ବୃହତ୍ ହ୍ରାସ ଘଟିଥଲା। ଏଥିରେ ଭାରତ ସମେତ ପାକିସ୍ତାନ ସେୟାର ବଜାରରେ ବୃଦ୍ଧି ଦେଖିବାକୁ ମିଳିଛି। ତେବେ ସେୟାର ବଜାର କାରବାରରେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀ ରୋଜଗାରର ସମସ୍ତ ରେକର୍ଡ ଭାଙ୍ଗିଛନ୍ତି।, ଆଦାନୀ ମାତ୍ର ଗୋଟିଏ ଦିନର ବଜାର କାରବାରରେ ୭୦,୦୦୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଯଦି ଆମେ ସଂଖ୍ୟା ଉପରେ ନଜର ପକାଇବା, ତେବେ ସବୁଠାରୁ ବଡ଼ ଲାଭ ଆଦାନୀ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ୍‌କୁ ହୋଇଛି। ଯେଉଁଥିରେ ପ୍ରାୟ ୨୦ ହଜାର କୋଟି ଟଙ୍କା ଲାଭ ହୋଇଛି। ଗୌତମ ଆଦାନୀଙ୍କ ସିମେଣ୍ଟ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ମଧ୍ୟ ଭଲ ବୃଦ୍ଧି ଘଟିଛି। ବିଦ୍ୟୁତ୍ ଏବଂ ଶକ୍ତି କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ଏଥିଯୋଗୁ ଆଦାନୀ ଗ୍ରୁପର ସାମଗ୍ରିକ ବଜାର ପୁଞ୍ଜିରେ ଏକ ବିରାଟ ବୃଦ୍ଧି ଘଟିଛି।

ଭାରତ ପାକିସ୍ତାନ ଯୁଦ୍ଧବିରତି ଗୌତମ ଆଦାନୀଙ୍କ ପାଇଁ ଏକ ବରଦାନ ପାଲଟିଥିଲା। ପୁଞ୍ଜି ବଜାରରେ ଆଦାନୀ ଗ୍ରୁପର ୧୦ଟି କମ୍ପାନୀ ଏତେ ଭଲ ପ୍ରଦର୍ଶନ କରିଥିଲେ ଯେ ସେମାନେ ଗୋଟିଏ ଦିନରେ ୭୦ ହଜାର କୋଟି ଟଙ୍କାରୁ ଅଧିକ ରୋଜଗାର କରିଥିଲେ। ପ୍ରକୃତରେ, କମ୍ପାନୀଗୁଡ଼ିକର ସେୟାର ମୂଲ୍ୟରେ ଏକ ବିରାଟ ବୃଦ୍ଧି ଘଟିଛି। ଆଦାନୀ ଗ୍ରୁପର ସବୁଠାରୁ ବଡ଼ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସର ବଜାର ପୁଞ୍ଜିରେ ୧୯,୯୫୫.୭୮ କୋଟି ଟଙ୍କା ବୃଦ୍ଧି ପାଇଛି। ଯାହାପରେ କମ୍ପାନୀର ବଜାର ପୁଞ୍ଜି ୨,୫୯,୮୯୨.୬୫ କୋଟି ଟଙ୍କାରୁ ବୃଦ୍ଧି ପାଇ ୨,୭୯,୮୪୮.୪୩ କୋଟି ଟଙ୍କାରେ ପହଞ୍ଚିଛି।

ଏବେ ତୁମେ ଦେଖିଛ ଯେ ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକ କେତେ ଲାଭ କରିଛନ୍ତି। ଏପରି ପରିସ୍ଥିତିରେ ଏବେ ପ୍ରଶ୍ନ ହେଉଛି ସମଗ୍ର ଆଦାନୀ ଗ୍ରୁପ୍ କେତେ ଲାଭ କରିଛି। ବିଏସଇ ତଥ୍ୟ ଅନୁଯାୟୀ, ଶୁକ୍ରବାର ଦିନ ଆଦାନୀ ଗ୍ରୁପର ମୋଟ ୧୦ଟି କମ୍ପାନୀର ବଜାର ମୂଲ୍ୟ ୧୨,୧୧,୪୦୯.୦୭ କୋଟି ଟଙ୍କା ଥିଲା,ଯାହା ସୋମବାର ଦିନ ବୃଦ୍ଧି ପାଇ ୧୨,୮୧,୫୫୪.୫୧ କୋଟି ଟଙ୍କା ହୋଇଛି। ଏହାର ଅର୍ଥ ହେଉଛି ଆଦାନୀ ଗ୍ରୁପର ମୋଟ ବଜାର ପୁଞ୍ଜି ୭୦,୧୪୫.୪୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

## ବ୍ଲୁ ଚିପ୍ ପାଣ୍ଠି ବର୍ଷକରେ ଦେଇଛି ୧୬% ରିଟର୍ଣ୍ଣ

ନୂଆଦିଲ୍ଲୀ,୧୨।୫(ଏଜେନ୍ସି): ଗତ କିଛି ମାସ ମଧ୍ୟରେ ଷ୍ଟକ୍ ବଜାରରେ ବହୁତ ଅସ୍ଥିରତା ଦେଖାଦେଇଛି। ଏହି କାରଣରୁ, ଅନେକ ନିବେଶକଙ୍କ ପୋର୍ଟଫୋଲିଓ ନକାରାତ୍ମକ ସ୍ଥିତିକୁ ଚାଲିଯାଇଛି। ତଥାପି, ଏହି ସମୟ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡର ବ୍ଲୁ ଚିପ୍ ଫଣ୍ଡ କିମ୍ବା ଲାର୍ଜ କ୍ୟାପ୍ ଫଣ୍ଡଗୁଡ଼ିକ ଭଲ ରିଟର୍ଣ୍ଣ ଦେଇଛନ୍ତି। ଗତ ଗୋଟିଏ ବର୍ଷ ମଧ୍ୟରେ ଲାର୍ଜ କ୍ୟାପଗୁଡ଼ିକ ୧୬% ପର୍ଯ୍ୟନ୍ତ ରିଟର୍ଣ୍ଣ ଦେଇଛନ୍ତି।



ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ଦୀର୍ଘ ସମୟ ପାଇଁ ନିବେଶ କରି ଆପଣ ଏହି ପାଣ୍ଠିରେ ଭଲ ରିଟର୍ଣ୍ଣ ସୃଷ୍ଟି କରିପାରିବେ। ଏବେ ଆସନ୍ତୁ ପ୍ରଥମେ ବ୍ଲୁ ଚିପ୍ କିମ୍ବା ଲାର୍ଜ କ୍ୟାପ୍ ଫଣ୍ଡ ମ୍ୟୁଚୁଆଲ୍ ଫଣ୍ଡ ବିଷୟରେ ଜାଣିବା।

ବ୍ଲୁ ଚିପ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍ ପାଇଁ ଶ୍ରେଷ୍ଠ ୧୦୦ କମ୍ପାନୀର ନିବେଶକମାନଙ୍କଠାରୁ ସଂଗୃହୀତ ପାଣ୍ଠିର ଅତି କମରେ ୮୦% ବିନିଯୋଗ କରିବାକୁ ପଡିବ। ଏହା ବିଶ୍ୱାସ କରାଯାଏ ଯେ ସେମାନଙ୍କର ସେୟାରରେ କମ୍ ଅସ୍ଥିରତା ଅଛି, ତେଣୁ ଏଥିରେ ନିବେଶ କଲେ କ୍ଷତି ହେବାର ସମ୍ଭାବନା କମ୍, ବିଶେଷକରି ଦୀର୍ଘକାଳୀନ ଭାବରେ। ଏଥିରେ, କମ୍ ବିପଦ ସହିତ ଭଲ ରିଟର୍ଣ୍ଣ ମିଳିଥାଏ। ବ୍ଲୁ ଚିପ୍ କମ୍ପାନୀଗୁଡ଼ିକ ସେହି କମ୍ପାନୀଗୁଡ଼ିକ ଯାହାର ଆକାର ବହୁତ ବଡ଼ ଏବଂ ଯାହାର ଆର୍ଥିକ ସ୍ଥିତି ମଜବୁତ। ଏହା ବିଶ୍ୱାସ କରାଯାଏ ଯେ ସେମାନଙ୍କର ସେୟାରରେ କମ୍ ଅସ୍ଥିରତା ଅଛି, ତେଣୁ ଏଥିରେ ନିବେଶ କଲେ କ୍ଷତି ହେବାର ସମ୍ଭାବନା କମ୍, ବିଶେଷକରି ଦୀର୍ଘକାଳୀନ ଭାବରେ। ଲାର୍ଜ କ୍ୟାପ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍ ପାଇଁ ଶ୍ରେଷ୍ଠ ୧୦୦ କମ୍ପାନୀର ନିବେଶକମାନଙ୍କଠାରୁ ସଂଗୃହୀତ ଅର୍ଥର ଅତି କମରେ ୮୦% ବିନିଯୋଗ କରିବାକୁ ପଡିବ। ତଥାପି, ନିବେଶ କରିବା ପୂର୍ବରୁ, ପାଣ୍ଠିର ପୂର୍ବ କାର୍ଯ୍ୟଦକ୍ଷତା, ପାଣ୍ଠି ପରିଚାଳକଙ୍କ ବିଶେଷଜ୍ଞତା ଏବଂ ଖର୍ଚ୍ଚ ଅନୁପାତ ଦେଖିବା ଉଚିତ। ଯେଉଁମାନେ କମ୍ ବିପଦ ସହିତ ଷ୍ଟକ୍ ବଜାରରେ ନିବେଶ କରିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ବ୍ଲୁଚିପ୍ ପାଣ୍ଠି ବେଶ ଉପଯୋଗୀ। ଏହି ଯୋଜନାଗୁଡ଼ିକରେ ନିବେଶ ଅତି କମରେ ୩ ରୁ ୫ ବର୍ଷର ସମୟ ଅବଧିକୁ ମନେ ରଖି କରାଯିବା ଉଚିତ। ତଥାପି, କୌଣସି ଲକ୍-ଇନ୍ ପିରିୟଡ୍ ନାହିଁ, ତେଣୁ ଆପଣ ଯେତେବେଳେ ଆବଶ୍ୟକ ହେବ ଟଙ୍କା ଉଠାଇ ପାରିବେ। ମନେରଖନ୍ତୁ ଯେ କ୍ଷଣସ୍ଥାୟୀ ଭାବରେ, ଷ୍ଟକ୍ ବଜାରରେ ଉତ୍ଥାନ-ପତନ ଆପଣଙ୍କ ନିବେଶ ଉପରେ ଅଧିକ ପ୍ରଭାବ ପକାଇପାରେ, ଯେତେବେଳେ ଦୀର୍ଘକାଳୀନ ଭାବରେ ଏହି ବିପଦ ହ୍ରାସ ପାଏ।

■ ରଥଖଳାରୁ...

# ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



ପୁରୀ, ୧୨।୫(ସମିସ): ରଥଖଳାରେ ସୋମବାର ତୁମ୍ବରେ ଅର ସଂଯୋଗ କରାଯାଇଛି। ତୁମ୍ବରେ ଅର ସଂଯୋଗକୁ ପାରମ୍ପରିକ ଭାଷାରେ ସିଙ୍ଗଡା ବାଡ଼ିଆ କୁହାଯାଏ। ଭୋଇ ସେବକମାନେ ମା' ଚର୍ଚ୍ଚିକାଙ୍କ ନିକଟରେ ମାଜଣା କରି ଶ୍ରୀଫଳ, ବିରିପିଠା, ସୁଆରପିଠା ସମର୍ପଣ କରିଥିଲେ। ପରେ ଭୋଇ ସର୍ଦ୍ଦାର ରବି ଭୋଇ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ତିନିରଥର ୩ଟି ତୁମ୍ବରେ ଅର ଯୋଡ଼ି ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଅନୁକୂଳ କରିଛନ୍ତି।

ରଥଖଳାରେ ଚାଲିଛି ମହାପ୍ରଭୁଙ୍କ ତିନିରଥ ନିର୍ମାଣ। ନିହଣ, ମୁଗୁର ଓ ବାରିସି ମାଡ଼ ଧ୍ୱନିରେ ଗୁଞ୍ଜରିତ ହେଉଛି ରଥଖଳା। ରଥ ତିଆରିରେ ନିମଗ୍ନ ରହିଛନ୍ତି ଏହାସହ ସମ୍ପୃକ୍ତ ସେବକ। ପୂର୍ବରୁ ସମସ୍ତ ୪୨ଟି ତୁମ୍ବ ବୋଲା ସରିବା ସହ ସୂତା ବାଡ଼ିଆ ଶେଷ ହୋଇଥିଲା। ଏବେ ତୁମ୍ବରେ ଅର ସଂଯୋଗ କରାଯାଉଛି। ଆସନ୍ତା ୧୯ ତାରିଖ ଭଉଁରୀରେ ଚକଡେରା ନୀତି ରହିଛି। ଏହାକୁ ଦୃଷ୍ଟିରେ ରଖି ୬ଟି ଚକ କାମ ଶେଷ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି। ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କାମ ଜାରି ରଖିଛନ୍ତି। ରବିବାର ଭୋଇ ସେବକମାନେ ଯନ୍ତାଗାଡ଼ରେ ତୁମ୍ବ ଆଣି ରଖିଥିଲେ। ତୁମ୍ବ, ଅର, କୋରାମୁଣ୍ଡା (କାଠ ତିଆରି ହାତୁଡ଼ି)କୁ ଚନ୍ଦନ, ସିନ୍ଦୁର ଦେଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରୀଫଳ ଭାଙ୍ଗି ତୁମ୍ବରେ ଗୋଟିଏ ପରେ ଗୋଟିଏ ଅର ସଂଯୋଗ କରି କୋରାମୁଣ୍ଡାରେ ଭୋଇ ସେବକମାନେ ପ୍ରହାର କରିଥିଲେ। ଏହାସହ ତୁମ୍ବ ଏବଂ ଅରକୁ ସଲଗ୍ନ କରି ଅରକଣ୍ଠା ବାଡିଆ ଯାଇଥିଲା। ପ୍ରତି ତୁମ୍ବରେ ୩୨ଟି ବିନ୍ଧ ଓ ୧୬ଟି ଅର ସଂଯୋଗ ହୋଇଥାଏ। ଅନ୍ୟପକ୍ଷରେ ରଥଖଳାରେ ଏବେ ମହାରଣାମାନେ ଗୁଜ, କୁତୁକା, ଜଳଯନ୍ତ୍ର, ତିଖ ଗୁଜ ନିର୍ମାଣ କରୁଛନ୍ତି। ସେହିପରି ଦୋଳବେଦୀ କୋଣ କମାର ଶାଳାରେ କମାର ସେବକମାନେ ତିନିରଥର ୪୨ଚକ ପାଇଁ ଅରକଣ୍ଠା କରିବା ସହ ପଦାରୀ ଓ ତୁମ୍ବର ବଳା ତିଆରି କରୁଛନ୍ତି।

## ମହାନଦୀର ତଣ୍ଟି ଚିପିଛି ଛତିଶଗଡ଼

# ଶୁଖିଲା ନଈପଠାରେ ଜୀବିକାର ରାହା



■ ସଙ୍କଟରେ ରାଜ୍ୟର ଶତାଧିକ ମତ୍ସ୍ୟଜୀବୀ ପରିବାର
■ ଗତବର୍ଷଠାରୁ ୩ ଫୁଟ କମିଲା ହୀରାକୁଦ ଜଳସ୍ତର

ସମ୍ବଲପୁର,୧୦।୦୫(ସମିସ): ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ଶହ ଶହ ସଂଖ୍ୟାରେ ବନ୍ଧ ଓ ବ୍ୟାରେଜ୍ ଓଡିଶା ପାଇଁ ଦିନକୁ ଦିନ କାଳ ହେବାରେ ଲାଗିଲାଣି। ବିଶେଷକରି ଅଣମୌସୁମୀ ଋତୁରେ ଏହା ଉତ୍କଟ ଜଳାଭାବ ସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଗ୍ରୀଷ୍ମଋତୁରେ ଏଭଳି ସ୍ଥିତି ଓଡିଶା ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷକରି ଉପରମୁଣ୍ଡ କଲମାର ସମସ୍ତ ଗେଟ୍ ବନ୍ଦ ଥିବା ବେଳେ ମହାନଦୀ ଦିନକୁ ଦିନ ଭୟଙ୍କର ସ୍ଥିତି ଧାରଣ କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶୁଖିଲା ମହାନଦୀ କେବଳ ଜଳସେଚନ କିମ୍ବା ବିଦ୍ୟୁତ୍ ଉତ୍ପାଦନ ପାଇଁ ବାଧା ସୃଷ୍ଟି କରୁନାହିଁ; ବରଂ ମତ୍ସ୍ୟଜୀବୀଙ୍କ ଚୁଲି ବି ବନ୍ଦ ହେବା ସ୍ଥିତିକୁ ଆସିଗଲାଣି। ଓଡିଶାର ଶହ ଶହ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି। ଶୁଖିଲା ନଈପଠାରେ ପଡ଼ିରହିଛି ଗୁଜୁରାଣ ମେଣ୍ଟାଉଥିବା ଡଙ୍ଗା। ଜଳାଭାବ ଯୋଗୁଁ ଓଡିଶାର ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାର ୪ ଖଣ୍ଡ ଗାଁର ଶତାଧିକ ମତ୍ସ୍ୟଜୀବୀ ପରିବାର ଜୀବିକା ହରାଇଲେଣି।

ଚଳିତବର୍ଷ ଛତିଶଗଡ଼ ଆରମ୍ଭରୁ କଲମା ସମେତ ଇବ୍, କେଲୋ ଭଳି ସମସ୍ତ ଶାଖା ନୀଦ ଉପରେ ନିର୍ମାଣ କରିଥିବା ବନ୍ଧଗୁଡ଼ିକର ସମସ୍ତ ଗେଟ୍ ପକାଇ ପାଣି ଅଟକାଇବା ଆରମ୍ଭ କରିଥିଲା। ଏହାର ପରିଣାମ ସ୍ୱରୂପ, ମାସକ ତଳୁ ହୀରାକୁଦ ଜଳଭଣ୍ଡାରରେ ନିଅଣ୍ଟିଆ ସ୍ଥିତି ସୃଷ୍ଟି ହୋଇସାରିଛି। ଏପରିକି ଗତବର୍ଷଠାରୁ ଏବର୍ଷ ହୀରାକୁଦ ଜଳସ୍ତର ୩ ଫୁଟ୍ କମିଗଲାଣି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୧୦.୯୧ ଫୁଟ୍ ଥିବା ବେଳେ ଆଜି ୬୦୭.୬୨ ଫୁଟ୍ ରହିଛି। ସେପଟେ ଉପରମୁଣ୍ଡରୁ ଅଧିକାଂଶ ଦିନ ମାତ୍ର ହଜାରେ କ୍ୟୁସେକରୁ ବି କମ୍ ପାଣି ହୀରାକୁଦକୁ ପ୍ରବେଶ କରୁଛି। ଆଜି ହୀରାକୁଦକୁ ମାତ୍ର ୮୦୫ କ୍ୟୁସେକ୍ ପାଣି ପ୍ରବେଶ କରିଥିବା ବେଳେ ବିଭିନ୍ନ କେନାଲ ଏବଂ ପାୱାର୍ ଚ୍ୟାନେଲ ମିଶି ମୋଟ୍ ୯୭୩୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଏପରିକି କେବଳ ଖରା ଯୋଗୁଁ ୯୩୫ କ୍ୟୁସେକ୍ ଜଳ ବାଷ୍ପିତ ହୋଇ ଉଡ଼ିଯାଉଛି। କହିବାକୁ ଗଲେ ହୀରାକୁଦକୁ ଯେତିକି ପାଣି ପ୍ରବେଶ କରୁଛି, ପ୍ରାୟ ସମ ପରିମାଣର ପାଣି ସୂର୍ଯ୍ୟ ଶୋଷି ନେଉଛି। ଏଭଳି ସ୍ଥିତିରେ ଦ୍ରୁତ ଗତିରେ ଜଳସ୍ତର ଖସିବାରେ ଲାଗିଛି।

ଆଜି ପୂର୍ବାହ୍ନର ସୂଚନା ଅନୁଯାୟୀ, କଲମା ତା'ର ସମସ୍ତ ୬୬ ଗେଟ୍ ବନ୍ଦ କରିଥିବା ବେଳେ କେବଳ ୫୬ ନମ୍ବର ଗେଟ୍‌କୁ ୫୦ ଏମ୍‌ଏମ୍ ଖୋଲା ରଖିଛି। ହେଲେ ଏଥିରୁ ୫୦ କ୍ୟୁସେକ୍‌ରୁ ବି କମ୍ ପାଣି ତଳ ମୁଣ୍ଡକୁ ଆସୁଥିବା ବେଳେ ଏହା ଓଡିଶା ଯାଏ ପହଞ୍ଚି ପାରୁନାହିଁ। ଏହି ପରିସ୍ଥିତି ପାଇଁ କଲମାର ତଳମୁଣ୍ଡରେ ଥିବା ଛତିଶଗଡ଼ର ରାୟଗଡ଼ ଜିଲ୍ଲାର ୩୦ରୁ ଅଧିକ ଗାଁରେ ଉତ୍କଟ ଜଳାଭାବ ଦେଖାଦେଇଛି। ମହାନଦୀ ପାଣି ଭରସାରେ ହେଉଥିବା ଡାଲୁଅ ଚାଷ ବି ବନ୍ଦ ହୋଇଯାଇଛି। ଅପରପକ୍ଷେ, ଓଡିଶାରେ ମହାନଦୀର ପ୍ରବେଶ ସ୍ଥାନରେ ନଈ ଶୁଖିଲା ପଡ଼ିଲାଣି।

ଏହି ସ୍ଥିତି ପାଇଁ ବର୍ତ୍ତମାନ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର କଣ୍ଢେଇକେଲା ପଞ୍ଚାୟତର ସେମଲିଆ ଏବଂ ପିଥିଣ୍ଡା ପଞ୍ଚାୟତର ନନ୍ଦପାଲି ଗାଁର ମତ୍ସ୍ୟଜୀବୀଙ୍କ ଜୀବିକା ଠପ୍ ହୋଇଗଲାଣି। ସେମଲିଆରେ ପ୍ରାୟ ୩୦ ମତ୍ସ୍ୟଜୀବୀ ପରିବାର ଏବଂ ନନ୍ଦପାଲିରେ ପ୍ରାୟ ୮୦ ପରିବାର ମହାନଦୀରେ ମାଛ ମାରି ପରିବାର ପ୍ରତିପୋଷଣ କରିଥା'ନ୍ତି। ହେଲେ ବର୍ତ୍ତମାନ ଏହି ଦୁଇ ଗାଁ ନିକଟରେ ନଦୀ ଏକପ୍ରକାର ବାଲିଚରରେ ପରିଣତ ହୋଇଥିବାରୁ ସବୁ ଡଙ୍ଗାଗୁଡିକ ଶୁଖିଲା ନଈପଠାରେ ପଡ଼ି ରହିଛି। ସେହିପରି ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକର ଚିଖିଲି, ଅନ୍ତରାଡ଼ି ଆଦି ଗାଁରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଲାଣି। ଆଗକୁ ଏଭଳି ହାରରେ ଜଳସ୍ତର ଖସିଲେ ଲଖନପୁର ବ୍ଲକର ମହୁଲପାଲିର ୭୦ ପରିବାର, ଚିଖିଲିର ୫୦ ପରିବାର, ତିଲଗିର ୫୦ ପରିବାର ମଧ୍ୟ ଜୀବିକାଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହେଲାଣି।

ଅପରପକ୍ଷେ, ମହାନଦୀ ଜଳ ବିବାଦର ସମାଧାନ ପାଇଁ ଉଦ୍ଦିଷ୍ଟ ଟ୍ରିବ୍ୟୁନାଲରେ ନ୍ୟାୟିକ ପ୍ରକ୍ରିୟା ଠପ୍ ହୋଇଯାଇଥିବା ବେଳେ ଏହା ମୂରବୀଶୂନ୍ୟ ହୋଇପଡିଛି। ଏପରିକି ଟ୍ରିବ୍ୟୁନାଲ ଗଠନର ୭ ବର୍ଷ ପରେ ମଧ୍ୟ ଛତିଶଗଡ଼ର ନିର୍ମାଣ କାମ ରୋକିବା ତଥା ଓଡିଶାର ତା'ର ଧାର୍ଯ୍ୟ ଜଳ ଛାଡ଼ିବାକୁ କୌଣସି ଅନ୍ତରୀଣ ଆଦେଶ ମଧ୍ୟ ଜାରି ହୋଇନାହିଁ। ଯଦ୍ୱାରା ଛତିଶଗଡ଼ ତା'ର ଦାଦାଗିରି ଜାରି ରଖିଛି। ବର୍ତ୍ତମାନ ଓଡିଶା, ଛତିଶଗଡ଼ ସମେତ କେନ୍ଦ୍ରରେ ବି ବିଜେପି ସରକାର ଥିବାରୁ ମହାନୀଦକୁ ଟ୍ରିପଲ ଇଞ୍ଜିନ ସରକାର ମିଳିଛି। ତଥାପି ମହାନଦୀର ଭାଗ୍ୟ ଫିଟୁ ନ ଥିବାରୁ ଏହା ଓଡିଶାବାସୀଙ୍କ ପାଇଁ ଅସନ୍ତୋଷର କାରଣ ହେଲାଣି।

## ବଦଳିଲା ଟର୍ମିନାଲ ପଏଣ୍ଟ

# ଭୁବନେଶ୍ୱର ନୂଆ ଷ୍ଟେସନରୁ ଗଡ଼ିଲା ତିନି ଟ୍ରେନ୍

■ କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟିର ଯାତ୍ରା ପ୍ରାରମ୍ଭ
■ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରୁ ଆଉ ଯିବନାହିଁ

ଭୁବନେଶ୍ୱର,୧୨।୫(ସମିସ): କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ଏଣିକି ଭୁବନେଶ୍ୱର ମୁଖ୍ୟ ଷ୍ଟେସନ୍ ପରିବର୍ତ୍ତେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଚାଲିବ। ଭୁବନେଶ୍ୱର ନୂଆ ଷ୍ଟେସନ୍‌ରୁ ଆଜି ଗଡ଼ିଛି ଏହି ତିନି ଟ୍ରେନ୍। ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସଏମଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଆଜିଠାରୁ ଭୁବନେଶ୍ୱର ନୂତନ ଷ୍ଟେସନରୁ ଏହାର ଯାତ୍ରା ପ୍ରାରମ୍ଭ ଏବଂ ଶେଷ କରିଛି। ଉପରୋକ୍ତ ସମସ୍ତ ଟ୍ରେନଗୁଡ଼ିକ ମଞ୍ଚେଶ୍ୱର ରେଳ ଷ୍ଟେସନରେ ଉଭୟ ଦିଗରୁ ପ୍ରତ୍ୟେକ ଦୁଇ ମିନିଟ୍ ପାଇଁ ରହଣି ପ୍ରଦାନ କରିଛନ୍ତି। ଏତାଛଡା ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ଉପରୋକ୍ତ ଟ୍ରେନଗୁଡିକ ୨୦ ମିନିଟ୍ ପାଇଁ ରହିବେ। ଏଥିଯୋଗୁଁ ଉତ୍ତର ଭୁବନେଶ୍ୱର, ଆଠଗଡ଼ ଏବଂ କଟକ ଅଞ୍ଚଳର ଲୋକମାନେ ଅଧିକ ଲାଭ ପାଇବେ। ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ରାତି ୧୨ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିଛି। ୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ଅପରାହ୍ନ ୦୨ଘ.୪୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡିଛି। ଏହି ଟ୍ରେନ ଅପରାହ୍ନ ୦୨ଘ.୪୮ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୦୨ଘ.୫୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିଥିଲା। ଅପରାହ୍ନ ୩ଟାରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛି। ସେହିପରି, ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଅପରାହ୍ନ ୪ଟା ୨୫ ମିନିଟ୍‌ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିଛି। ଏହାବ୍ୟତୀତ, ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ରାତି ୧୨ଟା ୩୫ ମିନିଟ୍ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିଛି।

# ୪ ଦିନିଆ ଓଡ଼ିଶା ଗସ୍ତରେ ମୋହନ ଭାଗବତ

ଭୁବନେଶ୍ୱର,୧୨।୫(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍)ର ସରସଂଘଚାଳକ ମୋହନ ଭାଗବତ ଆଜିଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ସ୍ୱାଗତ କରାଯାଇଥିଲା। ଏହାପରେ ସେ ସଡ଼କ ପଥରେ ସିଧାସଳଖ କଟକ ଅଭିମୁଖେ ଯାଇଛନ୍ତି। କଟକ ଗତିରାଉତପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହାସହ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଭାଗବତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୬ ତାରିଖ ଅପରାହ୍ଣରେ ସେ ନୂଆଦିଲ୍ଲୀ ଫେରିଯିବେ ବୋଲି ଜଣାଯାଇଛି।

■ ନାଟକ ବେଳେ ଅଘଟଣ...

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ; ୮ ଆହତ

ବ୍ରହ୍ମପୁର,୧୨।୫(ସମିସ): ସଦର ଥାନା ଅନ୍ତର୍ଗତ ଲାଠି ପଞ୍ଚାୟତର ବେନ୍ଦାଳିଆ ଗ୍ରାମ ହରିଜନ ସାହିରେ ରାମାୟଣ ନାଟକ ପରିବେଷଣ ବେଳେ ଘଟିଛି ଅଭାବନୀୟ ଘଟଣା। ନାଟକରେ ଲାଇଟ୍ ପରିଚାଳନା କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପଳାସୀ ଗ୍ରାମର ସଞ୍ଜୟ କୁମାର ସେଠୀ(୩୦)। ସେ ଫୁଲୁଟା ଗ୍ରାମର ରାମାୟଣ ନାଟକର ମା' କାଳୀ ଚିତ୍ରାଳୟ ପକ୍ଷରୁ ଆସିଥିବା ସୂଚନା ମିଳିଛି। ସେହିପରି ସଞ୍ଜୟଙ୍କୁ ବଞ୍ଚାଇବାକୁ ଯାଇ ପ୍ରାୟ ୮ ଜଣ ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ବେନ୍ଦାଳିଆ ଗ୍ରାମରେ ମାଙ୍ଗଳିକ କାର୍ଯ୍ୟକ୍ରମ ଉପଲକ୍ଷେ ରବିବାର ରାତିରେ ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା। ଫୁଲଟା ଗ୍ରାମର ରାମାୟଣ ନାଟ୍ୟ ଦଳ ବେନ୍ଦାଳିଆ ଯାଇ ରାମାୟଣ ପରିବେଷଣ କରିଥିଲେ। ଏହି ଦଳ ସହ ଲାଇଟ୍ ସାଉଣ୍ଡ ସାଜସଜ୍ଜା ପାଇଁ ଯାଇଥିବା ଚିତ୍ରାଳୟ ପକ୍ଷରୁ ସଞ୍ଜୟ ସେଠାକୁ ଯାଇଥିଲେ। ନାଟକ ପାଇଁ ଲାଇଟ୍ ପରିଚାଳନା କରୁଥିବା ବେଳେ ହଠାତ୍ ସଞ୍ଜୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେଠାରେ ଉପସ୍ଥିତ ଅନ୍ୟ ସହଯୋଗୀମାନେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ସମସ୍ତ ୮ ଜଣ ଆହତଙ୍କ ଚିକିତ୍ସା ଜାରି ରହିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ସଞ୍ଜୟଙ୍କ ଶବ ଜବତ କରି ତଦନ୍ତ ଚଳାଇଛି।

# ଟ୍ରକ୍-ବସ୍ ଧକ୍କା; ୨୦ ଆହତ



କରଞ୍ଜିଆ, ୧୨।୫(ସମିସ): କରଞ୍ଜିଆ ବ୍ଲକ୍ ଚଢ଼େଇଭୋଳ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟାରେ ଏକ ଲୁହାପଥର ବୋଝେଇ ଟ୍ରକ୍ ସହ ଏକ ବସ୍ ଧକ୍କା ହେବାରୁ ଏଥିରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। କେନ୍ଦୁଝର ପଟୁ କରଞ୍ଜିଆ ଆସୁଥିବା ଏକ ଘରୋଇ ବସ୍‌ଟି ଚଢ଼େଇଭୋଳ ଛକ ନିକଟ ଚିତ୍ରପଶି ଦେଇଯିବାକୁ ଉଦ୍ୟମ କରୁଥିବା ବେଳେ ଯଶିପୁର ପଟରୁ ଆସୁଥିବା ୧୦ଚକିଆ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୧୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଚଢ଼େଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

# ଦାଣ୍ଡପିଣ୍ଡାରୁ ଟାଣିନେଇ ହାଣିଦେଲେ

ଧର୍ମଗଡ଼/ଗୋଲାମୁଣ୍ଡା, ୧୨।୫(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଚିଚିଆ ଗ୍ରାମର ମୁଣ୍ଡପଡ଼ାରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ, ଚିଚିଆ ଗ୍ରାମର ମକରଧ୍ୱଜ ନାଏକ (୩୩)। ସେ ଘର ବାହାରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ହାଣି ପକାଇଥିଲା। ଏ ସଂପର୍କରେ ତାଙ୍କ ବାପା ଯୁଧେଷ୍ଠି ନାଏକ ଦଶପୁର ଫାଣ୍ଡିରେ କରିଛନ୍ତି। ଏହି ଘଟଣାରେ ପୁଲିସ୍ ୫ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରବଳ ଗରମ ହେବାରୁ ଗତକାଲି ବିଳମ୍ବିତ ରାତିରେ ମକରଧ୍ୱଜ ଘର ବାହାରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କୁ ଦାଣ୍ଡପିଣ୍ଡାରୁ ଘୋଷାଡ଼ି ଘୋଷାଡ଼ି ନେଇ ହାଣି ହତ୍ୟା କରିବା ପରେ ସନତ ମୁଣ୍ଡ ନାମକ ଗାଁର ଜଣେ ବ୍ୟକ୍ତିଙ୍କ ଘର ଦ୍ୱାର ମୁହଁରେ ପକାଇ ଚାଲି ଯାଇଛନ୍ତି। ସକାଳୁ ଗାଁ ଲୋକେ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଦଶପୁର ଫାଣ୍ଡିକୁ ଖବର ଦେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚିଚିଆ ଗ୍ରାମର ଭରକା ଅଘରିଆ, ମୁନା ହଂସ, ସୁଧାଂଶୁ ହଂସ ମିଶି ପିଟି ପିଟି ତାଙ୍କୁ ହତ୍ୟା କରିଥିବା ଏତଲାରେ ଉଲ୍ଲେଖ ରହିଛି। ଖବର ପାଇ ଦଶପୁର ଫାଣ୍ଡି ପୁଲିସ ପହଞ୍ଚି ଶବ ଜବତ ପୂର୍ବକ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଛି। ଧର୍ମଗଡ଼ ଭାରପ୍ରାପ୍ତ ଏସଡିପିଓ ମୁକ୍ତି କୁଲୁ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ପହଞ୍ଚି ତଦନ୍ତ କରିଛନ୍ତି।




ଟେଷ୍ଟ କ୍ରିକେଟ୍‌ରୁ ବିରାଟ କୋହଲି ଅବସର ନେବା ପରେ ପୁରୀ ବେଳାଭୂମିରେ ସୁଦର୍ଶନଙ୍କ ବାଲୁକା କଳା

# ସ୍ୱାଭାବିକ ହେଲା ବିଜୁ ପଟ୍ଟନାୟକ ବିମାନବନ୍ଦର

ଭୁବନେଶ୍ୱର,୧୨।୫(ସମିସ): ଅପରେସନ୍ ସିନ୍ଦୂର ଓ ପରବର୍ତ୍ତୀ ଉତ୍ତେଜନାମୂଳକ ପରିସ୍ଥିତି ପାଇଁ ବିଭିନ୍ନ ସହରକୁ ବନ୍ଦ ହୋଇଥିବା ବିମାନ ସେବା ସ୍ୱାଭାବିକ ହୋଇଛି। ଡିଜିସିଏର ନିର୍ଦ୍ଦେଶକ୍ରମେ ସାରା ଦେଶ ସମେତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରର ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇଛି। ଏନେଇ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ ଅବଗତ କରାଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନ ସେବା ବାତିଲ ସହ ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି କରାଯାଇଥିଲା। ଓଡ଼ିଶାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନବନ୍ଦରରୁ ୨ଟି ବିମାନର ଉଡ଼ାଣକୁ ବାତିଲ କରାଯାଇଥିଲା। ଭୁବନେଶ୍ୱରରୁ ଗାଜିଆବାଦକୁ ବିମାନ ସେବା ବାତିଲ କରାଯାଇଥିବା ବେଳେ ଭୁବନେଶ୍ୱରରୁ ପାଟନା ଦେଇ ଚଣ୍ଡିଗଡ଼ ଯାଉଥିବା ବିମାନକୁ ମଧ୍ୟ ବାତିଲ କରାଯାଇଥିଲା। ଉଡ଼ାଣ ବାତିଲ ପରେ କିଛି ଯାତ୍ରୀ ସମସ୍ୟାରେ ପଡ଼ିଥିଲେ।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ପୁଲିସ ଡିଜି

# ଭକ୍ତଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ



■ କୋଷ୍ଟଗାର୍ଡ, ଭାରତୀୟ ନୌସେନାର ସହଯୋଗ ନିଆଯିବ
■ ସହରରେ ଲାଗିବ ସିସିଟିଭି ଓ ଏଆଇ କ୍ୟାମେରା

ପୁରୀ, ୧୨।୫ (ସମିସ): ଆଗକୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା। ଜୁନ୍ ୨୭ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଲକ୍ଷଲକ୍ଷ ଭକ୍ତଙ୍କ ସହ ଅନେକ ଭିଆଇପି ରଥଯାତ୍ରା ଦେଖିବାକୁ ପୁରୀ ଆସିବେ। ତେଣୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁଲିସ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ।

ସୋମବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ସହ ରଥଯାତ୍ରା ସମୟରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ତଥା ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ବିଶେଷକରି, ଭକ୍ତଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଛି। ସୁରକ୍ଷା ସହ ସମାନ ଭାବେ ଶ୍ରଦ୍ଧାଳୁମାନଙ୍କୁ ଉତ୍ତମ ସେବା ଯୋଗାଇଦେବା, ସମସ୍ତେ ଯେପରି ଶ୍ରୀକ୍ଷେତ୍ର ମାଟିରୁ ଭଲ ଅନୁଭୂତି ନେଇ ଫେରିବେ; ସେ ଦିଗରେ ଯତ୍ନବାନ ହେବା ଲାଗି ପରାମର୍ଶ ଦେଇଛନ୍ତି ପୁଲିସ ଡିଜି। ଏତଦ୍‌ବ୍ୟତୀତ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ପ୍ରତିହତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି।

ବୈଠକ ଶେଷରେ ଡିଜିପି କହିଛନ୍ତି, ଚଳିତବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ରହିଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ବ୍ୟାପକ ପୁଲିସ ଫୋର୍ସ ମୁତୟନ ସହ ସହରର ପ୍ରମୁଖ ସ୍ଥାନରେ ସିସିଟିଭି ଓ ଏ.ଆଇ କ୍ୟାମେରା ଲଗାଯିବ। ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନାର ସହଯୋଗ ନିଆଯିବ। ସୁରକ୍ଷା ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଏଆଇ ଟେକ୍ନୋଲୋଜି ବ୍ୟବହାର କରାଯିବା ସହ ଆରପିଏଫ୍ ଓ ଅନ୍ୟାନ୍ୟ ସୁରକ୍ଷା କର୍ମୀମାନଙ୍କୁ ନିୟୋଜିତ କରାଯିବ ବୋଲି ଡିଜିପି କହିଛନ୍ତି।

ଅନ୍ୟପକ୍ଷରେ ବୈଠକରେ ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ୍ ସୁବ୍ୟବସ୍ଥା ନେଇ ଆଲୋଚନା କରାଯାଇଛି। ପୁରୀକୁ ଭୁବନେଶ୍ୱର, କୋଣାର୍କ ଏବଂ ବ୍ରହ୍ମଗିରି ପଟୁ ଆସୁଥିବା ଯାନ ବାହାନଗୁଡ଼ିକ କିପରି ବ୍ୟବସ୍ଥିତ ଢଙ୍ଗରେ ଚଳାଚଳ କରିବେ, ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ରଥଟଣା ଉପରେ ମଧ୍ୟ ସବିଶେଷ ଆଲୋଚନା ହୋଇଥିଲା। ଚଳିତବର୍ଷ ସୁରକ୍ଷାକୁ ଆଖି ଆଗରେ ରଖି କୋଷ୍ଟାଲ ସିକ୍ୟୁରିଟିକୁ ବ୍ୟାପକ କରାଯାଇଥିବା ଡିଜି ମତ ରଖିଥିଲେ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ଭାବିଚିନ୍ତି କାମ କରନ୍ତୁ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେବ। ବନ୍ଧୁଙ୍କ ସହଯୋଗ ମିଳିପାରେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ହୋଇପାରେ। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟାର ସମାଧାନ ହେବ।

## ଆଜିର ଇତିହାସ

- ୧୯୯୮ - ରାଜସ୍ଥାନର ପୋଖରାନ୍‌ରେ ଦୁଇଟି ପରମାଣୁ ପରୀକ୍ଷା କରାଗଲା।
- ୧୯୬୨- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହେଲେ।
- ୧୯୯୫- ଚେଲ୍‌ସି ସ୍ମିଥ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୧୪- ତୁର୍କୀର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ୩୦୧ ଶ୍ରମିକଙ୍କ ପ୍ରାଣହାନି।

ଆଜି ଆରମ୍ଭିଲେ

# 'ଛୋଟ ମୋର ଗାଁଟି'ର ସ୍ରଷ୍ଟା

ଗାଁମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। "ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନ ଥାଉ ତାର ନାଁ ଟି", ସଚ୍ଚିଦାନନ୍ଦ ରାଉତରାୟଙ୍କ ଏହି ଆବେଗପୂର୍ଣ୍ଣ କବିତା ଏବେବି ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିଛି। ଅଳଙ୍କାର,ଶ୍ଳେଷ,ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ,ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା। 'ମାଟିର ଦ୍ରୋଣ' 'ମାଟିର ମହାକବି, 'ସମୟର ସଭାକବି' ନାମରେ ନାମିତ ସଚ୍ଚି ରାଉତରାୟ ଥିଲେ ଓଡ଼ିଆ ସାରସ୍ୱତ ଜଗତରେ ଜଣେ ପ୍ରଗତିଶୀଳ କବି। ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକ ଓ ଔପନ୍ୟାସିକ। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ। ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ଆଦି ଲେଖିଯାଇଛନ୍ତି। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ଆଜିର ଦିନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। କବିଙ୍କ ଲେଖନୀ ଚାଳନା ଆରମ୍ଭ ହୋଇଥିଲା ୧୧ ବର୍ଷ ବୟସରୁ ।



ତାଙ୍କର ପ୍ରଥମ କବିତା ପୁସ୍ତକ 'ପାଥେୟ' ପ୍ରକାଶ ପାଇଥିଲା ୧୯୩୧ ମସିହାରେ ଏବଂ ପରେ ପରେ ଅନେକଗୁଡ଼ିଏ କବିତା, ଗଳ୍ପ ଏବଂ ଉପନ୍ୟାସ ସବୁ ପ୍ରକାଶ ପାଇଥିଲା । ତାଙ୍କର କେତୋଟି ପ୍ରସିଦ୍ଧ କବିତା ଗ୍ରନ୍ଥ ହେଉଛି 'ପାଥେୟ', 'ପଲ୍ଲିଶ୍ରୀ', 'ଅଭିଯାନ', 'ବାଜିରାଉତ', 'ପାଣ୍ଡୁଲିପି', 'ଭାନୁମତୀର ଦେଶ', 'ସ୍ୱାଗତ' । କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତେଜ' 'ଛାଇ' ଆଦି ପ୍ରସିଦ୍ଧ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ୧୯୬୨ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ଓଡ଼ିଆ ଭାଷା, ସଂସ୍କୃତି, ଓଡ଼ିଆ ଜୀବନକୁ ସେ ତାଙ୍କ କାବ୍ୟରେ ରୂପ ଦେଇଥିଲେ। 'ଛୋଟ ମୋର ଗାଁ ଟି'କବିତାରେ ସେ ଗ୍ରାମ୍ୟ ଜୀବନକୁ ପ୍ରତିଫଳିତ କରିଥିଲେ। ଏବେ ବି ତାଙ୍କର ସେହି କବିତା ସମସ୍ତଙ୍କ ମୁହଁରେ ଗୁଞ୍ଜରିତ ହେଉଛି। ୨୦୦୪ ମସିହା ଅଗଷ୍ଟ ୨୧ରେ ସଚ୍ଚିଦାନନ୍ଦ ରାଉତରାୟ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ସ୍ୱାସ୍ଥ୍ୟକର ନୁହେଁ ବ୍ରାଉନ୍ ରାଇସ୍!

ଏବେ ସୁଦ୍ଧା ହ୍ୱାଇଟ୍ ରାଇସ୍ ତୁଳନାରେ ବ୍ରାଉନ ରାଇସ୍‌କୁ ଅଧିକ ସ୍ୱାସ୍ଥ୍ୟକର ବୋଲି କୁହାଯାଉ ଥିଲା। ବ୍ରାଉନ ରାଇସ୍‌ରେ ଅଧିକ ଫାଇବର, ପୋଷକ ତତ୍ତ୍ୱ ଥିବା ବେଳେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଉ ଥିଲା। ହେଲେ ଏବେ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବ୍ରାଉନ ରାଇସ୍ ଶରୀରରେ ଆର୍ସେନିକ୍ ମାତ୍ରାକୁ ବୃଦ୍ଧି କରିଥାଏ। ଏହାଦ୍ୱାରା କର୍କଟ ଭଳି ଗୁରୁତର ରୋଗ ହୋଇପାରେ। ଆମେରିକା ମିଶିଗନ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ଏଥିରୁ ଜଣାପଡ଼ିଛି ବ୍ରାଉନ ରାଇସ୍ ପୋଷକତତ୍ତ୍ୱରେ ଭରପୂର ହେଲେ ବି ହ୍ୱାଇଟ୍ ରାଇସ୍ ତୁଳନାରେ ଏଥିରେ ଇନଅର୍ଗାନିକ୍ ଆର୍ସେନିକ ଥାଏ। ଯାହାକି ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ତତ୍ତ୍ୱ ମାଟିରେ ଥାଏ ଏବଂ ଏହା ପାଣିରେ ମିଶି ଧାନ ଫସଲରେ ସାମିଲ ହୁଏ। ବିଶେଷକରି ବ୍ରାଉନ ରାଇସ୍‌ରେ। କାରଣ ବ୍ରାଉନ ରାଇସ୍‌ର ବାହ୍ୟ ପରସ୍ତକୁ ବାହାର କରାଯାଇ ନ ଥାଏ। ତେଣୁ ଏଥିରେ ଆର୍ସେନିକ ମାତ୍ରା ଅଧିକ ଥାଏ। ଗବେଷଣାନୁସାରେ, ଆମେରିକାର ଚାଷ କରାଯାଇଥିବା ବ୍ରାଉନ ରାଇସ୍‌ରେ ୪୮ ପ୍ରତିଶତ ଇନ୍-ଅର୍ଗାନିକ୍ ଆର୍ସେନିକ ମିଳିଛି। ହ୍ୱାଇଟ୍ ରାଇସ୍‌ରେ ଏହାର ମାତ୍ରା ଥିଲା ୩୩ ପ୍ରତିଶତ । ସେହିପରି ତମାମ ବିଶ୍ୱରେ ବ୍ରାଉନ୍ ରାଇସ୍‌ରେ ୬୫ ପ୍ରତିଶତ ଏବଂ ହ୍ୱାଇଟ୍ ରାଇସ୍‌ରେ ୫୩ ପ୍ରତିଶତ ଇନ ଅର୍ଗାନିକ ଆର୍ସେନିକ୍ ମିଳିଛି। ଏହି ଆର୍ସେନିକ୍ ଧୀରେ ଧୀରେ ଶରୀରରେ ଜମା ହୋଇ କର୍କଟ ଆଶଙ୍କା ବୃଦ୍ଧି କରେ। ବିଶେଷଜ୍ଞଙ୍କ କହିବା କଥା, ବ୍ରାଉନ ରାଇସ୍‌କୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ନ ଦେଇ ଏହାକୁ ସୀମିତ ମାତ୍ରାରେ ଖାଇବା ଆବଶ୍ୟକ। ବିଶେଷକରି ଛୋଟ ପିଲା, ଗର୍ଭବତୀ ମହିଳା ତଥା ଯେଉଁମାନଙ୍କର ମୁଖ୍ୟ ଡାଏଟ୍ ଚାଉଳ, ସେମାନଙ୍କୁ ଅଧିକ ସତର୍କ ରହିବା ଆବଶ୍ୟକ। ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ବ୍ରାଉନ୍ ରାଇସ୍‌ରେ ଫାଇବର୍, ପ୍ରୋଟିନ୍ ଏବଂ ଅନେକ ଜରୁରି ଭିଟାମିନ୍ ଅଛି। ହେଲେ ଆର୍ସେନିକ୍‌ର ଉପସ୍ଥିତି ସ୍ୱାସ୍ଥ୍ୟପ୍ରଦ ଗୁଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସୁସ୍ଥ ରହିବା ପାଇଁ ବ୍ରାଉନ ରାଇସ୍ ଖାଉଥିଲେ, ଏହାକୁ ସପ୍ତାହରେ କିଛି ଦିନ ଖାଇବା ଭଲ ବୋଲି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

# 'ବର୍ଡର-୨' ଆସିବ 'ସନ୍ଦେଶେ ଆତେ ହେଁ ୨.୦'

୧୯୯୭ ମସିହାରେ ରିଲିଜ୍ ହୋଇଥିବା ଦେଶାତ୍ମବୋଧକ ଚଳଚ୍ଚିତ୍ର 'ବର୍ଡର'ର ସିକ୍ୱେଲ 'ବର୍ଡର ୨' କଥା ଘୋଷଣା ହେବା ପରଠାରୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ସନ୍ନି ଦେଓ୍ୱଲଙ୍କ ଅଭିନୀତ 'ବର୍ଡର-୨' ଜାନୁଆରୀ ୨୩, ୨୦୨୬ରେ ରିଲିଜ୍ ହେବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଭୂଷଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତାଙ୍କ ସହ ମିଶି ମୂଳ ଫିଲ୍ମର ଗୀତ 'ସନ୍ଦେଶେ ଆତେ ହେଁ' ଗୀତର ରାଇଟ୍‌ସକୁ ୬୦ ଲକ୍ଷ ଟଙ୍କା ଦେଇ କିଣିଛନ୍ତି। ସୋନୁ ନିଗମ ଓ ଅରିଜିତ ସିଂହ 'ସନ୍ଦେଶେ ଆତେ ହେଁ ୨.୦'କୁ ଗାଇବେ। ଏହି ଗୀତ ଭାରତୀୟ ସେନାକୁ ସମର୍ପିତ ହେବ। ଏହାର ମୂଳ ଗୀତକୁ ସୋନୁ ନିଗମ ଓ ରୂପ କୁମାର ରାଠୋଡ଼ ଗାଇଥିଲେ। ଗୀତଟି ସନ୍ନି ଦେଓ୍ୱଲ, ବରୁଣ ଧଓ୍ୱନ ଓ ଦିଲଜିତ୍ ଦୋସାଞ୍ଜଙ୍କ ଉପରେ ସୁଟ୍ କରାଯିବ। ଏହା ଭାରତୀୟ ସିନେମାର ସବୁଠୁ ବଡ଼ ଗୀତ ହେବ ବୋଲି କୁହାଯାଉଛି। ଏବେ 'ବର୍ଡର-୨'ର ସୁଟିଂ ଜୋରସୋରରେ ଚାଲିଛି।






# ଥାଇ ଅଦା



**ଥାଇ ଅଦାର ସ୍ୱାଦ ଓ ସୁଗନ୍ଧ ଅଦାଠାରୁ ସାମାନ୍ୟ ଭିନ୍ନ ଥାଏ। ଏହି ଅଦା ଦକ୍ଷିଣ -ପୂର୍ବ ଏସିଆରେ ମିଳିଥାଏ। ରୋଷେଇ ଏବଂ ପାରମ୍ପରିକ ଚିକିତ୍ସାରେ ଏହାର ଉପଯୋଗ କରାଯାଇଥାଏ। ଅଦାର ଚାହିଦା ଅଧିକ ଥିବାରୁ ଏହାକୁ ଚାଷ କରି ଜଣେ ଲାଭବାନ ହୋଇପାରିବ।**

ଥାଇ ଅଦା ଚାଷ ପାଇଁ ପ୍ରଥମେ ଜଳନିଷ୍କାସିତ, ଦୋରସା, ଚିକ୍କଣିଆ, ଲାଲ୍ ମାଟି ଚୟନ କରିବେ। ଚାଷ ପାଇଁ ୨୫ରୁ ୩୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଉପଯୁକ୍ତ ହୋଇଥାଏ। ବର୍ଷା ହେବା ପୂର୍ବରୁ କିମ୍ବା ବର୍ଷା ହେବା ତୁରନ୍ତ ପରେ ଜମିରେ ବୁଣା କାମ କରିପାରିବେ। ବୁଣା ପାଇଁ ହେକ୍ଟର ପିଛା ୨ରୁ ୩ କ୍ୱିଣ୍ଟାଲ ବିହନ ଆବଶ୍ୟକ । ଏଥିପାଇଁ ଜମିକୁ ୨ରୁ ୩ ଥର ହଳ କରିଦିଅନ୍ତୁ। ଗୋବର ଖତ କିମ୍ବା ଜିଆଖତ ଉପଯୋଗ କରିପାରିବେ। ଜିଙ୍କ୍‌ର ଅଭାବ ଥିଲେ, ପ୍ରତି ହେକ୍ଟର ପିଛା ୬ କିଲୋ ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରିପାରିବେ। ଜମିରେ ଯେପରି ପାଣି ନ ଜମେ ସେଥିପାଇଁ ସଜାଗ ରହିବା ଜରୁରି।

ବିଶେଷ କଥା ହେଉଛି, ଅଦା ଫସଲକୁ ସମାନ ଜମିରେ ବାରମ୍ବାର ଲଗାଇବା ଦ୍ୱାରା ମାଟିର ପୋଷକତତ୍ତ୍ୱ ହ୍ରାସ ପାଇପାରେ। ଏଥିପ୍ରତି ସଚେତନ ରୁହନ୍ତୁ। ଫସଲରୁ ପୋକ ପ୍ରାଦୁର୍ଭାବ କମାଇବାକୁ କୀଟନାଶକ ଉପଯୋଗ କରିପାରିବେ। ୮ରୁ ୯ ମାସ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଟି ଅମଳ କରିପାରିବେ। ହେକ୍ଟର ପ୍ରତି ୧୫୦ରୁ ୨୦୦ କ୍ୱିଣ୍ଟାଲ ଅଦା ଅମଳ ହେଉଥିବାରୁ ଚାଷୀମାନେ ଅଧିକ ଲାଭ ପାଇଥାନ୍ତି।

# ଚିଆଁ କିଣିବା ପୂର୍ବ ଓ ପରର ସତର୍କତା



**ସମ୍ପ୍ରତି କୁକୁଡ଼ାପାଳନ ଏକ ଭଲ ବ୍ୟବସାୟ। ଫାର୍ମରେ କୁକୁଡ଼ାମାନଙ୍କର ସ୍ୱାସ୍ଥ୍ୟପ୍ରତି ଉପଯୁକ୍ତ ଦୃଷ୍ଟି ଦେଲେ, ତଥା ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସେମାନଙ୍କୁ ଖାଇବାକୁ ଦେଲେ, ସେମାନେ ହୃଷ୍ଟପୁଷ୍ଟ ହୋଇଥାନ୍ତି। ପୋଲ୍ଟ୍ରି ଫାର୍ମରେ କୁକୁଡ଼ା ଖାଉଥିବା ଦାନା ଓ ଔଷଧ ପାଇଁ ଅଧିକ ଖର୍ଚ୍ଚ ହେଉଥିବାବେଳେ ଚିଆଁ କିଣିବା ପୂର୍ବ ଏବଂ ପରର ସତର୍କତାକୁ ପାଳନ କରିବା ନିତାନ୍ତ ଆବଶ୍ୟକ।**

**ଫାର୍ମକୁ ଚିଆଁ ଆଣିବା ପୂର୍ବରୁ:** ପୋଲ୍ଟ୍ରି ଫାର୍ମକୁ ଚିଆଁ ଆଣିବା ପୂର୍ବରୁ ତଥା ଚିଆଁଙ୍କୁ ଫାର୍ମ ରଖିବା ପୂର୍ବରୁ କାନ୍ଥରେ କୀଟାଣୁନାଶକ ଔଷଧ ସିଞ୍ଚିବା ଜରୁରି। ଚିଆଁ ଆସିଲାପରେ ବ୍ରୁଡରର ଚାରି ପାର୍ଶ୍ୱରେ ଚିକ୍‌ଗାର୍ଡ ଲଗାଇବା ଉଚିତ। ଚିଆଁ ଆଠଦିନର ହୋଇଗଲେ, ଚିକ୍‌ଗାର୍ଡ ହଟାଇ ଦେବା ଜରୁରି। ଏହି ସମୟରେ ଚିଆଁ କିପରି ଚଳପ୍ରଚଳ କରିବେ ସେନେଇ ସ୍ଥାନ ବନାନ୍ତୁ। କେବଳ ସେତିକି ନୁହେଁ, ଫାର୍ମକୁ ଚିଆଁ ଆସିବାର ୧୨ ଘଣ୍ଟା ପୂର୍ବରୁ ବ୍ରୁଡର ସାହାଯ୍ୟରେ ଫାର୍ମକୁ ଗରମ କରିପାରିବେ। ଏଥିପାଇଁ ବ୍ରୁଡରରେ ଲଣ୍ଠନ କିମ୍ବା ବିଦ୍ୟୁତ୍ ବଲ୍‌ବ ସହାୟତା ନେଇପାରିବେ। ବିଶ୍ୱାସନୀୟ ହ୍ୟାଚେରୀରୁ ଚିଆଁ କିଣିବା ଜରୁରି। ବ୍ରୁଡର ଅଧିକ ଗରମ ହେଲେ ଏହାକୁ କମ୍ କରିଦେବା ଜରୁରି।

**ଚିଆଁ ପାଇଁ ଖାଦ୍ୟ ତାଲିକା:** ଚିଆଁର ବୟସ ଅନୁସାରେ ସେମାନଙ୍କୁ ତାଜା, ଶୁଦ୍ଧ ସନ୍ତୁଳିତ ଖାଦ୍ୟ ଦେବା ଆବଶ୍ୟକ। ଦାନାକୁ ସର୍ବଦା ଶୁଖିଲା ସ୍ଥାନରେ ରଖିବା ଜରୁରି। କାରଣ ଓଦାଳିଆ ସ୍ଥାନରେ ଦାନାରେ କବକ ଲାଗିବାର ଭୟ ରହିଥାଏ। କବକଯୁକ୍ତ ଦାନା ଖାଇବା ଦ୍ୱାରା କୁକୁଡ଼ାଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ତେଣୁ ଅଧିକ ସମୟ ଯାଏଁ ଦାନା ରଖିବା ଅନୁଚିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚିଆଁରୁ କୁକୁଡ଼ା ହେବାକୁ ପାଖାପାଖି ୧୩ କିଲୋ ଦାନାର ଆବଶ୍ୟକ ହୁଏ। ଗୋଟିଏ କୁକୁଡ଼ା ଦିନକୁ ପାଖାପାଖି ୧୦୦ରୁ ୧୨୦ ଗ୍ରାମ୍ ଦାନା ଖାଇଥାଏ।

# ଘାସ ନିୟନ୍ତ୍ରଣକାରୀ କାର୍ଡବୋର୍ଡ



ଅନ୍‌ଲାଇନ୍‌ରେ ଆସୁଥିବା ପାର୍ସଲଗୁଡିକ ସାଧାରଣତଃ ପେଟି ବା କାର୍ଡବୋର୍ଡରେ ଆସିଥାଏ। ଏହାକୁ ପ୍ରାୟତଃ ବର୍ଜ୍ୟଭାବି ଏଣେ ତେଣେ ଫିଙ୍ଗି ଦିଅନ୍ତି। ହେଲେ ଏହି କାର୍ଡବୋର୍ଡ ବଗିଚା କାମରେ ସହାୟକ ହୋଇପାରିବ।

କାର୍ଡବୋର୍ଡ ପ୍ରକୃତିର ଫିଲ୍ଟର ପରି କାମ କରିଥାଏ। ଏହା ପାଣିକୁ ପ୍ରବେଶ କରିବାକୁ ସ୍ୱତନ୍ତ୍ର ସ୍ତର ସୃଷ୍ଟି କରି ମାଟିର ଉର୍ବରତା ବଢ଼ାଇଥାଏ। ୯୫% ପର୍ଯ୍ୟନ୍ତ ଘାସକୁ ସୂର୍ଯ୍ୟାଲୋକ ପହଞ୍ଚାଇବାରେ ରୋକିଥାଏ। ଜମିରେ ହେଉଥିବା ପ୍ରକ୍ରିୟା ପରି କାର୍ଡବୋର୍ଡ ମଧ୍ୟ ସମାନ ପ୍ରକ୍ରିୟା ଅନୁସରଣ କରେ। କାର୍ଡବୋର୍ଡ ପ୍ରତି ଜିଆମାନେ ଅଧିକ ଆକର୍ଷିତ ହୋଇଥାନ୍ତି। ଏମାନେ ଏହାକୁ ଭାଙ୍ଗି ମାଟିରେ ବାୟୁ ଚଳାଚଳ କରନ୍ତି। ତେଣୁ ମାଟିରେ କାର୍ଡବୋର୍ଡକୁ ବିଛାଇବା ପୂର୍ବରୁ ଏହାକୁ ଭଲଭାବେ ଓଦା କରନ୍ତୁ। ଘାସ ନିୟନ୍ତ୍ରଣ ପାଇଁ କାର୍ଡବୋର୍ଡ ଖଣ୍ଡଗୁଡ଼ିକୁ ୬ରୁ ୮ ଇଞ୍ଚ ଉପର ପରସ୍ତ ପରସ୍ତ ଦେଇପାରିବେ। ଏହା ଉପରେ ୩ରୁ ୪ଇଞ୍ଚ ଖତ କିମ୍ବା ଓଦା ଘାସରେ ଢାଙ୍କି ଦେବା ଦ୍ୱାରା କାର୍ଡବୋର୍ଡ ମାଟିରେ ମିଶିଯାଇଥାଏ। ଫଳରେ ମାଟିର ଉର୍ବରଶକ୍ତି ବଢ଼ିଥାଏ। କାର୍ଡବୋର୍ଡକୁ ସିଟ୍ ମଲଚିଂ ସହିତ ବ୍ୟବହାର କରିବା ଦ୍ୱାରା ସପ୍ତାହରେ ପନିପରିବା କିମ୍ବା ଫଳ ଚାଷରୁ ଲାଭ ମିଳିଥାଏ। ଧ୍ୟାନ ରଖିବେ ଯେ, ସମସ୍ତ ପରିସ୍ଥିତି ପାଇଁ ଏହା ଉପଯୁକ୍ତ ନୁହେଁ। ସିଧାସଳଖ ବିହନ ପ୍ରୟୋଗ କରାଯାଇଥିବା ସ୍ଥାନରେ ଏହାକୁ ବ୍ୟବହାର କରିବା ଅନୁଚିତ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ଆଖୁ ଫସଲରେ କଳାଛାଟ ରୋଗ ନ ହେବା ପାଇଁ ବିହନ ଲଗାଇବା ସମୟରେ ଖଣ୍ଡକୁ ଲିଟର ପ୍ରତି ୧ରୁ ୧.୫ ଗାମ୍ କାର୍ବେଣ୍ଡାଜିମ୍ ଦ୍ରବଣରେ ୧୫ରୁ ୨୦ ମିନିଟ୍ ବୁଡାଇ ରଖି ଲଗାଇବା ଉଚିତ।
- ବର୍ତ୍ତମାନ ପାଗରେ ବାଇଗଣ ଫସଲରେ ବୀଜାଣୁ ଜନିତ ଝାଉଁଳା ରୋଗର ସଂକ୍ରମଣ ଦେଖାଦେଇପାରେ। ତେଣୁ ଏହାର ନିୟନ୍ତ୍ରଣ ପାଇଁ ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପିକୁ ମିଶ୍ରଣ କରି ଗଛ ମୂଳ ଅଂଶରେ ଥିବା ମାଟିକୁ ଭିଜାଇ ଦିଅନ୍ତୁ।
- ଭେଣ୍ଡି ଫଳ ଧରିବା ଅବସ୍ଥାରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳା ମାଛି ନିୟନ୍ତ୍ରଣ ନିହାତି ଜରୁରି। ଗଛ ୨ରୁ ୩ପତ୍ର ହେବା ଅବସ୍ଥାରେ ଏକର ପ୍ରତି ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ। ଏକର ପ୍ରତି ୪୦ ଗ୍ରାମ ଥିଆମିଥୋକ୍ସାମ କିମ୍ବା ୫୦ ଗ୍ରାମ୍ ଏସିଡାମିପ୍ରିଡ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁମାନଙ୍କୁ ପରିଷ୍କାର ଓ ଦରକାର ଅନୁଯାୟୀ ପାଣୀ ଦିଅନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଘାସ ଚରିବା ପାଇଁ ଦିଅନ୍ତୁ। ଦିନରେ ଦୁଇଥର ସ୍ନାନ କରାନ୍ତୁ। ସକାଳ ସମୟରେ କମ୍ ଖୁଆନ୍ତି। ସନ୍ଧ୍ୟାରେ ଅଧିକ ଖୁଆନ୍ତୁ।



## ଏକ ସଫଳ ଯୁଗର ଅବସାନ

# ଟେଷ୍ଟ କ୍ରିକେଟରୁ 'କିଙ୍ଗ' କୋହଲିଙ୍କ ଅବସର







ନୂଆଦିଲ୍ଲୀ,୧୨।୫ (ଏଜେନ୍ସି)

ଭାରତର ଅନ୍ୟତମ ଶ୍ରେଷ୍ଠ ଓ ସଫଳ କ୍ରିକେଟର ବିରାଟ 'କିଙ୍ଗ' କୋହଲି ଟେଷ୍ଟ କ୍ରିକେଟ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି। ଭାରତ ଯେତେବେଳେ ଇଂଲଣ୍ଡ ସହ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି, ତାହା ପୂର୍ବରୁ କୋହଲିଙ୍କ ଅବସର ନେବା ନିଷ୍ପତ୍ତି ଅନେକ କୋହଲିପ୍ରେମୀଙ୍କୁ ବିସ୍ମିତ କରିଛି। ମାତ୍ର ୫ ଦିନ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଟେଷ୍ଟରୁ ଅବସର ନେବାକୁ ଘୋଷଣା କରିଥିଲେ। ଆଜି ଟେଷ୍ଟ କ୍ରିକେଟ ଛାଡ଼ିବାକୁ କୋହଲି ଘୋଷଣା କରିବା ପରେ ଭାରତୀୟ କ୍ରିକେଟରେ ଏକ ସଫଳ ଯୁଗର ଅବସାନ ହୋଇଛି।

କ୍ରିକେଟ ଖେଳରେ ତୀବ୍ରତା, ଅତୁଳନୀୟ ଫିଟ୍‌ନେସ, ସଫଳତା ଲାଗି ସର୍ବଦା ଚେଷ୍ଟା କରିଆସୁଥିବା ଜଣେ କ୍ରିକେଟର ଭାବେ କୋହଲି ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ଟେଷ୍ଟ କ୍ରିକେଟକୁ ନୂତନ ଜୀବନଦାନ ଦେଇଥିବା ଏହି ଖେଳାଳି ନିଶ୍ଚିତ ଭାବେ ତାଙ୍କ ସମସାମୟିକ ଖେଳାଳିଙ୍କଠାରୁ ସବୁଗୁଣରେ ଉର୍ଦ୍ଧ୍ୱରେ ଥିଲେ। ୩୬ ବର୍ଷୀୟ ଏହି ଡାହାଣହାତୀ ମିଡଲ ଅର୍ଡର ବ୍ୟାଟର ଦୀର୍ଘ ୧୪ ବର୍ଷର ଟେଷ୍ଟ କ୍ୟାରିୟର ମଧ୍ୟରେ ୧୨୩ଟି ମ୍ୟାଚ୍ ଖେଳିଛନ୍ତି। ସେ ୪୮.୭ ହାରରେ ୯,୨୩୦ ରନ୍ ସଂଗ୍ରହ କରିଥିଲାବେଳେ ଏହା ମଧ୍ୟରେ ୩୦ଟି ଶତକ ଓ ୩୧ଟି ଅର୍ଦ୍ଧଶତକ ରହିଛି। ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫିରେ ସେ ଖେଳିଥିଲେ। ଏହାକୁ ଏକ ବିଦାୟକାଳୀନ ଟୁର ବୋଲି ଭାବିବା ସମସ୍ତଙ୍କ ଲାଗି କଷ୍ଟକର ଥିଲା।

ଏହି ଟୁର୍‌ରେ କୋହଲି ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଇଥିବା ବିଫଳତାକୁ ପଛରେ ପକାଇଦେଇଥିଲେ। କିନ୍ତୁ ପ୍ରଥମ ଟେଷ୍ଟରେ ଶତକ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ମାତ୍ର ୧୯୦ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରୁ ଶେଷ ୪ଟି ଟେଷ୍ଟରୁ ମିଳିଥିଲା ୮୫ ରନ୍। ଏହି ସିରିଜ୍‌ରେ 'ମୁଭିଂ' ବଲ୍‌କୁ ଖେଳିବାରେ ତାଙ୍କୁ ସଂଘର୍ଷ କରିବାର ଦେଖିବାକୁ ପଡ଼ିଥିଲା। ସିରିଜ୍‌ରେ ସେ ୧୦ଥର ଆଉଟ ହୋଇଥିଲାବେଳେ ୮ଥର ସ୍ଲିପ୍ କର୍ଡନରେ କ୍ୟାଚ୍ ଦେଇଥିଲେ। ରିପୋର୍ଟ ଅନୁଯାୟୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ଦଳର ନେତୃତ୍ୱ ନେବାକୁ ଇଚ୍ଛା କରିଥିବା ବେଳେ ଅବସର ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୋହଲିଙ୍କ କ୍ଲାସ୍ ଓ କମିଟ୍‌ମେଣ୍ଟ ଉପରେ ଆଦୌ ସନ୍ଦେହ ନ ଥିଲେ ମଧ୍ୟ ଗତ ୪ବର୍ଷ ହେଲା ତାଙ୍କର ଫର୍ମ ନ ରହିବା ଚିନ୍ତାଜନକ ହୋଇଥିଲା। ବିଶେଷକରି ଓଭରସିଜ୍ ପିଚ୍‌ରେ ତାଙ୍କ ବ୍ୟାଟିଂ ଫେଲ ମାରିବା ଦଳକୁ ଅଡୁଆରେ ପକାଇଥିଲା। ୨୦୧୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଳି କୋହଲି ଟେଷ୍ଟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ବନିଯାଇଥିଲେ। ଜଣେ ଅଧିନାୟକ ଭାବେ ଆକ୍ରମଣାତ୍ମକ ଖେଳ ଓ ଅସମ୍ଭବ ଫିଟ୍‌ନେସ୍‌କୁ ଆଗକୁ ଆଣିଥିଲେ। ୨୦୧୮-୧୯ ଅଷ୍ଟ୍ରେଲିଆରେ ଭାରତର ପ୍ରଥମ ଟେଷ୍ଟ ସିରିଜ୍ ବିଜୟ ଓ ଭାରତକୁ ଆଇସିସି ଟେଷ୍ଟ ମାନ୍ୟତାରେ ନଂ-୧ କରାଇବାରେ କୋହଲିଙ୍କ ଅବଦାନ ଥିଲା ଅତୁଳନୀୟ। ତାଙ୍କ ନେତୃତ୍ୱରେ ଭାରତ ୬୮ଟି ଟେଷ୍ଟ ଖେଳିଥିଲା ବେଳେ ସର୍ବାଧିକ ୪୦ଟି ମ୍ୟାଚ୍ ଜିତି ଭାରତୀୟଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ଗତବର୍ଷ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଭାରତକୁ ଚାମ୍ପିଅନ କରାଇବା ପରେ ସେ ଏହି ଫର୍ମାଟରୁ ଅବସର ନେଇଥିଲେ। ଏବେ ସେ ୫୦ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ଖେଳିବା ଜାରି ରଖିଛନ୍ତି। କିନ୍ତୁ ତାଙ୍କ ଅବସର ପରେ ଟେଷ୍ଟ କ୍ରିକେଟରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ପୂରଣ ହେବା କଷ୍ଟକର।

### ଟେଷ୍ଟ କ୍ୟାରିୟର

| | |
|---|---|
| ଅବଧି | ୨୦୧୧ରୁ ୨୦୨୫ |
| ମ୍ୟାଚ୍ | ୧୨୩ |
| ଇନିଂସ | ୨୧୦ |
| ଅପରାଜିତ | ୧୩ |
| ରନ୍ | ୯୨୩୦ |
| ସର୍ବାଧିକ | ଅପରାଜିତ ୨୫୪ |
| ଆଭରେଜ୍ | ୪୮.୦୭ |

### ବଲ୍ ଖେଳିଛନ୍ତି

୧୬୬୦୮

| | |
|---|---|
| ଶତକ | ୩୦ |
| ଅର୍ଦ୍ଧଶତକ | ୩୧ |
| ଶୂନ | ୧୫ଥର |
| ଚୌକା | ୧୦୨୭ |
| ଛକା | ୩୦ |

### ସଂକ୍ଷେପରେ ଟେଷ୍ଟ ରେକର୍ଡ

- ୫ଥର : ଭାରତୀୟ ବ୍ୟାଟର୍ ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ- ୨୦୧୨, ୨୦୧୫, ୨୦୧୬, ୨୦୧୮ ଓ ୨୦୨୩।
- ୨୫୪ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ରନ- ଅପରାଜିତ ୨୫୪ ବନାମ ଦକ୍ଷିଣ ଆଫ୍ରିକା (୨୦୧୯)।
- ୨୦ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ (୨୦ଟି) ଶତକ।
- ୫୮୬୪ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ (୫୮୬୪ ରନ) ରନ।
- ୭ : ଭାରତୀୟ ଭାବେ ସର୍ବାଧିକ ଦ୍ୱିଶତକ (୭ଟି)।
- ୬ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଦ୍ୱିଶତକ (୬ଥର)
- ୪୦ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ମ୍ୟାଚ୍ (୪୦ଟି) ବିଜୟ।
- ୪ : କ୍ରମାଗତ ୪ ସିରିଜରେ ଦ୍ୱିଶତକ
- ୯୩୭ : ଭାରତୀୟ ବ୍ୟାଟର୍ (ପୁରୁଷ) ଭାବେ ସର୍ବୋଚ୍ଚ ରେଟିଂ (୯୩୭, ୨୦୧୮ ମସିହାରେ) ପଏଣ୍ଟ।
- ପ୍ରଥମ : ପ୍ରଥମ ଏସୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆ ମାଟିରେ (୨୦୧୮-୧୯) ଟେଷ୍ଟ ସିରିଜ ବିଜୟ।
- ୯ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ କ୍ରମାଗତ (୯ଟି) ଟେଷ୍ଟ ସିରିଜ ବିଜୟ।
- ୭ : ଭାରତୀୟ ଭାବେ ଅଷ୍ଟ୍ରେଲିଆ ମାଟିରେ ସର୍ବାଧିକ (୭ଟି) ଟେଷ୍ଟ ଶତକ।

### ବିଭିନ୍ନ ଦେଶ ବିପକ୍ଷରେ ପ୍ରଦର୍ଶନ

| ପ୍ରତିପକ୍ଷ | ମ୍ୟାଚ୍ | ଇନିଂସ | ରନ | ସର୍ବାଧିକ | ଆଭରେଜ | ୧୦୦/୫୦ |
|---|---|---|---|---|---|---|
| ଅଷ୍ଟ୍ରେଲିଆ | ୩୦ | ୫୩ | ୨୨୩୨ | ୧୮୬ | ୪୩.୭୬ | ୯/୫ |
| ବାଂଲାଦେଶ | ୮ | ୧୩ | ୫୩୬ | ୨୦୪ | ୪୮.୭୨ | ୨/୦ |
| ଇଂଲଣ୍ଡ | ୨୮ | ୫୦ | ୧୯୯୧ | ୨୩୫ | ୪୨.୩୬ | ୫/୯ |
| ନ୍ୟୁଜିଲାଣ୍ଡ | ୧୪ | ୨୭ | ୯୫୯ | ୨୧୧ | ୩୮.୩୬ | ୩/୪ |
| ଦ.ଆଫ୍ରିକା | ୧୬ | ୨୮ | ୧୪୦୮ | ୨୫୪* | ୫୪.୧୫ | ୩/୫ |
| ଶ୍ରୀଲଙ୍କା | ୧୧ | ୧୮ | ୧୦୮୫ | ୨୪୩ | ୬୭.୮୧ | ୫/୨ |
| ୱେଷ୍ଟଇଣ୍ଡିଜ | ୧୬ | ୨୧ | ୧୦୧୯ | ୨୦୦ | ୪୮.୫୨ | ୩/୬ |

### ଅଧିନାୟକ ଓ ଅଣଅଧିନାୟକ ଭାବେ ଟେଷ୍ଟ ରେକର୍ଡ

| ଭୂମିକା | ଅବଧି | ମ୍ୟାଚ୍ | ଇନିଂସ | ରନ | ସର୍ବାଧିକ | ଆଭରେଜ | ୧୦୦/୫୦ |
|---|---|---|---|---|---|---|---|
| ଅଧିନାୟକ | ୨୦୧୪-୨୦୨୨ | ୬୮ | ୧୧୩ | ୫୮୬୪ | ୨୫୪* | ୫୪.୮୦ | ୨୦/୧୮ |
| ଖେଳାଳି | ୨୦୧୧-୨୦୨୫ | ୫୫ | ୯୭ | ୩୩୬୬ | ୧୮୬ | ୩୭.୪୦ | ୧୦/୧୩ |




## ଆଉ ଦେଖିବାକୁ ମିଳିବନି ଜର୍ସି ନଂ- ୪୫ ଓ ୧୮

ପାଞ୍ଚଦିନ ତଳେ ସମସ୍ତଙ୍କୁ ଚକିତ କରି ଅଧିନାୟକ ରୋହିତ୍ ଶର୍ମା ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କରିଥିଲା। ସେବେଠୁ ବିରାଟ କୋହଲିଙ୍କ ଅବସରକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଆଉ ଏହାକୁ ସତରେ ପ୍ରମାଣିତ କରି ସୋମବାର କୋହଲି ମଧ୍ୟ କ୍ରିକେଟ୍‌ର ଏହି ଲମ୍ବା ଫର୍ମାଟ୍‌କୁ ବାଏ ବାଏ କହିଛନ୍ତି। ଫଳରେ ଗୋଟିଏ ସପ୍ତାହର ବ୍ୟବଧାନରେ ଦୁଇ ମହାନ ବ୍ୟାଟର୍‌ଙ୍କ ଅବସର ଭାରତୀୟ ରେଡ୍ ବଲ୍ କ୍ରିକେଟ୍‌ର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଉଭୟଙ୍କ ଅବସର ଏକ ଯୁଗର ଅବସାନ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଉଭୟ ରୋହିତ୍ ଓ କୋହଲି ଟେଷ୍ଟରେ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ରହିଆସିଥିଲେ। ଲର୍ଡ୍ସରୁ ଆଡିଲେଡ୍ ଓ ଚେପକ୍‌ରୁ କେପ୍ ଟାଉନ ପର୍ଯ୍ୟନ୍ତ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଉଭୟ ଟେଷ୍ଟରେ ଦେଶ ପାଇଁ ଲଢ଼େଇ କରିଚାଲିଥିଲେ। ଏବେ କିନ୍ତୁ ଉଭୟଙ୍କ ବିନା ଭାରତୀୟ ଟେଷ୍ଟ ଏକାଦଶ ଏକ ବିରାଟ ଶୂନ୍ୟସ୍ଥାନ ସଦୃଶ ମନେ ହେଉଛି। ଟେଷ୍ଟ କ୍ରିକେଟ୍‌ରେ ଆଉ ଦୁଇ ଚର୍ଚ୍ଚିତ ଜର୍ସି ନଂ-୧୮ (ବିରାଟ) ଓ ନଂ-୪୫ (ରୋହିତ) ଦେଖିବାକୁ ମିଳିବନି। ଜୁନରୁ ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜରେ କିଏ ଉଭୟଙ୍କ ସ୍ଥାନ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଧନ୍ୟବାଦ୍ ବିରାଟ

ଧନ୍ୟବାଦ୍ ବିରାଟ କୋହଲି। ଟେଷ୍ଟ କ୍ରିକେଟ୍‌ରେ ଏକ ଯୁଗର ଅବସାନ ହୋଇଯାଇଛି, କିନ୍ତୁ ଏହି ପରମ୍ପରା ସବୁଦିନ ପାଇଁ ଜାରି ରହିବ। ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଦଳ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ମରଣ ରହିବ।

- **ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ**

ଧଳା ଜର୍ସି କାଢ଼ିଲ କିନ୍ତୁ ମୁକୁଟ ଅକ୍ଷୁର୍ଣ୍ଣ। ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା ଜଣାଇଲେ। ଏକ ଅତୁଳନୀୟ ଐତିହ୍ୟ ଛାଡ଼ିଗଲେ।

- **ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ** (ଆଇସିସି)

ତୁମେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିବା ପରେ ୧୨ ବର୍ଷ ପୂର୍ବେ ମୋର ଶେଷ ଟେଷ୍ଟ ସମୟରେ ତୁମର ବିଚାରଶୀଳ ହାବଭାବ ମନେପଡ଼ୁଛି। ତୁମେ ତୁମର ସ୍ୱର୍ଗତ ପିତାଙ୍କ ଏକ ସୂତା ମୋତେ ଉପହାର ଦେବାକୁ ପ୍ରସ୍ତାବ ଦେଇଥିଲ। ଏହା ଗ୍ରହଣ କରିବା ମୋ ଲାଗି ଅତ୍ୟନ୍ତ ବ୍ୟକ୍ତିଗତ ଥିଲା କିନ୍ତୁ ତୁମର ଭାବ ମୋ ହୃଦୟକୁ ଛୁଇଁଯାଇଥିଲା। ମୋ ପାଖରେ ପ୍ରତିବଦଳରେ ଦେବା ପାଇଁ କୌଣସି ସୂତା ନାହିଁ। ଦୟାକରି ଜାଣିରଖ ଯେ ତୁମେ ମୋର ଗଭୀର ପ୍ରଶଂସା ଓ ଶୁଭକାମନା ବହନ କରୁଛ। ତୁମର ଟେଷ୍ଟ କ୍ୟାରିୟର କେତେ ଚମତ୍କାର ରହିଛି। ତୁମେ ଭାରତୀୟ କ୍ରିକେଟକୁ କେବଳ ରନ ଦେଇନାହଁ, ତୁମେ ଆଗାମୀ ପିଢ଼ିକୁ ଏକ ଉତ୍ସାହୀ ପ୍ରଶଂସକ ଓ ଖେଳାଳି ଦେଇଛ।

- **ସଚିନ ତେନ୍ଦୁଲକର**, କିମ୍ବଦନ୍ତୀ କ୍ରିକେଟର୍

ଏକ ପ୍ରକୃତ ଉଲ୍ଲେଖନୀୟ ଟେଷ୍ଟ କ୍ୟାରିୟରର ଅନ୍ତ ଘଟିଛି। ବିରାଟ ତୁମେ କେବଳ ଚମତ୍କାର ବ୍ୟାଟିଂ ମାଧ୍ୟମରେ ଗ୍ରାଉଣ୍ଡକୁ ଆଲୋକିତ କରିନାହଁ, ତୁମେ ଟେଷ୍ଟ କ୍ରିକେଟରେ ଜଣେ ମହାନ ସମର୍ଥକ ମଧ୍ୟ ଥିଲ। ମୁଁ ତୁମର ଉତ୍ସାହ ଓ ଜଣେ ଚାମ୍ପିଅନ ମାନସିକତାକୁ ଭଲ ପାଏ।

- **ଭିଭିଏସ୍ ଲକ୍ଷ୍ମଣ**, ପୂର୍ବତନ ଭାରତୀୟ ବ୍ୟାଟର୍

ଚମତ୍କାର ଟେଷ୍ଟ କ୍ୟାରିୟର ଲାଗି ଅଭିନନ୍ଦନ। ତୁମର ଦୃଢ଼ ସଂକଳ୍ପ ଓ କୌଶଳ ମୋତେ ସର୍ବଦା ପ୍ରେରିତ କରିଛି। ପ୍ରକୃତ କିମ୍ବଦନ୍ତୀ।

- **ଏବି ଡି ଭିଲର୍ସ**, ଦକ୍ଷିଣ ଆଫ୍ରିକା କ୍ରିକେଟର୍

ତୁମେ ଅବସର ନେଲ ବିଶ୍ୱାସ କରିହେଉ ନାହିଁ। ତୁମେ ଆଧୁନିକ କ୍ରିକେଟ୍‌ର ଜଣେ ମହାନ ଖେଳାଳି। ତୁମେ ଯେଉଁଭଳି ଖେଳିଲ ଓ ନେତୃତ୍ୱ ନେଲ ଟେଷ୍ଟ କ୍ରିକେଟ୍‌ର ପ୍ରକୃତ ଆମ୍ବାସାଡର।

- **ରବି ଶାସ୍ତ୍ରୀ**, କ୍ରିକେଟର୍ ଓ ଭାଷ୍ୟକାର

ମୋ ଖେଳିବା ଓ ଭାଷ୍ୟକାର ଜୀବନରେ ବିରାଟ କୋହଲିଙ୍କ ପରି ଆଉ କେହି ଟେଷ୍ଟ କ୍ରିକେଟ୍ ପାଇଁ ସେମିତି କିଛି କରିପାରିନାହାନ୍ତି। ତାଙ୍କର ଆଗ୍ରହ, ଶକ୍ତି ଓ ସର୍ବୋତ୍ତମ ଫର୍ମାଟ୍ ପ୍ରତି ପ୍ରତିବଦ୍ଧତା ବହୁତ ସାହାଯ୍ୟ କରିଛି। ମୁଁ ଆଶା କରୁଛି ପରବର୍ତ୍ତୀ ପିଢ଼ିର ଭାରତୀୟ କ୍ରିକେଟର୍ ତାଙ୍କର ମାନସିକତାକୁ ଗ୍ରହଣ କରିବେ।

- **ମାଇକେଲ୍ ଭନ୍**, ପୂର୍ବତନ ଇଂଲଣ୍ଡ କ୍ରିକେଟର୍

### 'ମୁଁ ଦେଖିଛି ତୁମର ଲୁହ'



ଲୋକମାନେ ରେକର୍ଡ ଓ କୀର୍ତ୍ତିମାନ ବିଷୟରେ ଆଲୋଚନା କରିବେ। କିନ୍ତୁ ତୁମେ କେବେ ଦେଖାଇ ନ ଥିବା ଲୁହ, କେହି ଦେଖି ନ ଥିବା ସଂଘର୍ଷ ଓ କ୍ରିକେଟ୍‌ର ଏହି ଫର୍ମାଟ୍‌କୁ ତୁମେ ଦେଇଥିବା ଭଲ ପାଇବାକୁ ମୁଁ ମନେ ରଖିବି। ପ୍ରତି ଟେଷ୍ଟ ସିରିଜ ପରେ ତୁମେ ଟିକେ ବୁଦ୍ଧିମାନ ଓ ଟିକେ ବିନମ୍ର ହୋଇ ଫେରି ଆସିଛ। ଏସବୁରେ ତୁମର ଉନ୍ନତି ଦେଖିବା ଏକ ସମ୍ମାନର କଥା। ମୁଁ ସର୍ବଦା ଭାବୁଥିଲି ତୁମେ କେବେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେବ। କିନ୍ତୁ ତୁମେ ସବୁବେଳେ ତୁମର ହୃଦୟର କଥାକୁ ଶୁଣିଲ।

- **ଅନୁଷ୍କା ଶର୍ମା** (ବିରାଟଙ୍କ ପତ୍ନୀ)

## ୧୭ରୁ ପୁଣି ଆଇପିଏଲ୍, ୩ରେ ଫାଇନାଲ

ନୂଆଦିଲ୍ଲୀ,୧୨।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ସ୍ଥଗିତ ରହିଥିବା ଆଇପିଏଲ୍-୧୮ ସଂସ୍କରଣର ଅବଶିଷ୍ଟ ମୁକାବିଲା ମେ ୧୭ରୁ ଆରମ୍ଭ ହେବ। ଏବେ ବାକିଥିବା ୧୭ଟି ମ୍ୟାଚ୍ ୬ଟି ଭେନ୍ୟୁରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ କାର୍ଯ୍ୟସୂଚୀରେ ଦର୍ଶାଯାଇଛି। ବାକିଥିବା ଖେଳସୂଚୀରେ ୨ଟି ଡବଲ ହେଡର ମ୍ୟାଚ୍ ରହିଛି। ମେ ୨୯ରେ କ୍ୱାଲିଫାୟର-୧, ୩୦ରେ ଏଲିମିନେଟର, ଜୁନ୍-୧ରେ କ୍ୱାଲିଫାୟର-୨ ଓ ଜୁନ୍ ୩ରେ ଫାଇନାଲ ଖେଳାଯିବ। ପ୍ଲେ ଅଫ ମ୍ୟାଚ୍‌ଗୁଡିକର ଭେନ୍ୟୁ ପରେ ଘୋଷଣା କରାଯିବ।

### ପରିବର୍ତ୍ତିତ ଖେଳସୂଚୀ

୧୭-୫: ବେଙ୍ଗାଲୁରୁ-କୋଲକାତା, ବେଙ୍ଗାଲୁରୁ, ୧୮-୫: ରାଜସ୍ଥାନ-ପଞ୍ଜାବ*, ଜୟପୁର, ୧୮-୫: ଦିଲ୍ଲୀ-ଗୁଜରାଟ, ଦିଲ୍ଲୀ, ୧୯-୫: ଲକ୍ଷ୍ନୌ-ହାଇଦରାବାଦ୍, ଲକ୍ଷ୍ନୌ, ୨୦-୫: ଚେନ୍ନାଇ-ରାଜସ୍ଥାନ, ଦିଲ୍ଲୀ, ୨୧-୫: ମୁମ୍ବାଇ- ଦିଲ୍ଲୀ, ମୁମ୍ବାଇ, ୨୨-୫: ଗୁଜରାଟ-ଲକ୍ଷ୍ନୌ, ଅହମ୍ମଦାବାଦ୍, ୨୩-୫: ବେଙ୍ଗାଲୁରୁ-ହାଇଦରାବାଦ୍, ବେଙ୍ଗାଲୁରୁ, ୨୪-୫: ପଞ୍ଜାବ-ଦିଲ୍ଲୀ, ଜୟପୁର, **୨୫-୫: ଗୁଜରାଟ-ଚେନ୍ନାଇ***, ଅହମ୍ମଦାବାଦ୍, ୨୫-୫: ହାଇଦରାବାଦ୍-କୋଲକାତା, ଦିଲ୍ଲୀ, ୨୬-୫: ପଞ୍ଜାବ-ମୁମ୍ବାଇ, ଜୟପୁର, ୨୭-୫: ଲକ୍ଷ୍ନୌ-ବେଙ୍ଗାଲୁରୁ, ଲକ୍ଷ୍ନୌ, ୨୯-୫: ପ୍ରଥମ କ୍ୱାଲିଫାୟର, ୩୦-୫: ଏଲିମିନେଟର, ୧-୬: କ୍ୱାଲିଫାୟର-୨, ୩-୬: ଫାଇନାଲ।

* ଚିହ୍ନିତ ମ୍ୟାଚ୍ ଅପରାହ୍ଣ ୩ଟା ୩୦ ଓ ଅନ୍ୟ ମ୍ୟାଚ୍‌ଗୁଡ଼ିକ ରାତି ୭.୩୦ରୁ ଆରମ୍ଭ ହେବ।

## କାଟାଗୋରୀ-ବି'ରେ ମୈତ୍ରେୟୀ ଚାମ୍ପିଅନ

### କିଟ୍ ଅନ୍ତର୍ଜାତୀୟ ଚେସ୍




ଭୁବନେଶ୍ୱର,୧୨।୫ (ସମିସ): କିଟ୍ ପରିସରରେ ଗତ ୯ରୁ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର କାଟାଗୋରୀ-ବି' ପ୍ରତିଯୋଗିତା ଶେଷ ହୋଇଛି। ଏହି କାଟାଗୋରୀରେ ପଶ୍ଚିମବଙ୍ଗର ମହିଳା ଖେଳାଳି ମୈତ୍ରେୟୀ ମଣ୍ଡଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ମୈତ୍ରେୟୀ ଓ ଝାଡଖଣ୍ଡର ଦେବାଞ୍ଜନ ସିହ୍ନା ୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ମୈତ୍ରେୟ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହ ୧ ଲକ୍ଷ ଓ ଦେବାଞ୍ଜନ ରନର୍ସ ଅପ୍ ହୋଇ ଟ୍ରଫି ସହ ୭୫,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ଏହି କାଟାଗୋରୀର ଟପ୍-୧୦ଜଣଙ୍କ ମଧ୍ୟରେ ୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଲଳିତ ରଞ୍ଜନ ସାହୁ ଓ ବିନାୟକ ରଥ। ଲଳିତ ୭.୫ ପଏଣ୍ଟ ସହ ୭ମ ଓ ବିନାୟକ ୭.୫ ପଏଣ୍ଟ ସହ ୮ମ ସ୍ଥାନ ଅଧିକାର କରି ଯଥାକ୍ରମେ ୩୦ ଓ ୨୫ ହଜାର ଲେଖାଏଁ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଦେବାର୍ପିତ ମିଶ୍ର ଏକାଦଶ, ପୂର୍ଣ୍ଣ ଖିଲୋ ୧୮ତମ ସ୍ଥାନ ହାସଲ କରି ପ୍ରଥମ ୨୦ଜଣଙ୍କ ମଧ୍ୟରେ ରହିଛନ୍ତି। ଏହି କାଟାଗୋରରେ ବିଭିନ୍ନ ରେଟିଂରେ ଓ ପ୍ରଥମ ୪୩ ଜଣ ଖେଳାଳିଙ୍କୁ ମୋଟ ୧୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜକ କି ଓ କିସ୍‌ରୁ ୫୫ଜଣ ଖେଳାଳି ଭାଗ ନେଇଥିଲାବେଳେ ୨୨ଜଣ ବିଭିନ୍ନ ବିଭାଗରେ ପୁରସ୍କାର ଲାଭ କରିଛନ୍ତି। କାଟାଗୋରୀ ଏ, ବି ଓ ସି'ରେ ଚାମ୍ପିଅନ ହୋଇଥିବା ଖେଳାଳି ଚାହିଁଲେ କିଟ୍ ଓ କିସ୍‌ରେ ମାଗଣାରେ ପାଠପଢ଼ିବା ଲାଗି ସେମାନଙ୍କୁ ମାଗଣାରେ ସୁଯୋଗ ଦିଆଯିବ ବୋଲି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଘୋଷଣା କରିଛନ୍ତି। ଖେଳ ଶେଷରେ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ପ୍ରଫେସର ସରଣଜିତ ସିଂହ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଆଇଏମ୍ ଶେଖର ସାହୁ, କିଟ୍-କିସ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ସତ୍ୟରଞ୍ଜନ ପଟ୍ଟନାୟକ ଓ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଓଡ଼ିଶାରୁ ଜ୍ୟୋତି, ସୁଜାତା ଓ ସୁନେଲିତା ସାମିଲ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଲାଗି ଭାରତୀୟ ଦଳ ଘୋଷିତ**

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଭାରତ ବାହାରେ ଜୁନ୍ ୧୪ରୁ ୨୯ ତାରିଖ ଯାଏ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମହିଳା ହକି ଲାଗି ସଲିମା ଟେଟେଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରକ୍ଷଣଭାଗରେ ଜ୍ୟୋତି ଛତ୍ରୀ, ମଧ୍ୟଭାଗରେ ସୁଜାତା କୁଜୁର ଓ ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଆଉ ଜଣେ ଖେଳାଳି ଆଜମିନା କୁଜୁରଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଶେଷସ୍ଥାନରେ ରହିଥିବା ଦଳ ନେସନ୍ସ କପ୍‌ରୁ ବିଦାହେବ। ଭୁବନେଶ୍ୱର ଲେଗ୍ ପରେ ଭାରତ ୯ ପଏଣ୍ଟ ପାଇ ୯ଟି ଦଳ ମଧ୍ୟରେ ୬ଷ୍ଠ ସ୍ଥାନରେ ରହିଛି। ବିଦେଶରେ ଭାରତ ତାହାର ମ୍ୟାଚ୍ ଗୁଡିକ ମଧ୍ୟରୁ ଲଣ୍ଡନରେ ଅଷ୍ଟ୍ରେଲିଆ ସହ ୧୪ ଓ ୧୫ରେ, ଆର୍ଜେଣ୍ଟିନା ସହ ଜୁନ୍ ୧୭ ଓ ୧୮ରେ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS